ନାଗରିକ ପାଠମାଳା ୨

ଭୂମିକା

ଏହି ପୁସ୍ତକ ପାଠ କଲା ବେଳକୁ ଆମ ସ୍କୁଲରେ ଛାତ୍ରମାନଙ୍କର ବୟସ ୧୨, ୧୩, ୧୪ ହୋଇ ଯାଇଥିବ । ଅନେକଙ୍କ ପକ୍ଷରେ ଏହାହିଁ ହେବ—ଶେଷ ଅଧ୍ୟୟନ । ଯେଉଁ ଯେଉଁ ଦେଶରେ ପ୍ରାଇମେରୀ ଶିକ୍ଷା ବାଧ୍ୟତାମୂଳକ, ସେଠି ପ୍ରାୟ ଚୌଦ ବର୍ଷକୁହିଁ ବାଧ୍ୟତାର ସୀମା ରୂପେ ରଖା ଯାଇଥାଏ । ପାଞ୍ଚବର୍ଷ ବୟସରୁ ଚୌଦବର୍ଷ ବୟସ ପର୍ଯ୍ୟନ୍ତ ଅଠବର୍ଷ ଶିକ୍ଷା ଦେଶର ସାଧାରଣ ନାଗରିକର ସାଧାରଣ ବ୍ୟାବହାରିକ ପ୍ରୟୋଜନ ପାଇଁ ଯଥେଷ୍ଟ ବୋଲି ମନେ କରାଯିବା ଉଚିତ୍ । ଏହି ପର୍ଯ୍ୟାୟର ପ୍ରତ୍ୟେକ ପୁସ୍ତକରେ ଛାତ୍ରମାନଙ୍କ ଚିତ୍ତରେ ନାଗରିକ ଗୁଣାବଳୀର ବପନ ଓ ଅଭିବୃଦ୍ଧି ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଯେପରି ଚେଷ୍ଟା କରାଯାଇଛି, ଏହି ଦୁଇଟି ପୁସ୍ତକରେ ମଧ୍ୟ ତାହା କରାଯାଇଛି । ପରନ୍ତୁ ଏଥିରେ ଚେଷ୍ଟା କରାଯାଇଛି ଯେ, ଓଡ଼ିଶା ସ୍କୁଲରେ ପଢୁଥିବା ଓଡ଼ିଶାର କିଶୋର କିଶୋରୀମାନଙ୍କ ମନରେ ଓଡ଼ିଶା, ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ପ୍ରତି ଯେପରି ଶ୍ରଦ୍ଧା ଓ ମମତା ଜାଗ୍ରତ ହୁଏ, ସେହି ଲକ୍ଷ୍ୟରେ ଜନପ୍ରିୟ କେତେକ ପ୍ରାଚୀନ ଓଡ଼ିଆ ଗ୍ରନ୍ଥରୁ କବିତାଂଶ, କେତେକ ଓଡ଼ିଆ କବି ଓ ମନୀଷୀଙ୍କ ଜୀବନୀ, ପୁଣି ଓଡ଼ିଶାର କଳା ଓ ଐତିହାସିକ ଗୌରବ ଘେନି ପ୍ରବନ୍ଧାଦି ସନ୍ନିବେଶିତ କରାଯାଇଛି । ତାହା ସଙ୍ଗେ ସଙ୍ଗେ ଉଦାର ମହାଭାରତୀୟ ଓ ବିଶ୍ୱଜନୀନ ଭାବର ଉଦ୍ରେକ ପାଇଁ ମଧ୍ୟ ଯଥୋଚିତ ବ୍ୟବସ୍ଥା କରାଯାଇଛି । ଏ ପୁସ୍ତକମାନଙ୍କରେ ଏପରି କୌଣସି ହେଲେ ପ୍ରବନ୍ଧ ବା କବିତା ଦିଆଯାଇ ନାହିଁ—ଯାହା କେବଳ ପୃଷ୍ଠା ସଂଖ୍ୟା ପୂରଣ କରିବା ପାଇଁ ମନେ କରାଯିବ ବା ଆନନ୍ଦ ଓ ଶିକ୍ଷା ଦିଗରୁ ଯାହାର କୌଣସି ବିଶିଷ୍ଟତା ନାହିଁ ।

—ଲେଖକ—

Digitized by srujanika@gmail.com

ସେବକ-ସତ୍ତମ ବାପୁଜୀ

କୋଟି କୋଟି ଲୋକଙ୍କର ପୂଜା ପାଉଥିଲେ ମଧ୍ୟ ବାପୁଜୀ ନିଜକୁ କେବେହେଲେ ଅନ୍ୟ କାହାଠାରୁ ମହତ୍ତର ବୋଲି ମନେ କରୁ ନ ଥିଲେ । ତାଙ୍କର ଚିତ୍ତରେ ସମ୍ପୂର୍ଣ୍ଣ ରୂପେ ସେ ନିଜକୁ ଅନ୍ୟର ଜଣେ ଦୀନ ସେବକ ବୋଲି ଭାବୁଥିଲେ । ତାଙ୍କର ଏହି ବିନୟ, ଏହି ଉଦାର ସେବା ଭାବର ଗୋଟିଏ ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା ।

ବାପୁଜୀ ସେତେବେଳେ ସାବରମତୀ ଆଶ୍ରମରେ ଥାଆନ୍ତି । ବାରିଷ୍ଟର ମୋହନ ଦାସ ଗାନ୍ଧି ସେତେବେଳକୁ ବିଶ୍ୱପ୍ରସିଦ୍ଧ ମହାତ୍ମା ଗାନ୍ଧିରେ ପରିଣତ ହୋଇ ସାରିଥିଲେ । ତେଣୁ କେବଳ ଭାରତବର୍ଷ ନୁହେଁ, ପୃଥିବୀର ସର୍ବାଞ୍ଚଳରୁ ଅସଂଖ୍ୟ ଲୋକ ତାଙ୍କର ଦର୍ଶନ ଲାଭ ପାଇଁ ସାବରମତୀ ଆଶ୍ରମକୁ ଆସୁଥିଲେ । ଦର୍ଶକ ମାନଙ୍କର ଭିଡ଼ ଏପରି ହେଉଥାଏ ଯେ, ଆଶ୍ରମରେ ଥିବା ଲୋକେ ବାପୁଜୀଙ୍କୁ ଦେଖା କରିବା କଷ୍ଟକର ବ୍ୟାପାର ଥିଲା ।

Digitized by srujanika@gmail.com

କିନ୍ତୁ ଦର୍ଶକଙ୍କ ଭିଡ଼ ଯେତେ ଥାଉ ନା କାହିଁକି, ଯେତେ କାମ ଥାଉ ପଛେ, ବାପୁଜୀ ଆଶ୍ରମର ରୋଗୀ ମାନଙ୍କୁ ତାଙ୍କର ଶଯ୍ୟା ପାର୍ଶ୍ବରେ ପ୍ରତ୍ୟହ ଦେଖା ଦେଉଥିଲେ । ପ୍ରତ୍ୟେକ ରୋଗୀ ପାଖକୁ ସେ ଯିବେ, ସେବା ଶୁଶ୍ରୂଷାର ବ୍ୟବସ୍ଥା କରିଦେବେ, ନିଶ୍ଚୟ କିଛି ନା କିଛି ଥଟ୍ଟା-କଥା କହି ରୋଗୀକୁ ଖୁସି କରାଇବେ । ବାପୁଜୀଙ୍କର ସେହି କେତୋଟି ମୁହୂର୍ତ୍ତର କଲ୍ୟାଣମୟ ସାହଚର୍ଯ୍ୟହିଁ ରୋଗୀ ମାନଙ୍କର ପରମ ଔଷଧ ଥିଲା । ଏପରିକି ଆଶ୍ରମବାସୀଙ୍କ ଭିତରେ ଏହା ଗୋଟିଏ ଢଙ୍ଗ ହୋଇ ଯାଇଥିଲା—ଯଦି ବାପୁଜୀଙ୍କ ସଙ୍ଗେ କଥା ହେବାକୁ ଚାହଁ, ତେବେ ରୋଗ ହୋଇଛି ବୋଲି ଶେଯରେ ଶୁଅ ।

ସାବରମତୀ ଆଶ୍ରମକୁ ମାଡ୍ରାଜ ଅଞ୍ଚଳରୁ ଜଣେ ଯୁବକ ଆସି ହଠାତ୍ ଆମାଶୟ ରୋଗରେ ପଡ଼ିଲେ । କିଛି ଦିନ ଭିତରେ ରୋଗ କ୍ରମେ ଭଲ ହୋଇ ଆସିଲା । ବାପୁଜୀ ତାଙ୍କୁ ଦେଖିବାକୁ ପ୍ରତ୍ୟହ ତାଙ୍କ ନିକଟକୁ ଆସୁଥାନ୍ତି । ରୋଗ ଭଲ ହୋଇଗଲା ପରେ ଦିନେ ବାପୁଜୀ ତାଙ୍କ ନିକଟକୁ ହସି ହସି ଆସି କହିଲେ, "ବର୍ତ୍ତମାନ ତମର ଖାଇବାକୁ ଭାରି ଇଚ୍ଛା ହେଉଥିବ; ମୋତେ କହ, ତୁମର କଣ ଖାଇବାକୁ ଇଚ୍ଛା ହେଉଛି ?"

ମାଡ୍ରାଜ ଅଞ୍ଚଳର ଲୋକେ କଫି ପାନ କରିବାରେ ଅଭ୍ୟସ୍ତ । କିନ୍ତୁ ବାପୁଜୀଙ୍କ ଆଶ୍ରମରେ ଚା ବା କଫି ମନା ଥିଲା । କେବଳ ବାଜାଜୀଙ୍କ ପାଇଁ କସ୍ତୁରବା ସାମାନ୍ୟ କଫି ସାଇତି ରଖିଥାନ୍ତି । ଏହି ଯୁବକ କିନ୍ତୁ କଫି ପାନରେ ଅତ୍ୟନ୍ତ ଅଭ୍ୟସ୍ତ ଥିଲେ । ରୋଗ-ଭୋଗ ପରେ ତାଙ୍କର କଫି ଟିକିଏ ପିଇବା ପାଇଁ ଭାରି ଇଚ୍ଛା ହେଉଥାଏ । ସେ ବାପୁଜୀଙ୍କ ଆଗରେ କୁଣ୍ଠିତ ଚିତ୍ତରେ ପ୍ରକାଶ କଲେ, ସେ ଟିକିଏ କଫି କପେ ପିଇବାକୁ ପାଆନ୍ତେ !

Digitized by srujanika@gmail.com

ବାପୁଜୀ ଠୋ ଠୋ ହସିଲେ, କାରଣ ଆଶ୍ରମରେ କଫି ପିଇବା ମନା । କିନ୍ତୁ ହସି ହସି କହିଲେ, 'ଆଚ୍ଛା, ମୁଁ କଫି ଓ ପାଉଁରୋଟି ତୁମଲାଗି ପଠାଇ ଦେଉଛି ।' ଏହା କହି ସେ ଚାଲିଗଲେ ।

ପ୍ରାୟ ଅଧଘଣ୍ଟା ବିତିଗଲା । କେହି ନ ଆସିବାର ଦେଖି ଯୁବକ ଭାବୁଥାନ୍ତି, ବୋଧହୁଏ କଫି ତିଆର କରିବା ସମ୍ଭବ ହେଲା ନାହିଁ ।ସେଥିପାଇଁ ବିଳମ୍ବ ହେଉଛି । ସେତେବେଳକୁ ସମସ୍ତେ ଖାଇ ପିଇ ବିଶ୍ରାମ କରୁଛନ୍ତି । କିଏ ଅବା କଫି ତିଆରି କଲେ ମଧ୍ୟ ଆଣିବ କିଏ ?

ହଠାତ୍ କାନରୁ ବାପୁଜୀଙ୍କ କଠାଉ-ଶବ୍ଦ ଶୁଭିଲା । ଯୁବକ ବିସ୍ମିତ ହୋଇ ଉଠିପଡ଼ିଲେ । ବାପୁଜୀ ଫେର୍ ଆସିଲେ କାହିଁକି ? କିନ୍ତୁ ଏ କଣ ? ନିଜେ ବାପୁଜୀ ଗୋଟିଏ ପାତ୍ରରେ କଫି ଓ ରୁଟିକୁ ଯତ୍ନରେ ଘୋଡ଼ାଇ ତାଙ୍କପାଇଁ ଆଣୁଛନ୍ତି । ବାପୁଜୀଙ୍କ କୁଟୀର ତାଙ୍କ ରହିବା ସ୍ଥାନଠାରୁ ବହୁ ଦୂରରେ । ବାପୁଜୀଙ୍କର ଏ ମଧ୍ୟ ବିଶ୍ରାମ କାଳ !

ବାପୁଜୀ ହସି ହସି ଘରେ ପଶିଲେ ଏବଂ ଖାଦ୍ୟ ଓ ପାନୀୟ ଯୁବକଙ୍କ ଆଗରେ ଥୋଇ ଦେଇ କହିଲେ "ଶୀଘ୍ର ଖାଇନିଅ । କଫି ଥଣ୍ଡା ହୋଇଗଲେ, ଭଲ ଲାଗିବ ନାହିଁ । ଦେଖତ, କଫି ମୁଁ ନିଜେ କରିଛି । ତୁମେ ଦକ୍ଷିଣିଆ ଲୋକ; ମୁଁ ଭଲ କଫି କରିପାରେ ବୋଲି ମତେ ଗୋଟିଏ ସାର୍ଟିଫିକେଟ ଦେଇ ପାରିବ ? ମୋ କଫି ଚାଖିଲ !"

ଯୁବକଙ୍କ ପାଟିରୁ କଥା ବାହାରୁ ନ ଥାଏ । ସେ ଅତି କଷ୍ଟରେ କହିଲେ, "ବାପୁଜୀ ! ମୁଁ ଆପଣଙ୍କୁ ଏତେ କଷ୍ଟ ଦେଲି ! ମୁଁ ଅତ୍ୟନ୍ତ ଅନୁତପ୍ତ । ଆପଣ କାହିଁକି ଏ ସବୁ ଆଣିଲେ ? ଆଉ କେହି କଅଣ ନ ଥିଲେ ?"

Digitized by srujanika@gmail.com

ବାପୁଜୀ କହିଲେ, "ସେମାନେ ତ ବିଶ୍ରାମ କରୁଛନ୍ତି । ଦରକାର ବା ମଧ୍ୟ । ମୁଁ କାହାର ବିଶ୍ରାମରେ ବାଧା ଆଣିବାକୁ ଚାହେଁ ନାହିଁ ! ଧୀରେ



ରୋଗୀ ମୁନିଙ୍କୁ ଜାଉ ଦେଉଛନ୍ତି

ରୋଷେଇ ଘରକୁ ଯାଇ ନିଜେ ଜାଉ ତିଆରି କରି, ସେହି ସେବକ ତାଙ୍କପାଇଁ ନେଇ ଆସିଲି । ମୁଁ ବର୍ତ୍ତମାନ ଯାଉଛି । ବାସନ ରଖି ଦେଇ ଥିବ । ଜଣେ କେହି ପରେ ଆସି ନେଇଯିବ ।"

ଏତିକି କହିଦେଇ ମହାମାନବ ଗାନ୍ଧୀ ଦ୍ରୁତ ପାଦରେ ସେଠାରୁ ପ୍ରସ୍ଥାନ କଲେ । ଦକ୍ଷିଣୀ ମୁନିଜୀ ମହାତ୍ମାଙ୍କ ହସ୍ତ-ପ୍ରସ୍ତୁତ ଜାଉ ପାନ କରୁ କରୁ ମନେ କରୁଥାନ୍ତି ଯେପରି, ତାହା ଦେବ-ପ୍ରେରିତ ଅମୃତ ।

Digitized by srujanika@gmail.com

—ପ୍ରଶ୍ନ—

(କ) ୧ । ସାବରମତୀ କେଉଁଠାରେ ? ବାରିଷ୍ଟର ମୋହନ ଦାସ ଗାନ୍ଧିଙ୍କ ନିକଟକୁ ପୃଥିବୀର ସବୁ ଅଞ୍ଚଳରୁ ଲୋକ ଆସୁଥାନ୍ତି କାହିଁକି ?

୨ । "ବାପୁଜୀଙ୍କର ସେହି କେତୋଟି ମୁହୂର୍ତ୍ତର କଲ୍ୟାଣମୟ ସାହଚର୍ଯ୍ୟ ହିଁ ରୋଗୀମାନଙ୍କର ପରମ ଔଷଧ ଥିଲା ।"—ଏ ଗଦ୍ୟାଂଶଟିର ଭାବ ସରଳ ଭାଷାରେ ବୁଝାଅ ।

୩ । ମହାତ୍ମା ଗାନ୍ଧୀଙ୍କର ବିନୟ ଓ ଉଦାର ସେବାଭାବର ଦୃଷ୍ଟାନ୍ତ ସଂକ୍ଷେପରେ ଲେଖ ।

(ଖ) ୧ । ଦେବ-ପ୍ରେରିତ, ହସ୍ତ-ପ୍ରସୂତ, କଠୋର ଶବ୍ଦ—ଏଗୁଡ଼ିକର ସମାସ ବ୍ୟାଖ୍ୟା କର ଓ ସମାସ ନାମ ଦିଅ ।

୨ । ବିଶେଷ୍ୟକୁ ବିଶେଷଣରେ ଓ ବିଶେଷଣକୁ ବିଶେଷ୍ୟରେ ପରିଣତ କର :—

ବିନୟ, ରୋଗ, ଅଳ୍ପ, ବିସ୍ମିତ, ଅନୁତାପ ।

~~ଜେନେଭାଠାରୁ ପତ୍ର~~

~~ସୁଇଟ୍‌ଜରଲାଣ୍ଡରୁ ପତ୍ର~~

ଓଡ଼ିଶାର ପ୍ରିୟ କିଶୋରକିଶୋରୀଗଣ,

ଆଜି ତୁମ୍ଭମାନଙ୍କ ନିକଟକୁ ଗୋଟିଏ ବହୁ ଦୂର ଦେଶରୁ ଏ ପତ୍ର ଲେଖୁଛି । ଏହି ଭାରତବର୍ଷ ବା ଓଡ଼ିଶାରୁ ବହୁ ସହସ୍ର କୋଶ ଦୂର । ସୁଇଜରଲାଣ୍ଡ ଏହା ୟୁରୋପ ମହାଦେଶର ପ୍ରାୟ କେନ୍ଦ୍ରସ୍ଥଳରେ

Digitized by srujanika@gmail.com

ଅବସ୍ଥିତ । ଆମ ଭାରତବର୍ଷର କାଶ୍ମୀର, ନେପାଳ, ଭୁଟାନ ପ୍ରଭୃତି ରାଜ୍ୟ ଯେପରି ହିମାଳୟ ପର୍ବତମାଳାରେ ଅବସ୍ଥିତ, ଏହି ସୁଇଟ୍‌ଜରଲାଣ୍ଡ ସେହିପରି ୟୁରୋପର ହିମାଳୟ, ଆଲ୍‌ପସ୍ ପର୍ବତ ଉପରେ ବିରାଜିତ । ଆଲ୍‌ପସ୍ ପର୍ବତମାଳା ଉପରେ ଏ ଦେଶ ବିସ୍ତୃତ ଥିବାରୁ ଏହା ବର୍ଷର ଅଧିକାଂଶ ସମୟ ତୁଷାରାଚ୍ଛନ୍ନ ରହେ । ଶୀତ କାଳରେ ସମଗ୍ର ଦେଶ ଧବଳ ତୁଷାରରେ ଆବୃତ ହୋଇ ଅପୂର୍ବ ସୁଷମା ଧାରଣ କରେ । ପୃଥିବୀର ସର୍ବାଞ୍ଚଳରୁ ଲୋକେ କଠିନ ଧବଳ ତୁଷାର ଉପରେ କ୍ରୀଡ଼ା କରିବାପାଇଁ ଓ ସୁଇଟ୍‌ଜରଲଣ୍ଡର ନୀଳ-ନିର୍ମଳ-ତୋୟ ପାର୍ବତ୍ୟ ହ୍ରଦମାନଙ୍କର ଅପୂର୍ବ ପ୍ରାକୃତିକ ସୁଷମା ଦର୍ଶନରେ ଲୋଚନେନ୍ଦ୍ରିୟକୁ ସାର୍ଥକ କରିବାପାଇଁ ସହସ୍ର ସହସ୍ର ସଂଖ୍ୟାରେ ଏ ଦେଶକୁ ଆସନ୍ତି । ଏ ଦେଶର ଆୟର ଏକଚତୁର୍ଥାଂଶ ପ୍ରତିବର୍ଷ ଆସୁଥିବା ଏହି ବିଦେଶୀ ଦର୍ଶକମାନଙ୍କଠାରୁ ମିଳିଥାଏ । ସେଥିପାଇଁ ମଧ୍ୟ ସୁଇଟ୍‌ଜରଲଣ୍ଡକୁ ୟୁରୋପର କ୍ରୀଡ଼ାଭୂମି ବୋଲି କୁହାଯାଇଥାଏ ।

କିନ୍ତୁ, ଏହି ଦେଶ ଏକ ପୃଥିବୀବିଖ୍ୟାତ ସୁଷମାମୟ ପ୍ରମୋଦସ୍ଥଳୀ ବୋଲି ଏହା ସମ୍ବନ୍ଧରେ ତୁମମାନଙ୍କୁ କହିବାକୁ ଯାଉନାହିଁ । ଏହା ଏତେ ଦୂର ଯେ ହୁଏତ ତୁମମାନଙ୍କ ଭିତରୁ କେହିହେଲେ ଏ ରାଜ୍ୟ ଜୀବନରେ ଦେଖି ପାରିବ ନାହିଁ । ତେଣୁ ତୁମ ଆଗରେ ତାର ବର୍ଣ୍ଣନା କରି କି ଲାଭ ? ପୁଣି ଏପରି ସୁନ୍ଦର ଦେଶ ଆମ ଭାରତବର୍ଷରେ ମଧ୍ୟ ଅଛି । କାଶ୍ମୀରକୁ ୟୁରୋପୀୟ ଦର୍ଶକମାନେ ମଧ୍ୟ ଭୂସ୍ୱର୍ଗ ବୋଲି ବର୍ଣ୍ଣନା କରିଥାନ୍ତି । ତେଣୁ କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟ ବା ପ୍ରମୋଦସ୍ଥଳୀ ଭାବରେ ସୁଇଟ୍‌ଜରଲଣ୍ଡର ବିଶେଷତ୍ୱ ମୁଁ ତୁମ ଆଗରେ ଦେଖାଇବାକୁ ଯାଉନାହିଁ । ସୁଇସ୍-ଜାତିଠାରୁ ଆମର ଯଥେଷ୍ଟ ଶିଖିବାର ଅଛି, ସେଥିପାଇଁ ଏ ସବୁ ଲେଖୁଛି ।

Digitized by srujanika@gmail.com

ଏ ଦେଶଟି ଆକାରରେ ଅତି କ୍ଷୁଦ୍ର, ଆମ ଓଡ଼ିଶାର ଅର୍ଦ୍ଧେ କହିଲେ ଚଳେ । ଲୋକସଂଖ୍ୟା ତ୍ରିଶ ଲକ୍ଷ, ଆମ ଓଡ଼ିଶାର ଲୋକ-ସଂଖ୍ୟାର ଏକ ତୃତୀୟାଂଶରୁ ସାମାନ୍ୟ କମ୍ । ଆମେ ଓଡ଼ିଆମାନେ ସଂଖ୍ୟାରେ ଦେଢ଼କୋଟି । ଓଡ଼ିଶା ପ୍ରାକୃତିକ ସୌନ୍ଦର୍ଯ୍ୟରେ ସୁଇଟ୍‌ଜରଲଣ୍ଡ-ଠାରୁ ବିଶେଷ ନ୍ୟୁନ ହୋଇଲେ ମଧ୍ୟ ପ୍ରାକୃତିକ ସଂପଦରେ ବହୁଗୁଣରେ ଗରୀୟସୀ । ଲୁହା, କୋଇଲା, ମାଙ୍ଗାନିଜ, ବକ୍‌ସାଇଟ୍ ପ୍ରଭୃତି ମୂଲ୍ୟବାନ୍ ଖଣିଜ ଦ୍ରବ୍ୟ ଓଡ଼ିଶାରେ କଳ୍ପନାତୀତ ଭାବରେ ଗଚ୍ଛିତ ଅଛି । ସୁଇଟ୍‌ଜରଲଣ୍ଡରେ ଏ ସବୁ ଆଦୌ ମିଳିବ ନାହିଁ । ଓଡ଼ିଶାର ମୃତ୍ତିକା ସୁଇଟ୍‌ଜରଲଣ୍ଡର ମୃତ୍ତିକାଠାରୁ ଅତ୍ୟଧିକ ଉର୍ବର । ସୁଇଟ୍‌ଜର-ଲଣ୍ଡରେ ଉର୍ବର ମୃତ୍ତିକାର କଥା ଛାଡ଼ି ଦିଅ, କର୍ଷଣୋପଯୋଗୀ ଜମିର ପରିମାଣ ଅତ୍ୟନ୍ତ ଅଳ୍ପ । କାରଣ ସମଗ୍ର ଦେଶ କେବଳ ପାହାଡ଼ୀ, ଉପତ୍ୟକା ଓ ପର୍ବତମାଳାର ପାଦ ଓ କଟିଦେଶ ମାନଙ୍କରେ ପଶୁଚାରଣ ହିଁ ସୁଇସ୍‌ମାନଙ୍କର ଜୀବିକାର୍ଜନର ସର୍ବପ୍ରଧାନ ଅବଲମ୍ବନ ।

କିନ୍ତୁ ଅନୁର୍ବର, ପର୍ବତ ସୁଇଟ୍‌ଜରଲଣ୍ଡର ୪୦ ଲକ୍ଷ ଅଧିବାସୀଙ୍କ ସଙ୍ଗେ ଉର୍ବର, ପ୍ରାକୃତିକ ବିଭବପୂର୍ଣ୍ଣ ଓଡ଼ିଶାର ଦେଢ଼ କୋଟି ଓଡ଼ିଆଙ୍କର ତୁଳନା କରି ଦେଖ । ପ୍ରକୃତରେ ଗନ୍ତାଘରେ ରହି ଓଡ଼ିଆମାନେ ଅର୍ଦ୍ଧାଶନରେ, ଛିନ୍ନ ଲଙ୍ଗୀ ପିନ୍ଧି, ଆଦିମ କୁଟୀରରେ କାଳ କାଟନ୍ତି । କିନ୍ତୁ ପ୍ରତ୍ୟେକ ସୁଇସ ରାଜଭୋଗରେ ଭାସମାନ । ସୁଇଟ୍‌ଜରଲଣ୍ଡରେ ଧନୀ ନାହାନ୍ତି, ଦରିଦ୍ର ମଧ୍ୟ ନାହାନ୍ତି । ପ୍ରତ୍ୟେକ ସୁଇସ୍‌ର ଘରେ ବିଜୁଳି ଆଲୁଅ । ଦେଶର ପ୍ରାୟ ଛୋଟ ବଡ଼ ସବୁ ନଦୀକୁ ବନ୍ଧାଇ ଜଳ-ସ୍ରୋତରୁ ବିଦ୍ୟୁତ ଉତ୍ପାଦନ କରି ସୁଇସ୍‌ଜାତି କୋଇଲାର ଅଭାବ ପୂରଣ କରୁଛନ୍ତି । ସୁଦୂର ଗ୍ରାମମାନଙ୍କରେ ମଧ୍ୟ ସୁଇସ୍ ଗୃହିଣୀ ଘରର ସବୁ କାମ ବିଦ୍ୟୁତ୍ ଶକ୍ତି ସାହାଯ୍ୟରେ କରନ୍ତି । ତାଙ୍କ ଚଳ

Digitized by srujanika@gmail.com

ଫୁଙ୍କି ଫୁଙ୍କି ମଇଳାକୁ ଧୁଏ ନାହିଁ । ପର୍ବତସଙ୍କୁଳ ସୁଇଟ୍‌ଜରଲଣ୍ଡର ଯେଉଁ ଆଡ଼କୁ ଯାଅ, ସବୁଆଡ଼େ ଶୋଭା ସ୍ୱାଚ୍ଛନ୍ଦ୍ୟମୟ, ସୁଖକର । ଟ୍ରେନ୍ ସବୁ ବିଦ୍ୟୁତ୍‌ରେ ଚାଲେ । କୋଇଲା ଧୂଆଁରେ ଦେଶ ଅପରିଷ୍କୃତ ହୁଏ ନାହିଁ । ତା ଛଡ଼ା ଅଗମ୍ୟ ପର୍ବତ ସାନୁମାନଙ୍କ ଭିତର ଦେଇ ଯାତ୍ରା କରିବା ପାଇଁ, ଯେଉଁଠି ଲୌହ ରେଲ୍‌ରାସ୍ତା ପକାଇବା ଅସମ୍ଭବ, ସେଠାରେ ସେମାନେ ଅଦ୍ଭୁତ ଯୁକ୍ତି-କୌଶଳ ଦେଖାଇ ଲୌହରଜ୍ଜୁ ଦେଇ ଟ୍ରେନ ଚଳାଇଅଛନ୍ତି । ସ୍ୱା-ଛଡ଼ା ଦୁରଧିଗମ୍ୟ ଉଚ୍ଚାବଚ ଉପତ୍ୟକା, ଅଧିତ୍ୟକା, ଗିରିସାନୁ ଦେଇ ଦେଶର ସର୍ବତ୍ର ସୁନ୍ଦର ପ୍ରଶସ୍ତ ପଥ ମଧ୍ୟ ପ୍ରସାରିତ । ଅଛି । ଏଣେ ସୁଇସ୍‌ଜାତିକୁ ପୃଥିବୀରେ ନ ଜାଣେ କିଏ ? କିଏ ବା ସମ୍ମାନ ନ କରେ ? ତା ତୁଳନାରେ ଓଡ଼ିଆମାନଙ୍କର ସ୍ଥାନ କାହିଁ ?

ଏ ଘୋର ବୈଷମ୍ୟ ସମ୍ଭବ ହୋଇଛି କିପରି ? ଯେଉଁ ଯେଉଁ ଗୁଣ ଯୋଗୁଁ ସୁଇସ୍‌ମାନେ ଗୋଟିଏ ଅନୁର୍ବର ଦେଶକୁ ବିଶ୍ୱ-ବିଖ୍ୟାତ କରି ପାରିଛନ୍ତି, ସେଇ ଗୁଣ ଗୁଡ଼ିକ ତୁମ୍ଭମାନଙ୍କ ଆଗରେ ଆଦର୍ଶ ଭାବରେ ଥୋଇବା ପାଇଁହିଁ ମୁଁ ଏ ପର ଲେଖୁଛି । ଆଶା କରେ ସେ ସବୁ ନିଜ ଜୀବନରେ ଅଭ୍ୟାସ କରି ଆମର ଓଡ଼ିଶା ତଥା ଭାରତ ବର୍ଷକୁ ଉନ୍ନତ ଓ ବିଭବଶାଳୀ କରିବାକୁ ଚେଷ୍ଟା କରିବ ।

ପ୍ରଥମ କଥା, ସୁଇସ୍‌ମାନେ କଠିନ ପରିଶ୍ରମୀ ଜାତି । କଠିନ ପରିଶ୍ରମ କରି ନ ପାରିଥିଲେ ଏଇ ପର୍ବତସଙ୍କୁଳ, ଅନୁର୍ବର, ହିମ-ମୟ ଦେଶ ପୃଥିବୀର ପ୍ରମୋଦ ପ୍ରାନ୍ତରରେ ପରିଣତ ହୋଇ ପାରି-ଥାଆନ୍ତା କି ?

ସୁଇସ୍‌ମାନେ ଧର୍ମପ୍ରାଣ ଜାତି ହେଲେହେଁ ନିଜର ଦୁଃଖକୁ ଭାଗ୍ୟ ଉପରେ ଲଦି ଦେଇ ଆମ ପରି ନିଶ୍ଚେଷ୍ଟ ହୋଇ ବସି

Digitized by srujanika@gmail.com

ଯାଆନ୍ତି ନାହିଁ । ସେମାନଙ୍କର ନିଜ ପରିଶ୍ରମ ଉପରେ ଦୃଢ଼ ପ୍ରତ୍ୟୟ ଅଛି । ତାରି ଫଳରେ ଦେଶଟାର ଦଶା ପରିବର୍ତ୍ତିତ ହୋଇ ପାରିଛି । କିନ୍ତୁ ପ୍ରକୃତିର ଅପାର ଅନୁଗ୍ରହ ଓ ବଦାନ୍ୟତା ସତ୍ତ୍ୱେ ଆମେ ଓଡ଼ିଆ-ମାନେ ଦରିଦ୍ର, ରୋଗପୀଡ଼ିତ ହୋଇ ରହିଥାଉଁ ।

ସୁଇସ୍‌ମାନେ ଅତ୍ୟନ୍ତ ପରିଷ୍କୃତ ପରିଚ୍ଛନ୍ନ ଜାତି । ସେମାନେ ମଇଳା ଆବର୍ଜନାକୁ ଘୃଣା କରନ୍ତି । ସୌନ୍ଦର୍ଯ୍ୟ ଓ ପରିଚ୍ଛନ୍ନତାକୁ ଆଦର କରିବା ତାଙ୍କର ରକ୍ତଗତ । ତେଣୁ ତାଙ୍କ ଦେଶଟିକୁ ସେମାନେ ଗୋଟିଏ ସୁନ୍ଦର ଉପଭୋଗ୍ୟ ଉପବନରେ ପରିଣତ କରିଛନ୍ତି । ତାକୁ ଦେଖିବାକୁ ପୃଥିବୀର ସବାଂଶଳରୁ ଲୋକେ ଆସୁଛନ୍ତି । ସେମାନେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଏପରି ଯତ୍ନର ସହିତ ରକ୍ଷଣ ଓ ପରିବର୍ଦ୍ଧନ କରିବାରେ ଅଭ୍ୟସ୍ତ ଯେ ଏ ଦେଶର ପ୍ରତ୍ୟେକ ବୃକ୍ଷରେ ସଂଖ୍ୟା ଓ ଚିହ୍ନ ଥିବାର ଦେଖାଯାଏ । ଦେଶର ପ୍ରତ୍ୟେକ ଇଞ୍ଚ ମାଟିକୁ ଏମାନେ ସେବା କରନ୍ତି । କିନ୍ତୁ ଆମେ ଆମର ଅପରିଚ୍ଛନ୍ନତା, କୁତ୍ସିତ ଅଭ୍ୟାସ ଓ ଆଳସ୍ୟ ଯୋଗୁଁ ପ୍ରକୃତିଦତ୍ତ ସୁନ୍ଦର ସ୍ଥାନଗୁଡ଼ିକ କେବଳ ଘୃଣ୍ୟ, ଆବର୍ଜନାମୟ, ପରିତ୍ୟାଜ୍ୟ କରୁଥାଉଁ । ଏହାହିଁ ପ୍ରଭେଦ ।

ଛୋଟିଆ ଦେଶ ସୁଇଟ୍‌ଜରଲାଣ୍ଡ, ମୋଟେ ଚାଳିଶ ଲକ୍ଷ ଲୋକ, କିନ୍ତୁ ତାର ସାମରିକ ଶକ୍ତି ଓ ବ୍ୟବସ୍ଥା ଏପରି ସୁଦୃଢ଼ ଯେ, ପାର୍ଶ୍ୱବର୍ତ୍ତୀ ରାଷ୍ଟ୍ରମାନେ ତାକୁ ଆକ୍ରମଣ କରିବାକୁ ସାହସ ପର୍ଯ୍ୟନ୍ତ କରନ୍ତି ନାହିଁ । କାରଣ ସୁଇଟ୍‌ଜରଲାଣ୍ଡରେ ପ୍ରତ୍ୟେକ ସୁସ୍ଥ ଲୋକ ଦେଶପାଇଁ ପ୍ରାଣ ଦେବାକୁ ସାମରିକ ଶିକ୍ଷା କରିଥାନ୍ତି ।

ଆମ ଦେଶରେ ଶିକ୍ଷିତ ଲୋକେ ଶରୀର ଖଟାଇ କାମ କରିବାକୁ ଘୃଣା କରନ୍ତି । କିନ୍ତୁ ପ୍ରତ୍ୟେକ ସୁଇସ୍ ବାଳକ ଓ ବାଳିକା ନାନା

Digitized by srujanika@gmail.com

ଧାତୁ କାମରେ ଧୁରନ୍ଧର ହୋଇ ଗଢ଼ା ହୁଅନ୍ତି । ଏ ଜାତି ତାରି କାଟ କାମ ପାଇଁ ପୃଥିବୀ ପ୍ରସିଦ୍ଧ । ପୃଥିବୀର ସର୍ବୋତ୍କୃଷ୍ଟ ଘଣ୍ଟା ସବୁ ଏଇଠାରେ ତିଆର ହୁଏ । ଏବଂ ତାର ସୂକ୍ଷ୍ମାତିସୂକ୍ଷ୍ମ କଳକବ୍ଜାସବୁ ସାଧାରଣ ସୁଇସ୍ ଗୃହସ୍ଥ ଓ ଗୃହିଣୀମାନେ ଘରେ ଘରେ ଅବସର ସମୟରେ କରିଥାନ୍ତି । ସୂଚୀ କଣ୍ଡା କାଠ କାମପାଇଁ ଏମାନେ ପ୍ରସିଦ୍ଧ । ରାସ୍ତା ନିର୍ମାଣ କରିବାରେ ମଧ୍ୟ ସୁଇସ୍ ମାନଙ୍କର ଅପୂର୍ବ ଦକ୍ଷତା ଦେଖା-ଯାଏ । ଏ ଦକ୍ଷତା ସୁଇସ୍ ମାନେ ନିଜ ରାଜ୍ୟର କଠିନ ଭୂମି ଉପରେ ରାସ୍ତା ତିଆରି କରି ଉପାର୍ଜନ କରିଥାଆନ୍ତି ।

ଏ ଦେଶରେ ରାଜା ନାହିଁ । ଲୋକେ ନିଜକୁ ନିଜେ ଶାସନ କରନ୍ତି । ଏ ପ୍ରକାର ଶାସନର ନାମ ଲୋକତନ୍ତ୍ର ବା ଗଣତନ୍ତ୍ର । ଆମ ଭାରତ ବର୍ଷରେ ଏଇ ଶାସନ ବର୍ତ୍ତମାନ ଚାଲିଛି । କିନ୍ତୁ ଆମ ଦେଶରେ ଏବେ ମଧ୍ୟ କୋଟି କୋଟି ସ୍ୱାର୍ଥପର ଲୋକ ଅଛନ୍ତି ଯେଉଁମାନେ ନିଜର ସୁବିଧା କରିନେବା ପାଇଁ ଦେଶର ଶାସନକୁ କଳଙ୍କିତ କରୁ-ଛନ୍ତି । ଅନେକ ସୁଇଟ୍‌ଜରଲଣ୍ଡ ଦେଖି ଏଇ ମତ ପ୍ରକାଶ କରିଛନ୍ତି ଯେ, ଲୋକଶାସନ ପାଇଁ ଯଦି ଆଦର୍ଶ ନାହିଁ ଥାଏ, ତାହା ଏହି ସୁଇଟ୍‌ଜରଲଣ୍ଡରେ । ବାପୁଜୀଙ୍କ ରାମରାଜ୍ୟ କାହିଁ ଯଦି ପ୍ରତିଷ୍ଠିତ ଥାଏ, ତେବେ ଏହି ସୁଇଟ୍‌ଜରଲଣ୍ଡରେ । କାରଣ ପ୍ରତ୍ୟେକ ସୁଇସ୍ ତା' ଦେଶକୁ ଏପରି ସୁଖ ପାଏ ଯେ, ନିଜର ସ୍ୱାର୍ଥପରତାରେ ସେ ଦେଶର ସମୂହ ସ୍ୱାର୍ଥକୁ କେବେହେଲେ ଦଳିଦିଏ ନାହିଁ । ସୁଇଟ୍‌-ଜରଲଣ୍ଡର ଜିଲ୍ଲା ଗୁଡ଼ିକ ଛୋଟ ଛୋଟ; ଆମର ଗୋଟିଏ ଗୋଟିଏ ଥାନାଠାରୁ ମଧ୍ୟ ଛୋଟ । ସମଗ୍ର ଦେଶପରି ପ୍ରତ୍ୟେକ ଜିଲ୍ଲା ମଧ୍ୟ ଗୋଟିଏ ଗୋଟିଏ ସମିତି ଦ୍ୱାରା ଶାସିତ ହୁଏ । ପ୍ରତ୍ୟେକ ଜିଲ୍ଲା ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ଅନୁଷ୍ଠାନ ନିଜେ ନିଜେ ନିଜର ଦାୟିତ୍ୱ

Digitized by srujanika@gmail.com

ତୁଲାଇବାର ଚେଷ୍ଟା କରନ୍ତି । କୌଣସିଠାରେ ଅନ୍ୟକୁ ଅପେକ୍ଷା କରିବା ବା ଅନ୍ୟକୁ ଦୋଷ ଦେବାର ଦୁରଭ୍ୟାସ ନାହିଁ । ଏହି ସ୍ୱାବଲମ୍ବନଶୀଳତା ହିଁ ସୁଇଟ୍ଜରଲଣ୍ଡକୁ ସମୃଦ୍ଧିର ଆକୃତି ଦେଇଅଛି ।

ଏହି ଛୋଟ ଦେଶରେ ତିନୋଟି ପ୍ରଧାନ ଭାଷା ଚଳେ—ଜର୍ମାନ୍, ଇଟାଲିୟାନ୍ ଓ ଫ୍ରେଞ୍ଚ । କିନ୍ତୁ ଭାଷାଜନିତ ବା ଧର୍ମଜନିତ କୌଣସି ଗଣ୍ଡଗୋଳ ସେଠାରେ ଦେଖାଯାଏ ନାହିଁ । ପ୍ରତ୍ୟେକେ ପ୍ରତ୍ୟେକର କର୍ତ୍ତବ୍ୟ କରି ଯାଆନ୍ତି । ସରକାରୀ କାଗଜପତ୍ର ତିନି-ଭାଷାରେ ହିଁ ପ୍ରକାଶିତ ହୋଇଥାଏ ।

ଏହିଂ ବହୁଭାଷୀ, ବହୁଧର୍ମୀ, ଅନୁର୍ବର ରାଜ୍ୟଟି ନିଜର ସ୍ୱାଧୀନତାକୁ ଉଦ୍ଧାର ଓ ରକ୍ଷା କରିବା ପାଇଁ ଯେପରି ସଂଘବଦ୍ଧ ଭାବରେ ପ୍ରଚୁର ବଳଶାଳୀ ଶତ୍ରୁମାନଙ୍କର ସମ୍ମୁଖୀନ ହୋଇଛନ୍ତି, ତାହା ଅତ୍ୟନ୍ତ ପ୍ରେରଣାଦାୟକ ଓ ରୋମାଞ୍ଚକର । କିନ୍ତୁ ସୁଇଟ୍ଜରଲଣ୍ଡ କେବେ କାହା ଉପରେ ଆକ୍ରମଣ କରିନାହିଁ । ସେ ସମଗ୍ର ବିଶ୍ୱ ସହ ଶାନ୍ତି ଓ ବନ୍ଧୁତାରେ ବଞ୍ଚିବାକୁ ଚାହେଁ । ତେଣୁ ଗତ ଦୁଇଟି ମହାଯୁଦ୍ଧରେ ସୁଇଟ୍ଜରଲଣ୍ଡ ନିରପେକ୍ଷ ରହି ପରସ୍ପର ବିରୋଧୀ ଶତ୍ରୁ ଦେଶର ଲୋକମାନଙ୍କର ଏକମାତ୍ର ମିଳନସ୍ଥଳୀ ଥିଲା । ସୁଇଟ୍ଜରଲାଣ୍ଡର ମାଟିରେ ପାଦ ଦେଲେ କୌଣସି ମନୁଷ୍ୟ ଅନ୍ୟ ମନୁଷ୍ୟର ଶତ୍ରୁ ହୋଇ ରହେନାହିଁ । ସେଠି ସମସ୍ତେ ସମସ୍ତଙ୍କର ବନ୍ଧୁ ।

ସୁଇସ୍‌ମାନେ କଠିନ ପରିଶ୍ରମରେ ଆସ୍ଥା ଓ ପ୍ରତ୍ୟୟ ରଖିବା ସଙ୍ଗେ ସଙ୍ଗେ ଜୀବନକୁ ଉପଭୋଗମୟ କରିବାପାଇଁ ସବୁବେଳେ ପ୍ରସ୍ତୁତ । ଏମାନେ ଏତେ ସଙ୍ଗୀତପ୍ରିୟ ଯେ ସୁଇଟ୍ଜରଲାଣ୍ଡର

Digitized by srujanika@gmail.com

ପ୍ରତ୍ୟେକ ଗ୍ରାମରେ ସଙ୍ଗୀତ ଆଖଡ଼ା ଥିବାର ଦେଖାଯାଏ ଏବଂ ବାର୍ଷିକ ସଙ୍ଗୀତ ପ୍ରତିଯୋଗିତାପାଇଁ ଏ ଦେଶର କୌଣସି କୌଣସି ସହରକୁ ଦେଶର ସର୍ବାଞ୍ଚଳରୁ ଦଳ ଦଳ ଲୋକ ଆସି ଯୋଗ ଦିଅନ୍ତି ।

ତୁଷାରଧବଳ ଆଲପସ୍‌ହିଁ ସୁଇଜରଲଣ୍ଡର ପ୍ରଧାନ ଗୌରବର ବସ୍ତୁ । ଆଲପସ୍‌ର ଆରୋହଣ ଦୂରାଗତ ବିଦେଶୀମାନଙ୍କର ଗୋଟିଏ ପ୍ରଧାନ ବିନୋଦ । ବିଦେଶୀମାନଙ୍କୁ ବାଟ ଦେଖାଇବା ସୁଇସ୍‌ମାନଙ୍କର ଏକପ୍ରକାର ବ୍ୟବସାୟ । ସେଥିପାଇଁ ପ୍ରାୟ ପ୍ରତ୍ୟେକ ସୁଇସ୍ ବାଳକକୁ ପିଲାଦିନୁ ପର୍ବତାରୋହଣରେ ଦକ୍ଷ ହେବାକୁ ପଡ଼େ । ସୁଇସ୍‌ମାନେ ଅବଲୀଳାକ୍ରମେ ଆଲପସ୍‌ର ଶୃଙ୍ଗରୁ ଶୃଙ୍ଗକୁ କ୍ଷିପ୍ରଗତିରେ ଗମନାଗମନ କରିବାର ଦେଖାଯାଏ । ଦୁରଧିଗମ୍ୟ ଗିରିସଙ୍କଟମାନଙ୍କରେ ପଥଭ୍ରାନ୍ତ ଯାତ୍ରୀମାନଙ୍କୁ ଉଦ୍ଧାର କରିବାପାଇଁ ସ୍ଥାନେ ସ୍ଥାନେ ସେଣ୍ଟ୍ ବର୍ଣ୍ଣାଡ଼ କୁକୁରମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଥାଏ ।

ପିଲାମାନେ, ଏହି ସୁଇଜରଲଣ୍ଡ ଓ ସୁଇସ୍ ଜାତିର କଥା ପଢ଼ିଲା ପରେ ନିଜ ଦେଶର କଥା ଭାବି ଦେଖିବକି ? ସୁଇସ୍‌ମାନେ ନିଜ ଦେଶକୁ ଯେପରି ନିଜ ପରିଶ୍ରମ ଓ ବିମଳ ଦେଶପ୍ରୀତିବଳରେ ପ୍ରସିଦ୍ଧ ଓ ସମୃଦ୍ଧିମନ୍ତ କରିପାରିଛନ୍ତି, ତୁମ୍ଭେମାନେ ନିଜ ଦେଶକୁ ସେହିପରି କରିବାକୁ ଚେଷ୍ଟିତ ହେବ ବୋଲି ଆଶା କରିପାରେକି ?

ଇତି

ଭ୍ରମଣକାରୀ

—ପ୍ରଶ୍ନ—

(କ) ୧ । ଆଲପସ୍ ପର୍ବତକୁ ୟୁରୋପର ହିମାଳୟ କାହିଁକି କୁହାଯାଏ ?

୨ । ସୁଇଜରଲଣ୍ଡକୁ ୟୁରୋପର କ୍ରୀଡ଼ାଭୂମି କୁହାଯାଏ— କାହିଁକି ?

Digitized by srujanika@gmail.com

୩ । ସେଠାରେ ବଜୁଳିଶକ୍ତି କିପରି ବେଶୀ ଉତ୍ପାଦନ କରାଯାଏ ଓ ସେହି ଶକ୍ତିକୁ କିପରିଭାବରେ ବ୍ୟବହାର କରାଯାଏ ?

୪ । ସୁଇସ୍‌ମାନଙ୍କ ଜୀବନରୁ ଆମ୍ଭମାନଙ୍କର ଯାହାସବୁ ଶିକ୍ଷା କରିବାର କଥା ସ୍ପଷ୍ଟଭାବରେ ଲେଖ ।

(ଖ) ୧ । ତୁଷାରାଚ୍ଛନ୍ନ, ଅପୂର୍ବ, ଭୂସ୍ୱର୍ଗ, କଳ୍ପନାତୀତ, ବିଶ୍ୱବିଖ୍ୟାତ, ପର୍ବତସଂକୁଳ— ସମାସ ବ୍ୟାଖ୍ୟାକରି ସମାସମାନଙ୍କର ନାମ ଦିଅ ।

୨ । ଅପାର ବଦାନ୍ୟତା, ପ୍ରେରଣାଦାୟକ— ଏ ଦୁଇଟି ପଦର ଅର୍ଥ ବୁଝାଇ ଲେଖ ।

୩ । ଅନ୍ୱୟ କର :—

ପ୍ରକୃତିର ଟନେଲଘରେ ରହି ଓଡ଼ିଆମାନେ ଅଧା ଉପାସରେ କାଳ କାଟନ୍ତି ; ଏ ବାକ୍ୟରେ ଥିବା ରେଖାଙ୍କିତ ପଦମାନଙ୍କର ଅନ୍ୱୟ କର ।

ନାପିତୁଣୀର ଗାନ୍ଧପୂଜା

(୧)

ଆସିବେ ମହାତ୍ମା ଗାନ୍ଧି, ପଡ଼ିଲା ଉଚ୍ଚାରେ
ଶୁଣିଲା ସେ ନାପିତୁଣୀ, ତା'ଗ୍ରାମ ଚୋଟାରେ
ବାନ୍ଧୁଛନ୍ତି ସ୍ୱେଚ୍ଛାସେବୀ ତାଳପତ୍ର ବାଡ଼
ଲାଗିଅଛି ଜନତାର ଦ୍ରୁତ ଯାଆ-ଆସ
ଦେଖିବାକୁ ନବଲୀଳା । ଗ୍ରାମନରନାରୀ
ହେଉଛନ୍ତି କୁହାକୁହି, ପଚାରିପଚାରି
କି ଦେବେ ଗାନ୍ଧିରେ ଭେଟି, ଦରିଦ୍ର ସକଳେ—
ତଥାପି ଦେବତା-ଦେଖା ହେବ କି ନିଷ୍ଫଳେ ?

Digitized by srujanika@gmail.com

ଚିକ୍ତ ହସ୍ତେ କରିବାକୁ ସ୍ୱଜ-ଦରଶନ
ମନ ତାଙ୍କ ମାନୁନାହିଁ । ଧାନୁଁ ଅତ ଧାନ
ଗ୍ରାମର ସେ ନାପିତୁଣୀ ଭାବେ ମନେ ମନେ
ମୁଁ କସ ବନ୍ଦିବ ନେଇ ? କିଛି ହେଲେ ଆନେ
ଦେଇ ଅର୍ଚ୍ଚିବେ ସେ ପୁଣ୍ୟ ଚରଣ ଯୁଗଳ
ମୋର ତ ସେଲଗି ନାହିଁ କିଛିହିଁ ସମ୍ବଳ !
ତେବେ କି ଏ ପୁଣ୍ୟ ଦିନ ଯିବ ଖାଲି ଖାଲି !
ଦ୍ୱାରେ ମୋ ବାରୁଣୀ ବୁଡ଼—ପାତକ ପଖାଳି
ପାରିବନି ପାତକୀ !— ପତିତ ପାବନ
ହେ ଦେବତା, ହେ ମହାତ୍ମା, ହେ ଗାନ୍ଧି ସ୍ୱଜନ !
କୋଟି କୋଟି ନରନାରୀ ନମନ୍ତି ପଦ୍ମରେ
ଦରିଦ୍ର ମୁଁ ନାହିଁ ବୋଲି ଧନ ମୋହ କରେ,
ପାରିବନି ବନ୍ଦି ତବ ପରମ ଚରଣ
ପାଇବନି କିଛି ତବ ପୁଣ୍ୟ ବିତରଣ ?
ଜୀବନେ କରିନି ପୁଣ୍ୟ, ନିରକ୍ଷର ନାରୀ
ଆଜି ଏ ବୟସେ ମାଥେ ବହୁ ପାପ ଭାରି
ଭାବଇ କରିଲେ ହେଲେ ତବ ପଦାର୍ଚ୍ଚନ
ହୁଅନ୍ତା ବା କିଛି ହେଲେ ଧର୍ମ ଅରଜନ ।

(୨)

ପ୍ରଭାତଲା ବିଭାବରୀ, ପଡ଼ିଲା ଚହଳ
ଗ୍ରାମ ଉପବନେ ଯହିଁ, ଗାନ୍ଧି ଗାନ୍ଧିଦଳ
ହେଲେ ଆସି ଉପସ୍ଥିତ । ପ୍ରଥମ ବଚନ—
ନାପିତ ନାହିଁ କି ଗ୍ରାମେ ? ହୋଇବେ ସଂସ୍କାର

Digitized by srujanika@gmail.com

ମହାତ୍ମା ଏ ପ୍ରଭାତରେ । ସ୍ୱେଚ୍ଛାସେବୀ ଦଳ
ଧାଇଁଲେ ତୁରିତେ ଗ୍ରାମେ । ଯାଉଁ କିଛିକ୍ଷଣ
ଦେଖିଲେ ସେ ସର୍ବେ, ପଛେ ସେହି ନାପିତୁଣୀ
ହାତେ ଛୁରି, ଆଖି ବୁଜେ, ମୁଖେ ନାହିଁ ବାଣୀ ।

ସୁସଜ୍ଜିତା ଓଡ଼ିଆଣୀ ନାନା ଅଳଙ୍କାରେ
ବାହାରିଛନ୍ତି ଅବା କେଉଁ ଯାତ୍ରା ଦେଖିବାରେ !
ମୁଗ୍ଧ ସବୁ ସଭ୍ୟଜନେ, ଗାନ୍ଧି ସ୍ମିତ ବଦନେ,
ଦେଖି ନାପିତୁଣୀ ଆସେ । କୌତୁକ ରହସେ

ଭାଷନ୍ତି ଦେବତା ହସି 'ଆଶ୍ଚର୍ଯ୍ୟ ଏ କଥା'!
ନାପିତୁଣୀ ଖୁର ଧରେ, ମୌନେ ପୋତି ମଥା,



ଗାନ୍ଧି ଓ ନାପିତୁଣୀ

Digitized by srujanika@gmail.com

ଏକା ଯୋଗେ, ଏକମନେ ! କହେ ଦେଇ ଜଳ
ନୟନରୁ ଓଡ଼ିଆଣୀ କରିଲା ଉଜ୍ଜ୍ୱଳ
ପତିତ ପାବନ ମହାମାନବ ଗାନ୍ଧିରେ
ମସ୍ତକେ ବୁଲାଇ ହସ୍ତ, ଖୁର ଗୁଳା ଧୀରେ
ଦୁଇ ଗଣ୍ଡେ, ଚିବୁକରେ ପରମ ଆଦରେ ।
ଭକ୍ତିଭରେ ନମି ପୁଣି ଚରଣ ଯୁଗଳେ
ପାବନ ସେ ନଖପନ୍ତି କରିଲା ଉଜ୍ଜ୍ୱଳ
ଅତି ଯତ୍ନେ ଦେଇ ତାର ସମଗ୍ର କୌଶଳ ।
ପଚାରିଲେ ଗାନ୍ଧି ତାରେ "ପିନ୍ଧିଛ ଜନନୀ,
ଏ ଯେଉଁ ଭୂଷଣ ଭାର କି ଲାଭ କହନି
ହୁଅଇ ଏଥିରେ ତବ ?" ଭାଷଇ ଗଦ୍‌ଗଦ
ନାପିତୁଣୀ କ୍ଷୀଣ କଣ୍ଠେ—"ମୋହର ସମ୍ପଦ
କାହିଁଛି ହେ ମହାତ୍ମା, ପାଇବ ଭୂଷଣ,
ଏ ସବୁ ଆଣିଛି ମାଗି ତୁମରେ ଦର୍ଶନ
କରିବ ବୋଲି ମୁଁ ଆଜ । ବିନା ଭୂଷଣରେ
କେମନ୍ତେ ଆସନ୍ତି ଦେଖି ଦେବତା ତୁମରେ ?"
ତା' ପରେ ତା କରେ ଯେବେ ଗୁଞ୍ଜିଲେ ତା ମୂଲ
ଗାନ୍ଧୀଙ୍କର ପାର୍ଶ୍ୱଜନେ ; ତୁରିତେ ତା ଚୂଳ
କରି ଧରେ ଗାନ୍ଧିଙ୍କର ଚରଣ କମଳେ
ଜୀବନର ପୁଣ୍ୟ ଘେନି ନାପିତୁଣୀ ଚଳେ ।

—ପ୍ରଶ୍ନ—

(କ) ୧ । ମହାତ୍ମା ଗାନ୍ଧି ପତିତ-ଉଦ୍ଧାରରେ ଆସିବା ଶୁଣି ନାପିତୁଣୀର ମନରେ ଯେ ଭାବର ଉଦୟ ହେଲା, ପ୍ରକାଶ କର ।

Digitized by srujanika@gmail.com

୨ । ସେ କି ପ୍ରକାରରେ ମହାତ୍ମାଙ୍କର ପୂଜା କରି ପୁଣ୍ୟ ଅର୍ଜ୍ଜନ କଲା ?

(ଗ) ୧ । ବିପରୀତାର୍ଥବୋଧକ ଶବ୍ଦ ଲେଖ :—
ନିରକ୍ଷର, ସମ୍ପଦ, ଅପେକ୍ଷା,

୨ । ବିଭାବରୀ, ପତିତପାବନ, ପଯୂର; ସ୍ମିତ—ଏଗୁଡ଼ିକର ଅର୍ଥ ଲେଖ ଓ ବାକ୍ୟରେ ବ୍ୟବହାର କର ।

ହିନ୍ଦୁ-ମୁସଲମାନ

ସେ ଆଜକୁ ପଚିଶ ବର୍ଷ ତଳର କଥା । ଥରେ କୌଣସି ଜିଲ୍ଲାର କୌଣସି ଗ୍ରାମରେ ଗୋଟିଏ ସ୍କୁଲ ପରିଦର୍ଶନ କରିବାକୁ ଯାଇଥିଲି । କାର୍ଯ୍ୟ ଶେଷ କରି ଆଠ-ନଅ ମାଇଲ ଦୂରରେ ଥିବା ଗୋଟିଏ ଡାକ-ବଙ୍ଗଳାରେ ରାତି ଯାପନ କରିବି ବୋଲି ମନସ୍ଥ କରିଥାଏ । ବେଳ ପ୍ରାୟ ୩ ଟାକୁ ସେହି ଡାକ-ବଙ୍ଗଳା ଅଭିମୁଖରେ ବଳଦ ଗାଡ଼ିରେ ଚଢ଼ିଲି । ପଛରେ ଆଉ ଗୋଟିଏ ଗାଡ଼ିରେ ଜଣେ ସ୍କୁଲ ସବ୍-ଇନ୍ସପେକ୍ଟର ଥିଲେ । ସେ ଜଣେ ହିନ୍ଦୁସ୍ଥାନୀ ବ୍ରାହ୍ମଣ, ଖୁବ୍ ନିଷ୍ଠାବାନ ହିନ୍ଦୁ ।

ବୈଶାଖ ମାସ । କିଛି ଦୂର ନ ଯାଉଣୁ ମୋତେ ଘୁମ ଲାଗିଲା । ଗାଡ଼ି ଧୀର ମନ୍ଥର ଗତିରେ ଚାଲିଥାଏ । ହଠାତ୍ ପ୍ରାୟ ପାଞ୍ଚଟା ବେଳକୁ ମେଘର ଗୁରୁ ଗର୍ଜ୍ଜନରେ ନିଦ ଭାଙ୍ଗିଗଲା । ଉଠି ଦେଖେ ଯେ, ଚତୁର୍ଦ୍ଦିଗ ନିବିଡ଼ ମେଘାଚ୍ଛନ୍ନ । ପ୍ରକୃତିର ରୂପ ଭୟଙ୍କର । ଅତି ଶୀଘ୍ର ଝଡ଼ ଓ ତା ସଙ୍ଗେ ଜଳ ଓ କୁଆପଥର ବୃଷ୍ଟି ହେବାକୁ ଲାଗିଲା । ମୁହୁର୍ମୁହୁଃ ବିଦ୍ୟୁତ୍‌ଚମକ ପ୍ରାଣରେ ଆତଙ୍କ ସୃଷ୍ଟି କଲା ।

Digitized by srujanika@gmail.com

ପାଖରେ କୌଣସିଠାରେ ଆଶ୍ରୟ ପାଇଲ ନାହିଁ । ଗାଡ଼ିବାଲାକୁ ପଚାରିଲି 'ନିକଟରେ ଗ୍ରାମ ଅଛି ?' ସେ କହିଲା "ରାସ୍ତାର ବାଁ ପଟେ ଏକ ମାଇଲ ଗଲେ ଗୋଟିଏ ଗାଁ ମିଳିବ ।" ମୁଁ ତାକୁ କହିଲି, "ଯେ କୌଣସିମତେ ସେହି ଗାଁକୁ ଗାଡ଼ି ନେଇ ଚାଲ । ଏଠି ରହିଲେ ମୃତ୍ୟୁ ନିଶ୍ଚିତ ।"

ଗାଡ଼ିବାଲା ଭୀତ ହୋଇ ଉଠିଥିଲା । ସେ ପ୍ରାଣପଣେ ଗାଡ଼ି ଚଳାଇବାକୁ ଲାଗିଲା । ପଛରେ ସବ୍‌ଇନ୍‌ସ୍‌ପେକ୍ଟରଙ୍କ ଗାଡ଼ି ମଧ୍ୟ ଆସିବାକୁ ଲାଗିଲେ । କିଛିକ୍ଷଣ ପରେ ଅତି କଷ୍ଟରେ ଆମ୍ଭେମାନେ ଗୋଟିଏ ଗ୍ରାମରେ ପହଞ୍ଚିଲୁ । ସେ ପର୍ଯ୍ୟନ୍ତ ପ୍ରଚଣ୍ଡ ଝଡ଼ ଚାଲିଥାଏ ।

ଏକା ସେମାନଙ୍କ ଗାଡ଼ିରୁ ଓହ୍ଲାଇ ଓଦା ଲୁଗାରେ ପ୍ରଥମେ ଯେଉଁ ଘରଟି ପାଇଲୁ, ସେହି ଘରେଇ ପଶିଗଲୁ । ତାହାରେ ଗୋଟିଏ ଗୁହାଳ । ଆମ୍ଭେମାନେ ସେହି ଗୁହାଳ ଘରେ ହିଁ ଆଶ୍ରୟ ନେଲୁ ।

ଘରଟି ଗୁହାଳ ହେଲେ କ'ଣ ହେଲା, ବେଶ୍ ପରିଷ୍କାର-ପରିଚ୍ଛନ୍ନ ଥିଲା । ସେହି ସ୍ଥାନରେ ଦୁଇଟି ଓଦା କମ୍ବଳ ପାରି ବସିଗଲୁ । କ୍ରମେ ଗାଡ଼ିରୁ ଅନ୍ୟାନ୍ୟ ଜିନିଷପତ୍ର ଅଣା ହେଲା । ଯାହା ହେଉ ଠିକିଏ ଆଶ୍ରୟ ମିଳିଲା । ଏଥିପାଇଁ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେଲୁ । ସେତେବେଳକୁ ରାତି ହୋଇ ଗଲାଣି । ଚାରିଆଡ଼େ ଅନ୍ଧକାର । କୌଣସିମତେ ଲଣ୍ଠନ ଜଳାଇ ସ୍ଥାନଟିକୁ ଆରାମଦାୟକ କରିବାର ଚେଷ୍ଟା କଲୁ । ଏ ପର୍ଯ୍ୟନ୍ତ ଘରର ମାଲିକଙ୍କର ଦେଖା ନାହିଁ । ଏ ବତାସିରେ କିଏ ବା ପଦାକୁ ବାହାରିବ ?

କିଛି ସମୟ ପରେ ଝଡ଼ କମିଲା । ବର୍ଷା ମଧ୍ୟ ବନ୍ଦ ହେଲା । ଗାଡ଼ିବାଲା ଖବର ଦେଲା, "ବାବୁ, ଏଇଟା ଗୋଟିଏ ମୁସଲମାନ

Digitized by srujanika@gmail.com

ଗ୍ରାମ । ଏଠି ଜଣେ ହେଲେ ହିନ୍ଦୁ ନାହାନ୍ତି ।" ନୈଷ୍ଠିକ ହିନ୍ଦୁ ସବ୍‌ଇନସ୍‌ପେକ୍ଟର ବାବୁ ଏହା ଶୁଣି ବିଚଳିତ ହେଲେ । ଆହାର ବା ପୂଜାର କୌଣସି ବନ୍ଦୋବସ୍ତ ଏଠି ହୋଇ ପାରିବ ନାହିଁ ।

ପ୍ରାୟ ଘଣ୍ଟାଏ ବସିବା ପରେ ଗୃହସ୍ୱାମୀ ଦେଖାଦେଲେ । ତାଙ୍କର ହୃଷ୍ଟପୁଷ୍ଟ ଦେହ, ସୌମ୍ୟ ମୂର୍ତ୍ତି, ଶୁଭ୍ର କେଶ, ଶୁଭ୍ର ଶ୍ମଶ୍ରୁ ଓ ଶୁଭ୍ର ବେଶ ଦେଖି ମୋ ମନରେ ଶ୍ରଦ୍ଧାର ସଞ୍ଚାର ହେଲା । ସେ ଆସିବା ମାତ୍ରେ ଆମ୍ଭମାନଙ୍କୁ ଅଭିବାଦନ କରି କହିଲେ, 'ବାବୁମାନଙ୍କର ଅତ୍ୟନ୍ତ କଷ୍ଟ ହେଲା । ଆଜିକାଲି ବାଆ-ବତାସର ଦିନ । ଅପରାହ୍ଣରେ ଯାତ୍ରା କରି ଭଲ କରି ନାହାନ୍ତି । ଯାହାହେଉ, ଆପଣମାନଙ୍କୁ ଦେଖି ମୋର ଅତ୍ୟନ୍ତ ଆନନ୍ଦ ହେଉଛି । ରାତି ପାଇଁ ଖାଇବା ପିଇବାର ଯୋଗାଡ଼ କରେଁ ?'

ମୋ ମୁହଁରୁ କଥା ନ ବାହାରୁଣୁ ସବ୍-ଇନ୍‌ସପେକ୍ଟର ବାବୁ କହିଲେ 'ମୌଲା ସାହେବ, ଆମମାନଙ୍କ ପାଇଁ ଚିନ୍ତିତ ହେବେ ନାହିଁ । ଏଠି ଅଳ୍ପ କିଛି ସମୟ ବିଶ୍ରାମ କରି, ବର୍ଷାଟା ଛାଡ଼ିଗଲେଇ ଆମେ ଡାକ ବଙ୍ଗଳାକୁ ଚାଲିଯିବୁ ।'

'ବାବୁ, ତାହା କି ହୁଏ ? ଆପଣମାନେ ଆମର ଅତିଥି । ଆମେ କିପରି ଆପଣମାନଙ୍କୁ ନଖୁଆଇ ଛାଡ଼ିବୁ ? ତା'ହୋଇ ନପାରେ ।'

ସବ୍‌ଇନ୍‌ସପେକ୍ଟର ବାବୁ ଟିକେ ହସି କହି ପକାଇଲେ "ଦେଖନ୍ତୁ ମହାଶୟ, ଆମ୍ଭେମାନେ ହିନ୍ଦୁ ଓ ବ୍ରାହ୍ମଣ । ଆମ୍ଭମାନଙ୍କ ବ୍ୟବହାର ପାଇଁ ଆପଣଙ୍କ ଗାଁରେ ପାଣିଇ ମିଳି ନପାରେ । ଆହାର କରିବୁ କିପରି କହନ୍ତୁ ?"

ମୁସଲମାନ ଭଦ୍ରଲୋକ କହିଲେ, "ହଁ ବାବୁ, ତୁମେ ଯାହା କହିଲ ତାହା ସତ । କ'ଣ କରିବ । ଏ ଦୁର୍ଯୋଗରେ ଅନ୍ୟ

Digitized by srujanika@gmail.com

ଉପାୟ ତ ମତେ ଦିଶୁନାହିଁ । ତେବେ ଆପଣମାନେ ଯଦି ନଆଇବେ, ଆମେ ସ୍ତ୍ରୀ-ପୁରୁଷ ମଧ୍ୟ ଅଖିଆ ରହିବୁ । ଆମର ଧର୍ମ କହେ, ଅତିଥିକି ନଖୁଆଇ, ଖାଇବ ନାହିଁ । କିନ୍ତୁ ବାବୁ, ମୋର ତା ହେଲେ ଗୋଟିଏ ଅନୁରୋଧ । ଆଜି ରାତିରେ ଆପଣ ଆଉ ଯାଆନ୍ତୁ ନାହିଁ କାହିଁ । କାଲି ସକାଳେ ମୁଁ ଆପଣମାନଙ୍କୁ ଦେଖା କରିବି, ତେବେ ଯାଇ କୁଆଡ଼େ ଯିବେ ।"

ବୃଦ୍ଧ ଗୃହସ୍ୱାମୀ ମୋ ଆଡ଼କୁ ଅନାଇ ଏଇ କଥା ଗୁଡ଼ିକ କହିଲେ । ମୁଁ ସେଥିରେ ସମ୍ମତ ହେଲି । ମୋ ଠାରୁ ଆଶ୍ୱାସନା ପାଇଁ ବୃଦ୍ଧ ଅତ୍ୟନ୍ତ ଆନନ୍ଦିତ ହେଲେ । ପୁଣି ପଚାରିଲେ, 'ରାତ୍ରିର ଶୟନ ପାଇଁ ଆଉ କିଛି ଦରକାର କି ?' ମୁଁ କହିଲି "ଯଦି ଦୁଇଖଣ୍ଡି ଶୁଖିଲା କମ୍ବଳ ଦେଇ ପାରନ୍ତ—" ବୃଦ୍ଧ ସଙ୍ଗେ ସଙ୍ଗେ କମ୍ବଳ ଆଣି ଦେଲେ ଓ ଅନେକ ବେଳଯାଏ ଆମ ପାଖରେ ବସି ନିଜର ଦୁଃଖ ସୁଖ କଥା-ବାର୍ତ୍ତା ହେଲେ । ରାତି ପ୍ରାୟ ୧୦ ବେଳକୁ ବୃଦ୍ଧ ଆମଠାରୁ ବିଦାୟ ନେଲେ । ଆମେ ଶୁଖିଲା କମ୍ବଳ ମେଲାଇ ସଙ୍ଗେ ସଙ୍ଗେ ଶୋଇ ପଡ଼ିଲୁ ।

ରାତି ସେତେବେଳକୁ ଦୁଇଟା । ଆକାଶରେ ଆଉ ମେଘ ନାହିଁ । ଚାରିଆଡ଼ ନିସ୍ତବ୍ଧ । ଏପରି ସମୟରେ ବାହାରେ କୋଳାହଳ ଶୁଣିବାକୁ ପାଇଲି । ଭୟ ହେଲା, ହୁଏତ ଡକାଇତ ଆସିଲେ । ଚପ୍ରାଶିକି ଉଠାଇ କହିଲି "ଦେଖିତ, ବାହାରେ କି ଗୋଳମାଳ ?" ସେ ପଶ୍ଚିମା ଲୋକ । ତା ଦେହରେ ବଳ ଓ ତା ମନରେ ସାହସ ପ୍ରଚୁର । ସେ ଅବିଳମ୍ବେ କବାଟ ଖୋଲି ବାହାରକୁ ଗଲା ଏବଂ ଅଧଘଣ୍ଟା ପରେ ଫେରିଆସି କହିଲା, "ବାବୁ, ଆପଣମାନଙ୍କ ପାଇଁ ଗୋଟିଏ କୁଆ ଖୋଳା ହେଉଛି । ସେଇଥି ପାଇଁ ଏତେ ଲୋକ ଓ

Digitized by srujanika@gmail.com

ଗୋଲମାଲ । ସେ ମୁସଲମାନ ଭଦ୍ରଲୋକ ରାତାରାତି ଅନ୍ୟ ଗ୍ରାମରୁ ଯାଇ କେତେକ ହିନ୍ଦୁ ମଜୁରିଆଙ୍କୁ ଆଣି କୂଅ ଖୋଳେଇବାରେ ଲଗାଇଛନ୍ତି !”*

ମୁଁ ଶୁଣି ଅବାକ୍ । ହିନ୍ଦୁ-ବାନ୍ଧବର ପାନୀୟ ଜଳର ବନ୍ଦୋବସ୍ତ କରି ଦେବାପାଇଁ ସେଇ ମୁସଲମାନ ବୃଦ୍ଧ ଏହି ଗଭୀର ରାତିରେ ଅନ୍ୟ ଗ୍ରାମରୁ ହିନ୍ଦୁଙ୍କୁ ଆଣାଇ କୂଅ ଖୋଳାଉଛନ୍ତି ! ଅତିଥେୟତାର ବହୁତ ଗଳ୍ପ ଶୁଣିଛି, କିନ୍ତୁ ଏପରି ଅତିଥି ସତ୍କାର କେଉଁଠି ଶୁଣି ବା ଦେଖି ନ ଥିଲି । ଧନ୍ୟ ମୁସଲମାନ ବୃଦ୍ଧ, ତୁମେ ଧନ୍ୟ ! ଶାସ୍ତ୍ରରେ କୁହା ହୋଇଛି, ‘ଅତିଥି ନାରାୟଣ ।’ ସେ କଥାର ତାତ୍ପର୍ଯ୍ୟ ଆଜି ତୁମର ପାଖରେ ହିଁ ପ୍ରଥମ ଉପଲବ୍ଧି କଲି ।

ସକାଳ ହେଉ ନ ହେଉଣୁ ବୃଦ୍ଧ ଆସି ଆମ ନିକଟରେ ଉପସ୍ଥିତ । ସେ ସାରା ରାତି ଶୋଇ ନାହାନ୍ତି । ଆମମାନଙ୍କର ସୁବିଧା କିପରି ହେବ, ଏଇ ଚିନ୍ତାରେ ତାଙ୍କ ନିଦ ହୋଇପାରି ନାହିଁ । ଆସି କହିଲେ “ବାବୁ, କୂଅ ପ୍ରସ୍ତୁତ । କୌଣସି ମୁସଲମାନ ଏ କୂଅର ପାଣି ସ୍ପର୍ଶ କରି ନାହାନ୍ତି । ତୁମେ ବିନା ଦ୍ୱିଧାରେ ଏ କୂଅର ପାଣି ବ୍ୟବହାର କରି ପାରିବ ।’

ଭାବାବେଗରେ ମୋର ବାକ୍‌ରୋଧ ହେବାକୁ ବସିଲା । ମୁଁ କିଛି ହେଲେ କହି ପାରିଲି ନାହିଁ । ସେ ଭାବିଲେ ମୁଁ ବୋଧହୁଏ ସନ୍ଦେହ କରୁଛି । ସେ କହିଲେ “ଖୋଦାଙ୍କ ରାଣ, ମୁଁ ସତ୍ୟ କଥା କହୁଛି ।”

ମୁଁ ଏକ ଲମ୍ଫରେ ଠିଆହୋଇ ପଡ଼ି ତାହାଙ୍କୁ ଦୃଢ଼ ଆଲିଙ୍ଗନରେ ଆବଦ୍ଧ କରି କହିଲି, “ପାନୀୟ ଜଳ ମିଳା ହେଲା, କିନ୍ତୁ

* ବଙ୍ଗ ଦେଶର ଏ ଅଞ୍ଚଳରେ ପାଞ୍ଚ ଛହାତ ମାଟି ଖୋଳିଲେଇ ପାଣି ବାହାରେ ।

Digitized by srujanika@gmail.com

ଖାଇବାକୁ ଦେବେନି ?" ସାଦରରେ ତାଙ୍କୁ ବିଛଣାରେ ବସାଇ ପୁଣି କହିଲି "କିଛି ଖାଇବାକୁ ଦିଅନ୍ତୁ ।" ବୃଦ୍ଧ ହସି ହସି କହିଲେ, "ସେଥିପାଇଁ ତ ଆସିଛି । ଆପଣମାନଙ୍କର ବିଶେଷ କିଛି ଆୟୋଜନ କରି ପାରିବି ନାହିଁ । ଘରେ ଯାହା ଅଛି, ତାହାହିଁ ଦେବି । ଆପଣ-ମାନେ ବର୍ତ୍ତମାନ ପ୍ରାତଃକୃତ୍ୟ ସାରି ଆସନ୍ତୁ ।"

ସବ୍‌ଇନ୍‌ସପେକ୍ଟର ବାବୁଟି ମୋ ମୁହଁକୁ ଅନାଇ କହିଲେ, "କ'ଣ କରିବା" ? ମୁଁ କହିଲି "ଦେଖନ୍ତୁ ଦୁବେଜୀ, କୌଣସି ଆପତ୍ତି କରିବା ଉଚିତ ନୁହେଁ ।" ସେ ମୋର ମନୋଗତ ଭାବ ଦେଖି ବର୍ତ୍ତମାନ ଉତ୍ତର ଦେଲେ "ନା, ନା, ମୋର କି ଆପତ୍ତି ? ଆପଣ କୁଳୀନ ବ୍ରାହ୍ମଣ, ଆପଣ ଖାଇଲେ ମୋର କାହିଁକି ଆପତ୍ତି ହେବ ?"

ବୃଦ୍ଧ ଯଥାସମୟରେ ଆସିଲେ । ଆଠ ଦଶଖଣ୍ଡ କଦଳୀପତ୍ର, ସୁଗନ୍ଧି ଚାଉଳର ସରୁ ଚୁଡ଼ା, ନିଜ ଘରତିଆରି ଗୁଡ଼, ଉତ୍କୃଷ୍ଟ ପାଚିଲା କଦଳୀ, ଓ ଅନ୍ଦାଜରେ ପ୍ରାୟ ତିନିସେର ଟାଟକା ଦୁଧ ଆମ-ମାନଙ୍କ ପାଖରେ ରଖି ଦେଇ ଗଲେ ।

ଆମ୍ଭେମାନେ ସ୍ନାନାଦି ଶେଷ କରି ସେମାନଙ୍କର ଯଥାବିହିତ ସଦ୍‌ବ୍ୟବହାର କଲୁ ଏବଂ ପ୍ରାୟ ଦିନ ଦଶଟା ବେଳକୁ ଗୋରୁଗାଡ଼ିରେ ପୁଣି ବସିଲୁ ।

ଆସିବାବେଳେ ଇଚ୍ଛା ହୋଇଥିଲା ସେହି ମୁସଲମାନ ବୃଦ୍ଧଙ୍କର ପାଦ ଛୁଇଁ ତାଙ୍କୁ ବନ୍ଦନା କରିଥାନ୍ତି । କିନ୍ତୁ ନୈଷ୍ଠିକ ହିନ୍ଦୁ ସବ୍‌-ଇନସ୍ପେକ୍ଟର ବାବୁଙ୍କ ଭୟରେ ତାହା କଲି ନାହିଁ । ଏହି ଦୁର୍ବଳତା-ପାଇଁ ମୁଁ ବର୍ତ୍ତମାନ ପର୍ଯ୍ୟନ୍ତ ଲଜ୍ଜିତ ।

Digitized by srujanika@gmail.com

ଆଜିକାଲି ହିନ୍ଦୁ-ମୁସଲମାନ ବିରୋଧ ଗୃହଆଡ଼େ ଶୁଣାଯାଉଛି । ଯେଣୁ ଇଚ୍ଛା ହେଉଛି ଯେହି ଅମାୟିକ ବୃଦ୍ଧ ମୁସଲମାନର ସ୍ୱର୍ଗୀୟ ଆତ୍ମାକୁ ଆହ୍ୱାନ କରି କହେ "ହେ ମହାପୁରୁଷ, ତମେ ଆସି ଏହି ମନୋମାଳିନ୍ୟ ଦୂର କରିଦିଅ ।" (ସତ୍ୟ ଘଟଣା)

—ପ୍ରଶ୍ନ—

(କ) ୧ । ବୃଦ୍ଧ ମୁସଲମାନଙ୍କର ଆତିଥେୟତା ବର୍ଣ୍ଣନ କର ।

୨ । "ଯେଣୁ ଇଚ୍ଛା ହେଉଛି, ସେହି ବୃଦ୍ଧ ମୁସଲମାନର ସ୍ୱର୍ଗୀୟ ଆତ୍ମାକୁ ଆହ୍ୱାନକରି କହେ "ହେ ମହାପୁରୁଷ, ତମେ ଆସି ଏହି ମନୋମାଳିନ୍ୟ ଦୂର କରିଦିଅ ।"— ଏହି ଗଦ୍ୟାଂଶର ଅର୍ଥ ସରଳ ଭାଷାରେ ବୁଝାଇ ଲେଖ ।

(ଖ) ୧ । କୁଳୀନ, ଅମାୟିକ, ବିରୋଧ, ଆଶ୍ୱାସନା, ଶୁଶ୍ରୂ—ଏ ଶବ୍ଦ ଗୁଡ଼ିକୁ ଗୋଟିଏ ଗୋଟିଏ ବାକ୍ୟରେ ବ୍ୟବହାର କର । ଏଥିମଧ୍ୟରେ ଥିବା ବିଶେଷ୍ୟକୁ ବିଶେଷଣରେ ଓ ବିଶେଷଣକୁ ବିଶେଷ୍ୟରେ ପରିଣତ କର ।

୨ । ମାଳିନ୍ୟ, ନୈତିକ, ପୃଷ୍ଠ—ଏ ଶବ୍ଦଗୁଡ଼ିକ କିପରିଭାବରେ ଗଠିତ ହୋଇଅଛି ଦେଖାଅ ।

୩ । ଦୁର୍ଯୋଗ, ମନୋଗତ, ଭାବାବେଗ, ମୁହୁର୍ମୁହୁଃ— ଏଗୁଡ଼ିକର ସନ୍ଧିବିଚ୍ଛେଦ କର ।

Digitized by srujanika@gmail.com

ତିନୋଟି ପ୍ରଶ୍ନ

ଥରେ ରାଜା ଭାବିଲେ, ଯଦି ତିନୋଟି ପ୍ରଶ୍ନର ଠିକ୍ ଉତ୍ତର ତାଙ୍କୁ ମିଳିଯିବ ତେବେ ରାଜ୍ୟ-ଶାସନରେ ତାଙ୍କର କୌଣସି ଅସୁବିଧା ଆଉ ରହିବ ନାହିଁ । ସେଇ ତିନୋଟି ପ୍ରଶ୍ନ ହେଉଛି, କେଉଁ ଲୋକଙ୍କ ସଙ୍ଗେ କାରବାର କରିବ ଓ କାହା ସଙ୍ଗେ କୌଣସି ସମ୍ପର୍କ ରଖିବ ନାହିଁ । ଠିକ୍ କେଉଁ ସମୟରେ କାମ ଆରମ୍ଭ କରିବ ଏବଂ ଦୁନିଆରେ କେଉଁ କାମ ସବୁଠାରୁ ବେଶୀ ଆବଶ୍ୟକ ?

ଏଇ ତିନି ପ୍ରଶ୍ନର ସର୍ବୋତ୍ତମ ଉତ୍ତର ପାଇଁ ରାଜା ଏକ ପୁରସ୍କାର ଘୋଷଣା କଲେ । ନାନା ଦେଶରୁ ପଣ୍ଡିତମାନେ ଆସି ନାନା ଉତ୍ତର ଦେଲେ । ଉତ୍ତର ଗୁଡ଼ିକ ପରସ୍ପରବିରୋଧୀ ହେଲା । ରାଜାଙ୍କର ମନକୁ କୌଣସିଟି ହେଲେ ପାଇଲା ନାହିଁ । ଅଳ୍ପ ଦୂରରେ ଏକ ପ୍ରସିଦ୍ଧ ସାଧୁ ଥିଲେ । ରାଜା ଭାବିଲେ, ହୁଏତ ସେହି ସାଧୁ ତାଙ୍କ ପ୍ରଶ୍ନମାନଙ୍କର ଉତ୍ତର ଦେଇ ପାରିବେ । ତେଣୁ ଦିନେ ସେ ସାଧୁଙ୍କ ଆଶ୍ରମକୁ ଯାତ୍ରା କଲେ । ସାଧୁଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଲାଗି ସେ ରାଜକୀୟ ବେଶ ପରିତ୍ୟାଗ କରି ସାଧାରଣ ପୋଷାକ ପରିଧାନ କଲେ ଏବଂ ସାଥିରେ ଜଣେ ମାତ୍ର ଶରୀରରକ୍ଷୀକୁ ନେଲେ । ଆଶ୍ରମ ନିକଟ ହେବାରୁ ସେ ଶରୀରରକ୍ଷୀକୁ ବାହାରେ ରହିବାକୁ ଆଦେଶ ଦେଇ ଆଶ୍ରମ ଭିତରକୁ ଏକା ଏକା ପ୍ରବେଶ କଲେ ।

ରାଜା ଭିତରେ ପ୍ରବେଶ କରି ଦେଖିଲେ ଯେ ସାଧୁ ତାଙ୍କର କୁଟୀର ସମ୍ମୁଖରେ କୋଡ଼ି ଧରି ଜମି ଖୋଳୁଛନ୍ତି । ସେ ରାଜାଙ୍କୁ ଦେଖିଲେ, ରାଜାଙ୍କର ଅଭିବାଦନ ଗ୍ରହଣ କଲେ, କିନ୍ତୁ କିଛି ନ କହି ପୁଣି ମାଟି ଖୋଳିବାକୁ ଲାଗିଲେ । ରାଜା ତାଙ୍କୁ ସମ୍ବୋଧନ କରି ସେ

Digitized by srujanika@gmail.com

ଯେଉଁ ତନୋଟି ପ୍ରଶ୍ନର ଉତ୍ତର ପାଇବାପାଇଁ ତାଙ୍କ ନିକଟକୁ ଆସିଛନ୍ତି ତାହା ତାଙ୍କୁ କହିଲେ । ସାଧୁ କୌଣସି ଉତ୍ତର ନ ଦେଇ କୋଡ଼-ହାଣିବାକୁ ଲଗିଲେ ।

ରାଜା କହିଲେ "ଆପଣ ଅତ୍ୟନ୍ତ କ୍ଳାନ୍ତ ହୋଇ ପଡ଼ିଲେଣି, ମତେ କୋଡ଼ଟି ଦିଅନ୍ତୁ ।" ସାଧୁ ରାଜାଙ୍କୁ କୋଡ଼ଟି ଦେଇ ନିକଟରେ ମୌନ ହୋଇ ବସି ରହିଲେ । ରାଜା ମାଟି ଖୋଳିବାକୁ ଲାଗିଲେ ।

ଦୁଇଟି କିଆରି ଖୋଳି ସାରିଲା ପରେ ରାଜା ସାଧୁଙ୍କୁ ପୁଣି ନିଜର ତିନିଟି ପ୍ରଶ୍ନର ଉତ୍ତର ମାଗିଲେ । ସାଧୁ କେବଳ କହିଲେ, "ଆପଣ ବୋଧହୁଏ କ୍ଳାନ୍ତ ହୋଇ ପଡ଼ିଲେଣି । ଏଥର କୋଡ଼ଟି ମତେ ପୁଣି ଦିଅନ୍ତୁ, ଆପଣ ବିଶ୍ରାମ ନିଅନ୍ତୁ ।"

ରାଜା ସାଧୁଙ୍କୁ କୋଡ଼ ନ ଫେରାଇ ପୁଣି ମାଟି ତାଡ଼ିବାକୁ ଲାଗିଲେ । କ୍ରମେ ସନ୍ଧ୍ୟା ହୋଇ ଆସିଲା । ରାଜା କୋଡ଼ା ବନ୍ଦ କରି କହିଲେ 'ସାଧୁଜୀ, ମୁଁ ଆପଣଙ୍କ ନିକଟକୁ ତନୋଟି ପ୍ରଶ୍ନର ଉତ୍ତର ପାଇଁ ଆସିଥିଲି । ଆପଣ ଯଦି ଉତ୍ତର ନ ଦେବେ ନାହିଁ କରି ଦିଅନ୍ତୁ, ମୁଁ ନଗରକୁ ଫେରିଯିବି ।'

ସାଧୁ "ଦେଖ, ଏଇ ଜଣେ ଲୋକ ଏଆଡ଼କୁ ଦଉଡ଼ି ଦଉଡ଼ି ଆସୁଛି । ଦେଖିବା, ସେ କିଏ ଓ ତା'ର କଅଣ ଦରକାର ।"

ରାଜା ଦେଖିଲେ ଯେ ଧାଇଁ ଆସୁଥିବା ଲୋକଟି ହଠାତ୍ ସେମାନଙ୍କ ନିକଟରେ ପଡ଼ିଗଲା । ଯାଇ ପରୀକ୍ଷା କରିବାରୁ ଦେଖା-ଗଲା ଯେ ସେ ଆହତ ଏବଂ ତା'ର ନିମ୍ନୋଦରରୁ ଭୀଷଣ ରକ୍ତସ୍ରାବ ହେଉଛି । ସାଧୁ ଓ ରାଜା ଦୁହେଁ ତାର ପ୍ରାଥମିକ ଚିକିତ୍ସା କରି ତାର ରକ୍ତସ୍ରାବ ବନ୍ଦ କରାଇଲେ ଓ ତା ପରେ ତାକୁ ଟେକି ନେଇ

Digitized by srujanika@gmail.com

କୁଟୀରରୁ ଏକ ଶଯ୍ୟାରେ ଶୁଆଇ ଦେଲେ । ଲୋକଟି ଧୀରେ ଧୀରେ ନିଦ୍ରାଭିଭୂତ ହୋଇ ପଡ଼ିଲା । ସାଧୁ ଅନାଏ ବିଶ୍ରାମ ନେଲେ । ରାଜା ସେହି ଆହତ ଲୋକ ନିକଟରେହିଁ ସେ ରାତି ଶୟନ କଲେ ।

ସାଧୁ, ରାଜା ଓ ଆହତ ବ୍ୟକ୍ତି

ରାତି ପ୍ରଭାତ ହେଲା । ରାଜା ନିଦ୍ରାତ୍ୟାଗ କରି ବସିଛନ୍ତି । ଆହତ ବ୍ୟକ୍ତିର ମଧ୍ୟ କ୍ରମେ ନିଦ୍ରାଭଙ୍ଗ ହେଲା । ଏବଂ ସେ ଆଖି ମେଲାକରି ରାଜାଙ୍କୁ ଯେମିତ ଦେଖିପାରିଲା, ସେମିତ କହିଲା, 'ମତେ ଆପଣ କ୍ଷମା ଦିଅନ୍ତୁ ।'

ରାଜା କହିଲେ 'ମୁଁ ତୁମକୁ ଆଦୌ ଚିହ୍ନି ନାହିଁ । ତୁମେ ମୋର କି ଅପରାଧ କରିଛ ଯେ ତୁମକୁ କ୍ଷମା କରିବ ?'

ଲୋକଟି କହିଲା "ଆପଣ ମତେ ଜାଣନ୍ତି ନାହିଁ, କିନ୍ତୁ ମୁଁ ଆପଣଙ୍କୁ ଜାଣେ । ଆପଣ ନ୍ୟାୟ ବିଚାରରେ ମୋର ଭାଇକୁ ମୃତ୍ୟୁ

Digitized by srujanika@gmail.com

ଦଣ୍ଡ ଦେଇଥିଲେହେଁ, ମୁଁ ଆପଣଙ୍କୁ ହତ୍ୟା କରିବାକୁ ପ୍ରତିଜ୍ଞାବଦ୍ଧ ଥିଲି । ମୁଁ ଜାଣିଲି ଯେ, ଆପଣ ଏକା ଏକା ଆଶ୍ରମକୁ ଆସିଛନ୍ତି । ତେଣୁ ଆପଣଙ୍କୁ ହତ୍ୟା କରିବାପାଇଁ ବାଟରେ ଛକି ଥିଲି । କିନ୍ତୁ ସନ୍ଧ୍ୟା ହୋଇଗଲା, ଆପଣ ଫେରିଲେ ନାହିଁ । ତେଣୁ ମୁଁ ଆଶ୍ରମ-ଭିତରକୁ ଆସୁଥିଲି । ଏପରି ସମୟରେ ଆପଣଙ୍କର ଶରୀରରକ୍ଷୀ ମତେ ଚିହ୍ନିପାରି ମୋତେ ଆହତ କଲା । ମୁଁ ପ୍ରାଣରକ୍ଷାପାଇଁ ପଳାଇ ଆସୁ-ଥିଲି । ମୁଁ ମରିଯାଇଥାନ୍ତି । ଆପଣ ମୋ ହାତରେ ମରିବା ପରିବର୍ତ୍ତିରେ ମୋ ଜୀବନ ରକ୍ଷା କଲେ । ମୁଁ ବଞ୍ଚିଥିବା ଯାଏ ଆପଣଙ୍କର ଏକାନ୍ତ ଅନୁଗତ କ୍ରୀତଦାସ ହୋଇ ରହିଲି ।”

ତାଙ୍କର ଜଣେ ଶତ୍ରୁ ଏପରି ଆକସ୍ମିକ ଭାବରେ ମିତ୍ରରେ ପରିଣତ ହେବାର ଦେଖି ରାଜା ବିସ୍ମିତ ହେଲେ । ସେ ସଙ୍ଗେ ସଙ୍ଗେ ଚିକିତ୍ସକ ପଠାଇ ତାକୁ ନଗରକୁ ନେଇଯିବାର ଆଶା ଦେଇ ତାଠାରୁ ବିଦାୟ ନେଲେ ।

ବାହାରକୁ ଆସି ରାଜା ଦେଖନ୍ତି ଯେ ସାଧୁ ଗତଦିନର ଖୋଳା ମାଟିରେ ବୀଜ ବପନ କରିବାରେ ବ୍ୟସ୍ତ । ସେ ତାଙ୍କ ନିକଟକୁ ଯାଇ ଅଭିବାଦନ କଲେ ଓ କହିଲେ “ସାଧୁଜୀ, ଶେଷଥର ପାଇଁ ଆପଣଙ୍କୁ ଅନୁରୋଧ କରୁଛି ମୋର ପ୍ରଶ୍ନମାନଙ୍କର ଉତ୍ତର ଦିଅନ୍ତୁ ।”

ସାଧୁ କହିଲେ “ଆପଣ ତ ପ୍ରଶ୍ନମାନଙ୍କର ଉତ୍ତର ପାଇ ସାରିଲେଣି ।”

ରାଜା ବିସ୍ମିତ ହୋଇ କହିଲେ ‘କିପରି ?’ ସାଧୁ କହିଲେ “ଦେଖନ୍ତୁ, ଆପଣ ଯଦି ମୋପ୍ରତି ସମ୍ମାନ ବା ସହାନୁଭୂତି ପ୍ରକାଶ କରି ମୋପାଇଁ ମାଟି ଖୋଳି ନଥାନ୍ତେ ଓ ନଗରକୁ ସଙ୍ଗେ ସଙ୍ଗେ ଫେରି ଯାଇଥାନ୍ତେ ତେବେ ସେ ଲୋକଟି ବାଟରେ ଆପଣଙ୍କୁ ଆକ୍ରମଣ

Digitized by srujanika@gmail.com

କରିଥାନ୍ତା ଓ ଆପଣ ଅନୁତପ୍ତ ହୋଇଥାଆନ୍ତେ । ତେଣୁ ସେତେବେଳେ ସବୁଠାରୁ ଆବଶ୍ୟକ କାମ ଥିଲା ମୋ ପ୍ରତି ସହାନୁଭୂତି ଦେଖାଇବା, ଏବଂ ମୁଁ ହେଉଛି କାରବାରପାଇଁ ଠିକ୍ ଲୋକ । ଯେଉଁ ସମୟରେ ଆପଣ ମାଟି କୋଡ଼ିଲେ ତାହାହିଁ କାର୍ଯ୍ୟାରମ୍ଭର ଠିକ୍ ସମୟ । ପର ଘଟଣା ମଧ୍ୟ ଦେଖନ୍ତୁ । ସେ ଲୋକଟିକୁ ଠିକ୍ ସେହି ସମୟରେ ଆପଣ ଚିକିତ୍ସା ନ କରିଥିଲେ ସେ ଲୋକ ବଞ୍ଚି ନଥାନ୍ତା ଓ ଆପଣ ଜଣେ ଅନୁଗତ ମିତ୍ର ହରାଇଥାନ୍ତେ । ତେଣୁ ମନେରଖନ୍ତୁ ଯେ ସବୁଠାରୁ ପ୍ରଧାନ କାଳ ହେଉଛି ବର୍ତ୍ତମାନ କାଳ । ଭବିଷ୍ୟତ କଣ ହେବ ଆପଣ କହି ପାରିବେ କି ? ଯେଉଁ ଲୋକଙ୍କ ସଙ୍ଗେ ଠିକ୍ କାରବାର କରିବ, ସେ ହେଉଛନ୍ତି ସେହି ଯାହାଙ୍କ ସଙ୍ଗେ ଆପଣ ବର୍ତ୍ତମାନ ଅଛନ୍ତି । କାରଣ ତାଙ୍କ ସଙ୍ଗେ ଭବିଷ୍ୟତରେ ଆଉ ଦେଖା ହେବ କି ନାହିଁ, କିଏ ଜାଣେ ? ଏବଂ ସବୁଠାରୁ ଆବଶ୍ୟକ କାମ ହେଉଛି ଯାହାଙ୍କ ସଙ୍ଗରେ ଅଛ, ତାଙ୍କରହିଁ ଉପକାର କରିବା । କେବଳ ପରର ଉପକାର କରିବାପାଇଁ ଭଗବାନ ଆମ୍ଭମାନଙ୍କୁ ଏ ସଂସାରକୁ ପଠାଇଛନ୍ତି ।”

(ଟଲଷ୍ଟୟଙ୍କ ଏକ ଗଳ୍ପର ଛାୟାନୁବାଦ)

—ପ୍ରଶ୍ନ—

(କ) ୧ । ରାଜାଙ୍କର ତିନୋଟି ପ୍ରଶ୍ନ କଣ କଣ ?

୨ । ରାଜାଙ୍କର ଶତ୍ରୁ କପରି ମିତ୍ରରେ ପରିଣତ ହେଲା ?

୩ । ସାଧୁ କପରିଭାବରେ ରାଜାଙ୍କ ତିନୋଟି ପ୍ରଶ୍ନର ଉପଯୁକ୍ତ ଉତ୍ତର ଦେଇଥିଲେ ସଂକ୍ଷେପରେ ଲେଖ ।

(ଖ) ୧ । ନିଦ୍ରାଭିଭୂତ, ପ୍ରତିଜ୍ଞାବଦ୍ଧ, ପ୍ରାଣରକ୍ଷା, କ୍ରୀତଦାସ— ଏଗୁଡ଼ିକ କପରିଭାବରେ ସମାସ ହୋଇଛି ଦେଖାଅ ଓ ସମାସର ନାମ ଦିଅ ।

Digitized by srujanika@gmail.com

୨ । ରଙ୍ଗ, ପରିତ୍ୟାଗ, ବିଶ୍ରାମ, ପରୀକ୍ଷା, ଅଧୀନ—ପ୍ରତ୍ୟେକକୁ ବିଶେଷଣରେ ପରିଣତ କର ।

ବର୍ଷା କାଳ

ରାଗ—ମଙ୍ଗଳ ଗୁଜ୍ଜରୀ ।

ଦେନି ଭ୍ରାତ, ମାଲ୍ୟବନ୍ତ ଶିଖେ ବିଜେ କରି
ଦେଖି ବନ ଶୋଭିବନ ତୋଷ ନୃପଧାରୀ ।
ମନୋରମ, ସ୍ଥାନେ ରାମ, ରଚିଲେ ଆଶ୍ରମ
ପକ୍ୱଫଳ କନ୍ଦମୂଳ ପାଇ ନେଲେ ଦିନ ।

ଏ ସମୟେ ଆସି ହୁଏ ଆଷାଢ଼ ପ୍ରବେଶ,
ନବଘନ ଘନ ଘନ ଘୋଟେ ଦିଶ ଦିଶ ।
ଉତ୍ତରର ଜଳଧର ଦକ୍ଷିଣେ ପଶଇ
କେତେବେଳେ ପଶ୍ଚିମରୁ ପୂର୍ବକୁ ଆସଇ ।

କୁହୁଁ କୁହୁଁ ଗୁହୁଁ ଗୁହୁଁ ମଣ୍ଡଳ ଘୋଟିଲା
ବନ ଗିରି ଗିଳି ସାରି, ମହୀରେ ଲୋଟିଲା ।
ଦିବା ନିଶି ପରି ଦିଶିଗଲେ ମିଶି ଦୁହେଁ
ଫୁଟି ପଦ୍ମ କୋକନଦ ମାନ ଭେଦ କହେ ।

ଝଞ୍ଜାବାତ ଝାଙ୍କଇତ ଅତି ପରଖର
ନିରନ୍ତର ନୀରଧାର ବୃଷ୍ଟି ଝର ଝର ।
ଦିଶ ଦିଶ ନୋହୁ ଦୃଶ୍ୟ ଅନ୍ଧାର ପୂରିଲା
ପଥିକଙ୍କ ପ୍ରବାସୀଙ୍କ ସଂସାର ସାରିଲା ।

Digitized by srujanika@gmail.com

ପର୍ବତରେ ନିର୍ଘାତରେ ଚଡ଼କ ପଡ଼ଇ
ଖଣ୍ଡ ଖଣ୍ଡ ହୋଇ ଖଣ୍ଡ ଶଇଳ ଝଡ଼ଇ ।
ବିଜୁଳି ଖେଳଇ ଜଳ ମଣ୍ଡଳ ଆକାରେ
ପୂର୍ବେ ଦିଶେ, ପୁଣି ଆସେ ନାଶେ ପଶ୍ଚିମରେ ।
ନଦୀ ବଢି କୂଳ ବୁଡ଼ି ଛୁଲ ମାଡ଼ ଧାଏଁ
ଖଳ ଖଳ ହୋଇ ଜଳ ସ୍ରୁତ ବେଗେ ବହେ ।
ତରୁ ଛିଣ୍ଡି କେ ଉପୁଡ଼ି ପଡ଼ନ୍ତି ଧରଣୀ
ଦିଶେ ଭୟ କି ପ୍ରଳୟ ହେବ ଏହିକ୍ଷଣି ।

ମାଳତୀରେ ମଧୁକରେ କରନ୍ତି ଗୁଞ୍ଜନ
ଠାବେ ଠାବେ ଉଠେ ଶୁଭେ ଝିଙ୍କାରିଙ୍କ ଧ୍ୱନି ।
ଯୂଇ ଜାଈ ବନମଲ୍ଲୀ ସୁବାସ ଚହଲ
ବୋଲଇ କେଶବ ଦେଖି ରାଘବ ବିକଳ ।

(କେଶବ ପଟ୍ଟନାୟକଙ୍କ ନଟ୍ଟ ରାମାୟଣରୁ ଗୃହୀତ)

—ପ୍ରଶ୍ନ—

(କ) ୧ । କବିତାଟିର ଅନୁସରଣରେ ବର୍ଷା ସମୟର ଦୃଶ୍ୟ ବର୍ଣ୍ଣନ କର ।

୨ । ଦିବା ନିଶିପର ଦିଶିଥାଲେ ମିଶି ଦୁହେଁ
ଫୁଟି ପଦ୍ମ କୋକନଦ ମାନ ଭେଦ କହେ ।
ଏ ପଦ୍ୟାଂଶର ସରଳାର୍ଥ ଲେଖ ।

(ଖ) ୧ । ନାଶ, କୋକନଦ, ମଧୁକର, ଗୃପଧାରା— ଏ ଗୁଡ଼ିକର ଅର୍ଥ କହ ।

୨ । 'ମେଘ' ର ୫ଟି ପ୍ରତିଶବ୍ଦ ଦିଅ ।

Digitized by srujanika@gmail.com

ଉତ୍କଳର ଶିଳ୍ପ ବୈଭବ

ଓଡ଼ିଶାର ପ୍ରାଚୀନ ରାଜା ଓ ରାଜନ୍ୟଗଣ ଉତ୍କଳ ଦେଶକୁ ମନୋରମ ମନ୍ଦିର ମାଳାରେ ବିଭୂଷିତ କରି ଯାଇ ଅଛନ୍ତି । ସେ ପ୍ରାଚୀନ ରାଜବଂଶ ସବୁ ଆଉ ନାହାନ୍ତି; କିନ୍ତୁ ସେମାନଙ୍କର ପ୍ରସ୍ତର-କୀର୍ତ୍ତିରାଜି ସେମାନଙ୍କ ନାମକୁ ଚିରସ୍ମରଣୀୟ କରିବା ସଙ୍ଗେ ସଙ୍ଗେ ଆମ୍ଭ ମାନଙ୍କର ଜନ୍ମଭୂମି ଉତ୍କଳର ଗୌରବକୁ ଜାଜ୍ଜ୍ୱଲ୍ୟମାନ କରି ଯାଇଅଛନ୍ତି । ଆଜି ଓଡ଼ିଆ ମାନଙ୍କର ପୂର୍ବ ସମ୍ମାନ ନାହିଁ । ସେମାନଙ୍କର ସମୁଦ୍ର ବାଣିଜ୍ୟ, ସାମ୍ରାଜ୍ୟ, ବୀରତ୍ୱ ଓ ସମ୍ପଦ ସମସ୍ତ ଉଭେଇ ଯାଇଛି ~~ସେମାନଙ୍କର~~ ଯାହା କିଛି ସମ୍ମାନ, ଓଡ଼ିଶାର ପ୍ରାଚୀନ ମନ୍ଦିର ଗୁଡ଼ିକର ଅପୂର୍ବ ଶିଳ୍ପକୌଶଳଯୋଗୁଁ । ଏହି ମନ୍ଦିରଗୁଡ଼ିକ ଯୋଗୁଁ ଯେ କୌଣସି ଜାତି ଗର୍ବ ଅନୁଭବ କରିବା କଥା । ଓଡ଼ିଆମାନେ ଯେ କରନ୍ତି, ତାହା ସ୍ୱାଭାବିକ । କିନ୍ତୁ ଓଡ଼ିଶାର ମନ୍ଦିରମାନଙ୍କର ଶିଳ୍ପମହିମା ଅନେକ ଓଡ଼ିଆଙ୍କୁ ମଧ୍ୟ ଅବିଦିତ । ତେଣୁ ଓଡ଼ିଶାର ମନ୍ଦିରମାନଙ୍କସମ୍ବନ୍ଧରେ ଅନ୍ୟ ଦେଶୀୟ ଓ ଅନ୍ୟ ପ୍ରଦେଶସ୍ଥ ଦର୍ଶକଗଣ କ'ଣ କହିଛନ୍ତି ତାହାର କେତୋଟି ନମୁନା ଏଠାରେ ଦିଆଗଲା ।

ଆକବରଙ୍କ ମନ୍ତ୍ରୀ ଆବୁଲ୍ ଫଜଲ ତିନିଶହ ବର୍ଷ ପୂର୍ବେ କୋଣାର୍କ ମନ୍ଦିର ସମ୍ବନ୍ଧରେ ଏହିପରି ଲେଖି ଅଛନ୍ତି —"ଜଗନ୍ନାଥ ମନ୍ଦିର ନିକଟରେ ସୂର୍ଯ୍ୟଦେବଙ୍କ ମନ୍ଦିର ଅବସ୍ଥିତ । ଏହି ମନ୍ଦିର ପ୍ରସ୍ତୁତ କରିବାକୁ ଓଡ଼ିଶା ରାଜାଙ୍କର ଦ୍ୱାଦଶ ବର୍ଷର ରାଜସ୍ୱ ବ୍ୟୟିତ ହୋଇଥିଲା । ଏପରି ଅତ୍ୟୁତ୍ତମ ଶିଳ୍ପକାର୍ଯ୍ୟସମନ୍ୱିତ ମନ୍ଦିର ଅତି ଅଳ୍ପ ଦେଖିବାକୁ ମିଳେ । ଏପରି ଲୋକ ଅତି ବିରଳ, ଯେ ଏହି ବିରାଟ କୀର୍ତ୍ତି ଦର୍ଶନ କରି ବିସ୍ମିତ ନ ହେବ । ଏହାର ଚତୁର୍ଦ୍ଦିଗସ୍ଥ

Digitized by srujanika@gmail.com

ପ୍ରାଚୀର ୧୫୦ ହାତ ଉଚ୍ଚ ଓ ୧୯ ହାତ ଚଉଡ଼ା । ସିଂହଦ୍ୱାର ସମ୍ମୁଖରେ ପଚିଶ ହାତ ଉଚ୍ଚ ଗୋଟିଏ କୃଷ୍ଣ ପ୍ରସ୍ତର ନିର୍ମିତ ସ୍ତମ୍ଭ ଅଛି ।



ପୁରୀ ମନ୍ଦିର

ଏହି ସ୍ତମ୍ଭରେ ନାନା ପ୍ରକାର ଖୋଦିତ ମୂର୍ତ୍ତି ଅଛନ୍ତି । ଏହାର ନଅପାଘ ଉପରେ ଉଠିଲେ ପ୍ରସ୍ତର ଉପରେ ଖୋଦିତ ସୂର୍ଯ୍ୟ ଓ ନକ୍ଷତ୍ର ମଣ୍ଡଳର ଚିତ୍ର ଦେଖିବାକୁ ମିଳେ । ମନ୍ଦିରର ଚତୁର୍ଦ୍ଦିଗସ୍ଥ ପାଦରେ ନାନା-ଜାତୀୟ ଉପାସକମାନଙ୍କ ମୂର୍ତ୍ତି ଅଛି—କେହି ଉପବିଷ୍ଟ, କେହି ମୁଣ୍ଡରେ ହାତ ଦେଇ ଦଣ୍ଡାୟମାନ, କେହି କାନ୍ଦୁଛି, କେହି ହସୁଛି, କେହି ସଚେତନ, କେହି ଅଚେତନ, କେହି ସଙ୍ଗୀତରେ ମତ୍ତ,

Digitized by srujanika@gmail.com

କେହି ନୃତ୍ୟରେ ନିଯୁକ୍ତ । ତା ଛଡ଼ା ଅନେକ ପ୍ରକାର ଯେ ବିଭିନ୍ନ ଶ୍ରେଣୀର ଜୀବଜନ୍ତୁ ମନ୍ଦିର ଗାତ୍ରରେ ଖୋଦିତ ତାହା କଳ୍ପନାତୀତ ।

ଜଣେ ନିକ ବଙ୍ଗୀୟ ଭ୍ରମଣ ପର୍ଯ୍ୟଟକ କୋଣାର୍କ ପରିଦର୍ଶନ କରି ଏହିପରି ଲେଖି ଅଛନ୍ତି । "ତିନିଶତ ବର୍ଷ ପୂର୍ବେ ଆଇନ-ଇ-ଆକବରୀରେ କୋଣାର୍କ ସମ୍ବନ୍ଧରେ ଯାହା ଲିଖିତ ଅଛି ବର୍ତ୍ତମାନ ତାହାର କିଛିହିଁ ଦେଖିଲି ନାହିଁ । ଜାଣେ ନାହିଁ କେଉଁ ଯାଦୁମନ୍ତ୍ରବଳରେ ଏହି ଅପୂର୍ବ କାରୁକାର୍ଯ୍ୟସମ୍ପନ୍ନ ମନ୍ଦିରସମୂହ ଏତେ ଶୀଘ୍ର ଧ୍ୱଂସ ପଥରେ ଅଗ୍ରସର ହେଲା । ବର୍ତ୍ତମାନ ମନ୍ଦିରର ମୁଖଶାଳା ଛଡ଼ା ସମସ୍ତହିଁ ବିଧ୍ୱସ୍ତ ହୋଇଅଛି । ଶ୍ୟାମଳ ତୃଣାଚ୍ଛାଦିତ ପ୍ରାନ୍ତର ମଧ୍ୟବର୍ତ୍ତୀ ଗ୍ରାମ୍ୟପଥରେ ଅଗ୍ରସର ହେଉଁ ହେଉଁ ଯେତେବେଳେ ଦୂରରୁ ଏହି ଭଗ୍ନସ୍ତୂପ ଆମ୍ଭମାନଙ୍କର ପ୍ରଥମ ଦୃଷ୍ଟିପଥରେ ପତିତ ହେଲା, ସେତେବେଳେ ନୈରାଶ୍ୟର ଗୋଟିଏ କୃଷ୍ଣଛାୟା ଆମ୍ଭ-ମାନଙ୍କର ହୃଦୟକୁ ଆବୃତ କରି ପକାଇଲା; ଭାବିଲି ଏହି ଇଟା ସ୍ତୂପ ଦେଖିବାକୁ କାହିଁକି ବା ସାରା ରାତି ଉଜାଗର ରହି ପାଲିଙ୍କିର ଦୋଳନରେ କସରତ କରି ଏତେଦୂର ଆସିଲି । କିନ୍ତୁ ଯେତେବେଳେ ନିକଟରେ ଆସି ପହଞ୍ଚିଲି, ସେତେବେଳେ ଏହି ଜରାଗ୍ରସ୍ତ ବୃଦ୍ଧର ଲୋଲଚର୍ମର ଅଭ୍ୟନ୍ତରରେ ମଧ୍ୟ ଅତୀତ ଯୌବନର ଯେଉଁ ଆଭାସ ପାଇଲି ସେ ରୂପର ବର୍ଣ୍ଣନା କବି ଲେଖନୀର ଯୋଗ୍ୟ । ସବୁ ଯାଇଛି, କିନ୍ତୁ ଯାହା ଅବଶିଷ୍ଟ ଅଛି ତାହାର ତୁଳନା କାହିଁ ? କୋଣାର୍କ ! ପ୍ରକୃତରେ ତୁମେ ଭାରତର ଗୌରବସ୍ଥଳ । ତୁମର ଏହି ଭଗ୍ନ ଶ୍ମଶାନ ମଧ୍ୟରେ ଯେଉଁ ଯୌବନଶ୍ରୀର ଅପୂର୍ବ ଲାବଣ୍ୟମୟ ମହିମାମଣ୍ଡିତ ବିରାଟ ଶିଳ୍ପର ଆଭାସ ପାଉଁ ତାହା ଅତ୍ୟନ୍ତ ଗୌରବ-ମୟ ।" ଆଜି ହୃଦୟ ପୂର୍ଣ୍ଣ ହୋଇ ଉଠିଲା । ମନେ ହେଲା ଧନ୍ୟ

Digitized by srujanika@gmail.com

ଅଟେ, ବହୁ ପୁଣ୍ୟଫଳରେ ହିନ୍ଦୁଗୃହରେ ଓ ପବିତ୍ର ଭାରତଭୂମିରେ ଜନ୍ମଗ୍ରହଣ କରିଅଛୁଁ । ଯେଉଁମାନେ ବୈଦେଶିକ ଶିଳ୍ପିଗଣଙ୍କର

କୋଣାର୍କ ମନ୍ଦିର

ଶିଳ୍ପକାର୍ଯ୍ୟ ଦେଖି ମୁଗ୍ଧ ହୋଇଅଛନ୍ତି, ସେମାନେ ଥରେ ଉତ୍କଳସ୍ଥ ନୂତନ ମେଲ୍ ଟିକେ ଶାରୀରିକ କ୍ଲେଶ ସହ୍ୟ କରି ଏଠାକୁ ଆସନ୍ତୁ । କୋଣାର୍କର ସୂର୍ଯ୍ୟମନ୍ଦିର ହିନ୍ଦୁଶିଳ୍ପର ଅତି ଆଦରର ସାମଗ୍ରୀ, ତେଣୁ ପ୍ରତି ହିନ୍ଦୁ ଥରେ ଏ ସ୍ଥାନକୁ ଆସି

Digitized by srujanika@gmail.com

ଏହି ବିରାଟ ଶିଳ୍ପମନ୍ଦିରର ଦର୍ଶନ କରିବା କର୍ତ୍ତବ୍ୟ। କିଏ କହେ ହିନ୍ଦୁ ଶିଳ୍ପୀ ଶାସ୍ତ୍ରର ବନ୍ଧନରେ ଅନ୍ଧ ? ଯେଉଁମାନେ ଯେପରି କହନ୍ତି ସେମାନେ ଆସନ୍ତୁ ଥରେ ଏଠାରେ ମନ୍ଦିରଗାତ୍ରସ୍ଥ ପ୍ରତିମୂର୍ତ୍ତି-ସମୂହର ସଜୀବ ଓ ସ୍ୱାଭାବିକ ଚିତ୍ର ଦର୍ଶନ କରନ୍ତୁ। ସେକାଳର ସାମାଜିକ ବ୍ୟବହାର, ସେକାଳର ଭକ୍ତିବିଶ୍ୱାସର ଚିତ୍ର, ଆମୋଦ ପ୍ରମୋଦ, ଅତୀତର ଅନ୍ଧତମସାଚ୍ଛନ୍ନ କୁହେଳିକା ଭେଦ କରି ଆମ୍ଭ-ମାନଙ୍କ ନିକଟରେ ପରିସ୍ଫୁଟ। ଏଇ ଯେ ନୃତ୍ୟପରାୟଣ ଲୋକମାନଙ୍କର ଚିତ୍ର ଖୋଦିତ, ଏମାନଙ୍କୁ ଦେଖି ସେକାଳର ପ୍ରମୋଦର ଚିତ୍ର କ'ଣ ହୃଦୟରେ ପ୍ରତିଫଳିତ ହୁଏ ନାହିଁ ? କେତେ ଋଷି, କେତେ ସିଦ୍ଧ, କେତେ ଗନ୍ଧର୍ବ, କେତେ ଯକ୍ଷ, କେତେ ରକ୍ଷ, କେତେ ଦିକ୍‌ପାଳ, କେତେ ଲୋକପାଳ ସମସ୍ତିହିଁ ଅତି ନିପୁଣତାର ସହିତ ଅଙ୍କିତ। ମନେହୁଏ କାର୍ଯ୍ୟ କରିସାରି ଶିଳ୍ପିଗଣ ବିଶ୍ରାମ ପାଇଁ ବିଶ୍ରାମଶାଳାକୁ ଗମନ କରିଅଛନ୍ତି ; ଆମ୍ଭେମାନେ ଅପେକ୍ଷା କରୁଅଛୁ, ସେମାନେ ଏଠି ଆସି ପହଞ୍ଚିବେ । ଦେଖିବା ସେମାନେ କିପରି ଯନ୍ତ୍ରସାହାଯ୍ୟରେ ଏ ସମସ୍ତ ମୂର୍ତ୍ତି ଖୋଦିତ କରି-ଅଛନ୍ତି। ଗୋଟିଏ ଗୋଟିଏ ମୂର୍ତ୍ତି ଦେଖିଲେ ମନେ ହୁଏ, ଯେପରି ସେମାନେ ଅନେକ ଭାବି ଚିନ୍ତି ତାହା ଅଙ୍କନ କରିଅଛନ୍ତି। ପ୍ରତି ଲତାପତ୍ରରେ, ପ୍ରତିମୂର୍ତ୍ତିର ବଦନମଣ୍ଡଳରେ, ଦେହର ଭଙ୍ଗିରେ, ଟିକିଏ ହେଲେ ଅସ୍ୱାଭାବିକ କିମ୍ବା ଉଦ୍ଭଟ କଳ୍ପନାର ଚିହ୍ନ ନାହିଁ। ପ୍ରତ୍ୟେକଟି ସୁନ୍ଦର, ପ୍ରତ୍ୟେକଟି ମନୋରମ, ପ୍ରତ୍ୟେକଟି କବିତା।'

କଟକ ଜିଲ୍ଲାରେ ଲଳିତଗିରି ପାହାଡ଼। ଏହି ପାହାଡ଼ର ମନୋରମ ଅଧିତ୍ୟକାରେ ପୂର୍ବେ ଏକ ପ୍ରସିଦ୍ଧ ବୌଦ୍ଧ ବିହାର ଥିଲା। ତାହାର ଧ୍ୱଂସସ୍ତୂପ କେବଳ ବର୍ତ୍ତମାନ ପଡ଼ି ରହିଛି। କିନ୍ତୁ ଇତସ୍ତତଃ

Digitized by srujanika@gmail.com

ବଚିତ୍ର ମୂର୍ତ୍ତିମାନଙ୍କର ଶିଳ୍ପକଳା ଏକାବେଳକେ ବସ୍ମୟକର । ପ୍ରସିଦ୍ଧ ବଙ୍ଗୀୟ ଲେଖକ ଶ୍ରୀଯୁକ୍ତ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏହି ସ୍ଥାନ ଦେଖି ଏହିପରି ଭାବରେ ଲେଖିଅଛନ୍ତି—'ସେହି ଲଳିତଗିରି ମୋର ଚିରକାଳ ମନେ ଥିବ । ଚତୁର୍ଦ୍ଦିଗରେ ଯୋଜନ ପରେ ଯୋଜନ-ବ୍ୟାପୀ ହରିଦ୍‌ବର୍ଣ୍ଣ ଧାନ୍ୟକ୍ଷେତ୍ର, ମାତା ବସୁମତୀର ଅଙ୍ଗରେ ବହୁ-ଯୋଜନ ବିସ୍ତୃତା ଶ୍ୟାମ ଶାଢ଼ୀ, ତା'ଉପରେ ମାତାର ଅଳଙ୍କାର-ସ୍ୱରୂପ ତାଳବୃକ୍ଷଶ୍ରେଣୀ ସହସ୍ର, ସହସ୍ର, ସରଳ, ସୁପତ୍ର, ଶୋଭାମୟ; ମଝିରେ ନୀଳସଲିଳା ବିରୂପା ନୀଳ ପୀତ ପୁଷ୍ପମୟ ହରିତ୍‌କ୍ଷେତ୍ର ମଧ୍ୟ ଦେଇ ବହି ଯାଉଛି—ସୁକୋମଳ ଗାଲିଚା ଉପରେ କିଏ ଯେପରି ନଦୀ ଆଙ୍କି ଦେଇଛି । ଚତୁଷ୍ପଟେ ମୃତ ମହାତ୍ମାମାନଙ୍କର ମହୀୟସୀ କୀର୍ତ୍ତି । ଏହି ପଥର ଯେଉଁମାନେ ଏପରି ପାଳିଶ୍ କରିଥିଲେ, ସେମାନେ କଣ ଆମରି ପରି ହିନ୍ଦୁ ? ଏପରି ବିନା ବନ୍ଧନରେ ଯିଏ ଯୋଡ଼ିଥିଲେ, ସେ କ'ଣ ଆମରି ପରି ମନୁଷ୍ୟ ? ଏବଂ ଏଇ ପ୍ରସ୍ତର-ମୂର୍ତ୍ତିସବୁ ଯେଉଁମାନେ ଗଠନ କରି ଯାଇଅଛନ୍ତି—ଏହି ଦିବ୍ୟ-ପୁଷ୍ପମାଲ୍ୟାଭରଣଭୂଷିତ— ବିକମ୍ପିତ ଚେଳାଞ୍ଚଳ, ପ୍ରବୃଦ୍ଧସୌନ୍ଦର୍ଯ୍ୟ ସର୍ବାଙ୍ଗସୁନ୍ଦରଗଠନ, ପୌରୁଷ ସହିତ ଲାବଣ୍ୟର ମୂର୍ତ୍ତିମାନ ସମ୍ମିଳନରୂପ ପୁରୁଷ-ମୂର୍ତ୍ତି ଯେଉଁମାନେ ଗଢ଼ିଥିଲେ ସେମାନେ କି ହିନ୍ଦୁ ? ସେତେବେଳେ ହିନ୍ଦୁ ଜାତି ମୋର ସ୍ମୃତିପଟରେ ଚିତ୍ରିତ ହୋଇ ଉଠିଲା । ସେତେବେଳେ ମନେ ପଡ଼ିଲା ଉପନିଷଦ୍, ଗୀତା, ରାମାୟଣ, ମହାଭାରତ, କୁମାରସମ୍ଭବ, ଶକୁନ୍ତଳା, ପାଣିନି, କାତ୍ୟାୟନ, ସାଂଖ୍ୟ, ପାତଞ୍ଜଳ, ବେଦାନ୍ତ, ବୈଶେଷିକ—ଏ ସମସ୍ତହିଁ ହିନ୍ଦୁର କୀର୍ତ୍ତି । ସେତେବେଳେ ମନେ-କଲି ହିନ୍ଦୁ କୁଳରେ ଜନ୍ମଗ୍ରହଣ କରି ଜନ୍ମ ସାର୍ଥକ କରିଅଛି ।'

Digitized by srujanika@gmail.com

ପୂର୍ବକଥିତ ବଙ୍ଗୀୟ ପର୍ଯ୍ୟଟକ ସମଗ୍ର ଉତ୍କଳଭୂମିର ଶିଳ୍ପକୀର୍ତ୍ତି ସମୂହ ପରିଦର୍ଶନ କରି ସାରି ଏହି ପ୍ରକାରେ ଲେଖିଅଛନ୍ତି । "ଓଡ଼ିଶାର ପ୍ରାଚୀନ ହିନ୍ଦୁ କୀର୍ତ୍ତି ସମୂହ ଦର୍ଶନ କରି ହୃଦୟରେ ଯେଉଁ ଅନିର୍ବଚନୀୟ ଆନନ୍ଦ ଲାଭ କଲି ତାହା ଭାଷାରେ ବ୍ୟକ୍ତ କରିବାର ପ୍ରୟାସ ବୃଥା । ଓଡ଼ିଶାରେ ଏକାଗ୍ର ସାମାନ୍ୟ ପ୍ରସ୍ତରର ଯେଉଁ ଶିଳ୍ପନୈପୁଣ୍ୟ ଓ ମୌଳିକତା ଅଛି, ସାରା ବଙ୍ଗଳା ଦେଶରେ ତାହା ଦୁଷ୍ପ୍ରାପ୍ୟ । ପ୍ରାଚୀନ ଭାରତର ଅତୁଳ ଶିଳ୍ପୈଶ୍ୱର୍ଯ୍ୟର ଭଣ୍ଡାର ଯେ କେତେ ବୃହତ୍, କେତେ ଉନ୍ନତ ଓ କେତେ ସମୃଦ୍ଧିଶାଳୀ, ପାଠକ ଯଦି ତାହା ଅନୁଭବ କରିବାକୁ ଚାହଁ, ତେବେ ଓଡ଼ିଶାକୁ ଯାଅ । ଯାହା ଦେଖିବ ସେଥିରେହିଁ ବିମୁଗ୍ଧ ହେବ । ଓଡ଼ିଶାର ଏକାମ୍ରକାନନରେ ଯେଉଁ ସବୁ ମନ୍ଦିର ଜଙ୍ଗଲକୀର୍ଣ୍ଣ ଓ ପରିତ୍ୟକ୍ତ ହୋଇ ରହିଅଛି, ଯଦି ସେଥିରୁ ଗୋଟିଏ ବଙ୍ଗ ଦେଶରେ ଥାଆନ୍ତା ତେବେ ଆମ୍ଭେମାନେ ଗୌରବ ଅନୁଭବ କରନ୍ତୁ । ଯେଉଁମାନେ ଏହି ସବୁ ଅପୂର୍ବ ମନ୍ଦିର ନିର୍ମାଣ କରିଥିଲେ ସେମାନେ ଆଜ କାହାନ୍ତି ? କେତେ ଚିନ୍ତା, କେତେ ଅର୍ଥବ୍ୟୟ ଓ କେତେ ଖ୍ୟାତନାମା ଶିଳ୍ପୀଗଣଙ୍କର ଗୌରବ ବୈଭବ, ପ୍ରତି ମନ୍ଦିରର ପ୍ରତି କର୍ଣ୍ଣିସରେ, ପ୍ରତି ପ୍ରସ୍ତରଗାତ୍ରରେ ଖଚିତ ତାହା କିଏ କହି ପାରିବ ? ଆଶା କରେ ଯେଉଁମାନେ ଓଡ଼ିଆମାନଙ୍କୁ ହେୟ ଜ୍ଞାନ କରନ୍ତି, ସେମାନେ ଏମାନଙ୍କର ପ୍ରାଚୀନ ଶୌର୍ଯ୍ୟ, ବୀର୍ଯ୍ୟ ଓ ଭାସ୍କର୍ଯ୍ୟର ଅପୂର୍ବ ନିପୁଣତାର କଥା ଚିନ୍ତା କରି ସେହି ସଙ୍କୀର୍ଣ୍ଣ ବୁଦ୍ଧି ପରିତ୍ୟାଗ କରିବେ । ଯେଉଁ ଜାତି ଆଜି ଏତେ ଅବହେଳିତ, ସେମାନଙ୍କର ପ୍ରାଚୀନ ଇତିହାସର ଗୌରବ କାହାଣୀ ପାଠ କଲେ ଜ୍ଞାନୀ ଲୋକର ଅଶ୍ରୁଜଳ ଓ ସହାନୁଭୂତି ଆସିବାର କଥା—ଘୃଣା ନୁହେଁ । *

---

* ଶ୍ରୀଯୁକ୍ତ ଧରଣୀକାନ୍ତ ଲାହିଡ଼ୀକୃତ ଭାରତଭ୍ରମଣ ପୁସ୍ତକରୁ ଗୃହୀତ ।

Digitized by srujanika@gmail.com

—ପ୍ରଶ୍ନ—

(କ) ୧ । "ସେତେବେଳେ ଏହି ଜରାଗ୍ରସ୍ତ ବୃଦ୍ଧର ଲୋଳଚର୍ମର ଅଭ୍ୟନ୍ତରରେ ମଧ୍ୟ ଅତୀତ ଯୌବନର ଯେଉଁ ଆଭାସ ପାଇଲି ସେ ରୂପର ବର୍ଣ୍ଣନା କରିବା ଲେଖନୀର ଯୋଗ୍ୟ ।" ଏ ଗଦ୍ୟାଂଶର ଅର୍ଥ ସରଳଭାଷାରେ ବୁଝାଅ ।

୨ । କୋଣାର୍କର ଶିଳ୍ପକଳା ଦେଖି ବିଦେଶୀୟ ପର୍ଯ୍ୟଟକଙ୍କ ମନରେ ଯେ ଭାବର ଉଦୟ ହେଲା ତାହା ନିଜଭାଷାରେ ବର୍ଣ୍ଣନ କର ।

୩ । ଲଳିତଗିରି ପାହାଡ଼ ଦେଖି ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ହିନ୍ଦୁର ମହତ୍ତ୍ୱ ସମ୍ବନ୍ଧରେ ଯାହା ଲେଖିଛନ୍ତି ତାହା ସରଳ ଭାଷାରେ ଲେଖ ।

(ଖ) ୧ । ଅର୍ଥ ଲେଖ ଓ ସମାସ ବ୍ୟାଖ୍ୟା କରି ସମାସ ନାମ ଦିଅ :— ବନ୍ୟମୁକ୍ତମାଲ୍ୟାଭରଣଭୂଷିତ, ବନ୍ଧିମତଟେଳାଞ୍ଚଳ । ପ୍ରକୃତି ସୌନ୍ଦର୍ଯ୍ୟ ; ଖ୍ୟାତନାମା ।

୨ । ଶୈର୍ଯ୍ୟ, ବୀର୍ଯ୍ୟ, ଭାସ୍କର୍ଯ୍ୟ, ଗୌରବ, ନୈପୁଣ୍ୟ—ଏ ଗୁଡ଼ିକର ପ୍ରକୃତି ପ୍ରତ୍ୟୟ ଲେଖ ।

ଜଳ ଓ ବିଦ୍ୟୁତ୍

ବିଦ୍ୟୁତ୍ର ଅଗ୍ନି-ଧର୍ମୀ ଓ ମେଘ, ଅଗ୍ନିନିର୍ବାପକ ଜଳର ବାହକ । କିନ୍ତୁ ଆମେ ପ୍ରକୃତିର ଅଘଟନଘଟଣ ପଟୀୟସୀ ଗୁଣରେ ଆକାଶରେ ମେଘ ଓ ବିଦ୍ୟୁତକୁ ସର୍ବଦା ଏକତ୍ର ଓ ପରସ୍ପରର ସହଯୋଗୀ ଭାବରେ ଦେଖୁଁ । ଯାହା ସହସ୍ର ସହସ୍ର ବର୍ଷ ଧରି କେବଳ ଆକାଶରେ ଲୋକେ ଦେଖୁଥିଲେ ବିଜ୍ଞାନ ବଳରେ ଏବେ ତାହା ଆମର ଏଇ ମାଟିର ପୃଥିବୀରେ ମନୁଷ୍ୟ ହାତରେ ସୃଷ୍ଟି କରି ଯାଇ ପାରୁଛି । ବର୍ତ୍ତମାନ

Digitized by srujanika@gmail.com

ମନୁଷ୍ୟ ଶୀତଳଗୁଣସମ୍ପନ୍ନ ଜଳ ସାହାଯ୍ୟରେ ଉଗ୍ରତେଜୋମୟ ବିଦ୍ୟୁତ୍ ସୃଷ୍ଟି କରି ସେହି ନିଜସୃଷ୍ଟ ବିଦ୍ୟୁତ୍ ସାହାଯ୍ୟରେ ଅସମ୍ଭବ ସମ୍ଭବ କରି ପାରୁଛି । ବିଦ୍ୟୁତ୍ କେବଳ ଆଲୋକ ପ୍ରଦାନ କରୁ ନାହିଁ, ବିଦ୍ୟୁତ୍‌ର ଉତ୍ତାପ ଓ ଚାଳନ ଶକ୍ତି ଯୋଗୁଁ ସାଧାରଣ ଗୃହସ୍ଥର ରନ୍ଧନ ସଙ୍ଗେ ସଙ୍ଗେ ସକଳ ପ୍ରକାର ଯାନବାହନ ଓ ଯନ୍ତ୍ରାଦିର ପରିଚାଳନ ଓ ସହସ୍ର ସହସ୍ର ଏକର ଜମିରେ ବାରି-ସିଞ୍ଚନ ମଧ୍ୟ ହୋଇ ପାରୁଅଛି । ଯାହା ପୂର୍ବେ ଥିଲା ମରୁଭୂମି, ଯାହା ଥିଲା ଅନୁର୍ବର ଡାଙ୍ଗର, ସେଠି ଆଜି ଲୋକାକୀର୍ଣ୍ଣ ଜନବସତି ଓ ହାସ୍ୟମାନ ଶସ୍ୟକ୍ଷେତ୍ର ଗଢ଼ି ଉଠୁଛି, ଏହି ଜଳ ଓ ବିଦ୍ୟୁତ୍‌ର ଅପ୍ରତ୍ୟାଶିତ ସହଯୋଗ ଫଳରେ । ବିଜ୍ଞାନ ଚିର ପରସ୍ପର ବିରୋଧୀ ପାଣି ଓ ନିଆଁକୁ ଏକାଠି କରି ସେମାନଙ୍କର ପାରସ୍ପରିକ ସହଯୋଗରେ ଯେଉଁ ଅସମ୍ଭବକୁ ସମ୍ଭବ କରୁଅଛି, ତାହା ଦେଖିଲେ ବିସ୍ମୟରେ ଅଭିଭୂତ ହେବାକୁ ହୁଏ ।

କଥାରେ ଅଛି 'ଧୀର ପାଣି ପଥର କାଟେ ।' ଅର୍ଥାତ୍ ପାଣି ଧୀରେ ଧୀରେ ବହିଲେ ମଧ୍ୟ ଏବଂ ତାହା ଏତେ କୋମଳ ଓ ଶୀତଳ-ସ୍ପର୍ଶ ହେଲେ ମଧ୍ୟ, ତାହା ପଥରକୁ କାଟି ପକାଏ । ନଦୀର ଶୁଷ୍କ ଶଯ୍ୟାରେ ଯେଉଁମାନେ ଭ୍ରମଣ କରିଛନ୍ତି ସେମାନେ ନାନା ବର୍ଣ୍ଣର ନାନା ଆକାରର ସୁନ୍ଦର ଚିକ୍କଣ ଉପଲଖଣ୍ଡସବୁ ଦେଖିଥିବେ । ପିଲାମାନେ ଏ ସବୁ ଗୋଟାଇ ସଂଗ୍ରହ କରିବାର ଲୋଭ ସମ୍ଭାଳି ପାରନ୍ତି ନାହିଁ । କାରଣ ଏଗୁଡ଼ିକ ଗୁଳିକା ପରି ଚିକ୍କଣ ଓ ଖେଳନାପରି ଦୃଷ୍ଟିପ୍ରୀତିକର ହୋଇଥାନ୍ତି । ଏସବୁ ବହୁ ଦୂରାଗତ ପ୍ରକାଣ୍ଡ ପ୍ରସ୍ତରଖଣ୍ଡମାନଙ୍କର ପରିଣତି । ନଦୀ ସ୍ରୋତରେ ଧୀରେ ଧୀରେ ଆସି ଆସି କ୍ରମେ କ୍ଷୁଦ୍ରରୁ କ୍ଷୁଦ୍ରତର ହେବା ସଙ୍ଗେ ସଙ୍ଗେ

Digitized by srujanika@gmail.com

ତନୁର ରୁକ୍ଷତା ହରାଇ ମନୋହର ମସୃଣତା ଲାଭ କରିଛନ୍ତି । ସ୍ଥିର ଜଳରେ ଯେଉଁ ପଥରଖଣ୍ଡ ବୁଡ଼ିଯାଇ ଯେଉଁଠି ପଡ଼ିଥିଲା ସେଇଠି ପଡ଼ି ରହନ୍ତି । ସ୍ରୋତ ଜଳରେ ତାହା ଜଳଧାର ସହିତ ଗଡ଼ି ଗଡ଼ି ଅଗ୍ରସର ହୁଏ । କେତେ କେତେ ପ୍ରସ୍ତର ସ୍ରୋତରେ ମଧ୍ୟ ଭାସମାନ ହେବାର ଦେଖାଯାଏ ।

ଜଳସ୍ରୋତର ଏହି କ୍ଷମତା କ୍ରମେ ମନୁଷ୍ୟମାନେ ଲକ୍ଷ୍ୟ କଲେ ଓ ତାହାକୁ ନିଜ କାମରେ ଲଗାଇଲେ । ଜଳସ୍ରୋତରେ ବସ୍ତୁ ଦୂରସ୍ଥ ଭାସିଯିବାର ଦେଖି ମନୁଷ୍ୟ ଭେଳା ଓ ନୌକା ଉଦ୍ଭାବନ କଲା । ଯେଉଁ ଜଳରେ ସେ ବୁଡ଼ିଯିବ ବୋଲି ଆଶଙ୍କା କରୁଥିଲା, ତାହା ବର୍ତ୍ତମାନ ତାର ଭୃତ୍ୟ ପରି ତାକୁ ବନ୍ଧୁ ଘରକୁ ବା ଅନ୍ୟ ଗନ୍ତବ୍ୟ ସ୍ଥଳକୁ କାନ୍ଧରେ ବସାଇ ନେଲା । କୋଣାର୍କର ବଡ଼ ବଡ଼ ପ୍ରସ୍ତର ଖଣ୍ଡମାନ କିପରି ସେହି ଅପନ୍ତରା ଜାଗାକୁ ବୁହା ହୋଇଥିଲା ତାହା ବର୍ତ୍ତମାନ ଏକ ଅତୀବ ବିସ୍ମୟର କାରଣ ହୋଇଛି । କିନ୍ତୁ ଜନଶ୍ରୁତି ଏହି ଯେ, ପୂର୍ବକାଳର ବୁଦ୍ଧିମାନ ଓଡ଼ିଆମାନେ ଜଳସ୍ରୋତ ସାହାଯ୍ୟରେହିଁ ସେହି ଅସମ୍ଭବ କର୍ମକୁ ସମ୍ଭବ କରିପାରିଥିଲେ ।

ଗତ ଶତାବ୍ଦୀରେ ବୈଜ୍ଞାନିକମାନେ ବିଦ୍ୟୁତର ତତ୍ତ୍ୱସମୂହ ଆବିଷ୍କାର କଲେ । ଯେଉଁ ଶକ୍ତି ଚୁମ୍ବକ ପଥରରେ ଲୁହାକୁ ଟାଣି ଆଣେ, ତାହା ଓ ଆକାଶର ବଜ୍ରାଗ୍ନି ଏକ । ଏହି ବିଦ୍ୟୁତ ଇଚ୍ଛାନୁଯାୟୀ ସୃଷ୍ଟି ଓ ପ୍ରଯୋଜିତ କରାଯାଇ ପାରେ, ଏହା ଯେତେବେଳେ ଜଣା ପଡ଼ିଲା, ସେତେବେଳେ ବିଦ୍ୟୁତକୁ କିପରି ପ୍ରଚୁର ଭାବରେ ଉତ୍ପାଦନ ଓ ନିୟୋଜନ କରାଯିବ ସେଥିର ଜୋର ଚେଷ୍ଟା [illegible] ଗଲା । ପ୍ରଥମେ କୋଇଲାକୁ ଜାଳି ଓ ଉତ୍ପାଦ ତାପ-

Digitized by srujanika@gmail.com

ସାହାଯ୍ୟରେ ମାଗ୍‌ନେଟ୍ ନାମକ ଯନ୍ତ୍ର ପରିଚାଳିତ କରି ବିଦ୍ୟୁତ ଉତ୍ପାଦନ କରାହେଲା । ଏବେ ବି ସ୍ଥାନେ ସ୍ଥାନେ ସେହିପରି କରାଯାଉଛି । କିନ୍ତୁ ତାହା ଅତ୍ୟନ୍ତ ବ୍ୟୟସାପେକ୍ଷ ହେବାରୁ ବୈଜ୍ଞାନିକମାନେ ଅନ୍ୟ କୌଣସି ଶକ୍ତିର ଅନ୍ୱେଷଣ କରିବାକୁ ଲାଗିଲେ । ସେମାନଙ୍କର ଆଖି ପଡ଼ିଲା ଜଳସ୍ରୋତ ଉପରେ । ପ୍ରତ୍ୟେକ ଜଳସ୍ରୋତ ଶକ୍ତିର ଏକ ଚିରନ୍ତନ ଧାରା । ପୂର୍ବେ ଜଳଧାରକୁ ବନ୍ଧ ଦ୍ୱାରା ଅଟକାଇ ମରୁଭୂମିକୁ ଉର୍ବର କରାଯାଉ ଥିଲା । ବର୍ତ୍ତମାନ ବୈଜ୍ଞାନିକମାନେ ସ୍ରୋତକୁ ଉଚ୍ଚ ବନ୍ଧ ଦ୍ୱାରା ଅଟକାଇ ଏକ ପଟେ ବିମୋଚନ ଓ ଅନ୍ୟ ପଟେ ଉଚ୍ଚ ସ୍ଥାନରୁ ନିପତିତ ସ୍ରୋତରୁ ଶକ୍ତି ସଂଗ୍ରହ ଓ ତାର ସାହାଯ୍ୟରେ ବିଦ୍ୟୁତ୍ ଉତ୍ପାଦନର ବ୍ୟବସ୍ଥା କରି ପାରିଲେ । ପୂର୍ବ ଜଳର ଅନ୍ୟ ନାମ ଥିଲା ଜୀବନ । ବର୍ତ୍ତମାନ ଜଳ କେବଳ ତରୁ ଲତା ଓ ପ୍ରାଣୀଙ୍କର ଜୀବନ ନୁହେଁ, ତାହା ମଧ୍ୟ ଆଲୋକ ଓ ଉତ୍ତାପର ଜନୟିତା ।

ଜାପାନ ଓ ସୁଇଟ୍‌ଜରଲାଣ୍ଡ ପ୍ରଭୃତି ଛୋଟ ଛୋଟ ଦରିଦ୍ର ରାଜ୍ୟ ନବାବିଷ୍କୃତ ଏହି ଜଳୀୟ ଶକ୍ତିକୁ କାମରେ ଲଗାଇ କଳ୍ପନାତୀତ ଭାବରେ ଶିଳ୍ପ-ସମୃଦ୍ଧ ହୋଇ ପାରିଛନ୍ତି । ଜଳରୁ ଉତ୍ପନ୍ନ ବିଦ୍ୟୁତ ସେ ଦେଶର ଲୋକଙ୍କୁ ଯେପରି ଆଉ ଦୁଇ ଦୁଇଟି ହାତ ଯୋଗାଇ ଦେଇଅଛି । ତେଣୁ ସେମାନେ ବହୁବାହୁ ଅସୁରପରି କାମ କରି ପାରୁଛନ୍ତି । ଆମ ଭାରତବର୍ଷ, ବିଶେଷତଃ ଆମ ଓଡ଼ିଶା, ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଥିଲେ ମଧ୍ୟ, ସମ୍ପଦ, ସାମର୍ଥ୍ୟ ଓ ଉଦ୍ୟମ ଅଭାବରୁ ସେ ସବୁ କାମରେ ଲଗାଯାଇ ପାରୁ ନାହିଁ ଏବଂ ଆମେ ଛୋଟ ଦେଶ ଜାପାନ ଓ ସୁଇଟ୍‌ଜରଲାଣ୍ଡ ତୁଳନାରେ ବହୁତ ପଛରେ ପଡ଼ିଥାଉଁ । କିନ୍ତୁ ଆଶାର କଥା ଏଇ ଯେ, ଦେଶ ସ୍ୱାଧୀନ ହେଲା ପରଠାରୁ ଆମର ଜାତୀୟ ସରକାର ଦେଶର ଚାରିଆଡ଼େ ଜଳ-ବିଦ୍ୟୁତ ଯୋଜନା ଆରମ୍ଭ

Digitized by srujanika@gmail.com

କରି ଦେଇଛନ୍ତି । ଓଡ଼ିଶାରେ ଡୁଡୁମା ଓ ହୀରାକୁଦ ଯୋଜନା ସହସ୍ର ସହସ୍ର ପ୍ରାଣରେ ଆଶା ଉଦ୍ଦୀପନା ଜାଗ୍ରତ କରୁଛି । ଏ ସବୁ



ହୀରାକୁଦ ବନ୍ଧ

ସଂପୂର୍ଣ୍ଣ ହୋଇଗଲେ ଆମ ଦେଶ ପ୍ରକୃତରେ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ହେବା ସଙ୍ଗେ ସଙ୍ଗେ ଯଥୋପଯୋଗୀ ଶିଳ୍ପ ସମ୍ପଦରେ ମଧ୍ୟ ବଳବାନ ହେବ ବୋଲି ଆଶା କରାଯାଏ ।

—ପ୍ରଶ୍ନ—

(କ) ୧ । ଜଳ ଓ ଅଗ୍ନି କିପରି ପରସ୍ପର ବିରୋଧୀ—ଦେଖାଅ ।

୨ । ସ୍ରୋତଜଳକୁ ମନୁଷ୍ୟ କିରୂପେ ବ୍ୟବହାରରେ ଲଗାଇ ପାରୁଛି—ବୁଝାଅ ।

୩ । ଜଳ-ବିଦ୍ୟୁତଶକ୍ତି କିପରି ଦେଶକୁ ସମୃଦ୍ଧ କରିପାରେ ?

Digitized by srujanika@gmail.com

୪। 'ପ୍ରଚଣ୍ଡ ମହାନଦୀର ଜଳସ୍ରୋତ ଶକ୍ତିର ଏକ ବହମାନ ଧାରା'
ଏହାର ଅର୍ଥ ସରଳ ଭାଷାରେ ବୁଝାଅ।

(ଗ) ୧। ଅବାଧଜଳଧଳପକ୍ଷୀପୁରୀ, ଶୀତଳସ୍ପର୍ଶ ସୁଗନ୍ଧ, ଶୀତଳସ୍ପର୍ଶ,
ଶର୍ଦ୍ଧାଦୀ—ଏଗୁଡ଼ିକର ସମାସ କିପରି ହୋଇଅଛି ବୁଝାଅ
ଓ ସମାସ ନାମ ଲେଖ।

୨। (କ) ର ଅର୍ଥ ପ୍ରସଙ୍ଗରେ ଥିବା ରେଖାଙ୍କିତ ପଦଗୁଡ଼ିକର
ଅନୁରୂପ କର।

୩। ସମର୍ଥ, ତତ୍ପର, ଜନ୍ମେଥ, ସୁନ୍ଦର, ସମୁଦ୍ର—ଏ ଶବ୍ଦଗୁଡ଼ିକ
ବିଶେଷ୍ୟରେ କି ଆକାର ଧାରଣ କରିବେ?

କୁରୁ ପାଣ୍ଡବଙ୍କର ହିମାଣି ଖେଳ

ଇନ୍ଦ୍ରପ୍ରସ୍ଥ ଆଗଡ଼ାହୁର ହୋଇ କୁତୂହଳ
ଭିଆଇଥିଲେ ସେ ହିମାଣି ନାମେ ଏକ ଖେଳ।
ଯୁଧିଷ୍ଠିର ଦୁର୍ଯ୍ୟୋଧନ ହେଲେ ମୂଳଗଣ୍ଡି
ଭୀମ ଦୁଃଶାସନ ଧରି କାଠି ଖଣ୍ଡି ଖଣ୍ଡି।
କର୍ଣ୍ଣ ଅର୍ଜୁନ ଏ ଦୁହେଁ ଗଲେ ଏକ ପୋଟେ
ଦୁଃଶା କର୍ଣ୍ଣ ପଡ଼ିଲେ ଏ ଦୁର୍ଯ୍ୟୋଧନ ଭାଗେ।
ସହଦେବ ଶଲ୍ୟ ଗଲେ ବଣ୍ଟାବଣ୍ଟି ହୋଇ
ଏ ଅନୁକ୍ରମେ ନକୁଳ ଅଶ୍ୱତ୍ଥାମା ଦୁଇ।
ଦୁର୍ଯ୍ୟୋଧନ ଭାଗେ ଗଲେ ଅଶ୍ୱତ୍ଥାମା ଶଲ୍ୟ
ଏସନେ ବାଣ୍ଟି ହୁଅନ୍ତି କରି ଧର୍ମଗୁଳ।
ଭୀମ ଦୁଃଶାସନ ଦୁହେଁ କଲେ ଉଦ୍ଧ କକ୍ଷା
ଆମ୍ଭର ଭାଗ ନାହିଁସ ତୁମ୍ଭର ଅପେକ୍ଷା।

Digitized by srujanika@gmail.com

ଭୀମସେନ ନ ସହିଷ୍ଣ ଦୁଃଶାସ ବଚନ
ଏଥିପାଇଁ ତୋର କମ୍ପା ବିରସ ଯେ ମନ ।
ଶଲ୍ୟ କୃପ ଅଶ୍ୱତ୍ଥାମା କର୍ଣ୍ଣର ସହିତ
କାହୁଁ ହୁଅ ତୁମ୍ଭେ ପଞ୍ଚୋତ୍ତର ଶତ ଭ୍ରାତ ।

କୌରବ ଓ ପାଣ୍ଡବମାନଙ୍କ ହିମାଣିଖେଳ

ଆମ୍ଭେ ପଞ୍ଚଭାଇ ପଞ୍ଚେ ହେଉଁ ଏକ କଡ଼
ଖେଳର ଚରିତ ଆଜ ଜାଣିବ ମୂକଡ଼ ।
ଭୀମ ବାକ୍ୟେ ଦୁର୍ଯ୍ୟୋଧନ ହେଲା ସନମତ
ପଣ୍ଟି ଯେ ରହିଲେ ପଞ୍ଚୋତ୍ତର ଶତ ଭ୍ରାତ ।

Digitized by srujanika@gmail.com

ପୂର୍ବ ଗଲେ ଯୁଧିଷ୍ଠିର ଘେନିଣ ଶଙ୍ଖ ଭେରି ।
ଦୁଇ ପାର୍ଶ୍ୱେ ଗୁଳ ବୋଲେ 'ଶାର କାଟି ଯୋଦ୍ଧା ।
ଈଶାନେ ଯୁଧିଷ୍ଠି ଭୀମସେନ ପଛଆଡ଼େ
ବସିଲେ ଉଛବାରେ ନିର୍ମାଣିର ଖେଳେ ।

ପ୍ରଥମରେ ଘୋଡ଼ାଇଲା ଶାର ଦୁଃଶାସନ
ପଳାଇ ଗୁଚ୍ଛିଣ ଯେସନେ ଭାଳଗା ସଦନ ।
ବନଚର ଦେଖି ଯେସନେ ଭୟେ ପଳାନ୍ତି ହରିଣୀ
ନିଃଶ୍ୱାସ ଛାଡ଼ି ଧାଉଁଛି ଦୁଃଶା ଶାରଣୀ ।
ରେ ରେ ଚୋର ଲଭ ସେସନେ ଧାଇଁଗଲା
ପୃଷ୍ଠିରେ ଲାଗିଲା ନିର୍ମାଣି ଭୀମ
ପଛରେ ଭାଗିଲେ ଗୋଡ଼ି ଭୀମ ପାଡ଼ି
ନାସିକା ଅବନିପୁଟେ ବୋହିଲା ଶୋଣିତ ।
ମାରିବାକୁ ଦୁଃଶାସନ ଆସିଲା ଖେଳନ୍ତି
ଆଗରେ ଆଗରେ ଘୋଳି ଭୀମ ଗୋଡ଼ାଇଲା ଉଠି
ମଧ୍ୟ ଦାଣ୍ଡରେ ମାରିଲା ସେ ଦୁଃଶାସନକୁ
ଏକା ପାହାରକେ ଭାଙ୍ଗି ପଡ଼ିଲା ତା ମୁକୁ ।
ଦୁର୍ଯ୍ୟୋଧନ ସେ ପଳାଇ ଗୋଡ଼ାଏ ମାରୁତି
ଗୁଚୁପୋଡ଼େ ମାଇଲା ଭୀମ ପଡ଼ିଲା ସେ କ୍ଷିତି ।
ଦୁର୍ଜୟ, ଦୁର୍ବଳଆଦି ଦୁର୍ଦାନ୍ତଙ୍କ ମୁଣ୍ଡେ
ପାଦେ କାହାକୁ ମାଇଲା ଭୀମ କରତଳେ ।
ମୂର୍ଚ୍ଛାଯାଇ ପଡ଼ିଗଲେ ଗାନ୍ଧାରୀ ଦୁଲଣେ
ବାହୁଟିଆ ଜୀବ ନେଇ ପଳାନ୍ତି ସେ ଶଲ୍ୟେ ।
ଚିତ୍ରାଏ ମାରି ହାତେବାଡ଼ ମାଇଲା ଶଲ୍ୟଙ୍କୁ
ପ୍ରହାରେ ଶଲ୍ୟ ପଡ଼ିଲେ ଭୂମି ମାଡ଼ି ବୁକୁ ।

Digitized by srujanika@gmail.com

ବାମ ପାଦ ପଡ଼େ ତାଙ୍କ ପିଠି ମଧ୍ୟ ଖଣ୍ଡେ
ଡାହାଣ ପାଦ ପଡ଼ଲା ଶଲ୍ୟଙ୍କର ମୁଣ୍ଡେ ।
ମସ୍ତକ ପିଠି ଫୁଟିଣ ଶୋଣିତ ଝଳକ
ବାହୁଡ଼ଇ ବୃକୋଦର ବିକ୍ରମ ସିଂହକ ।
କୁରୁବୀରେ ପଡ଼ଗଲେ ଅଚେତନ ହୋଇ
ଶଲ୍ୟ କର୍ଣ୍ଣ ଅଶ୍ୱତ୍ଥାମା ଚେତନା ହରାଇ ।
ବୈବସ୍ୱତ ମନୁଙ୍କୁ ଯେ ବଦନ୍ତି ଅଗସ୍ତି
କୁରୁ ପାଣ୍ଡବଙ୍କ ହେଲା ଏଠାରୁ ଅପ୍ରୀତି ।

(ସାରଳା ମହାଭାରତ ଆଦିପର୍ବ)

—ପ୍ରଶ୍ନ—

୧ । କୁରୁପାଣ୍ଡବଙ୍କର କିପରି ଖେଳ ସଂକ୍ଷେପରେ ବର୍ଣ୍ଣନା କର ।

୨ । ପୃଥିବୀ, ଭୀମ, ଅର୍ଜୁନ, ବନ—ପ୍ରତ୍ୟେକର ତିନୋଟି ଲେଖାଏଁ ପ୍ରତିଶବ୍ଦ ଦିଅ ।

୩ । ଶୋଣିତ, ତରିତ, ନୀରସ—ଏମାନଙ୍କୁ ବ୍ୟବହାର କରି ବାକ୍ୟ ରଚନା କର ।

କୀଟ ସମାଜ

ପ୍ରାଣୀମାନଙ୍କ ମଧ୍ୟରେ ମନୁଷ୍ୟକୁ ଚତୁରତମ ବୋଲି ଧରାଯାଇ ଥାଏ । କାରଣ ବାଘର କ୍ରୁର ନଖର, ହସ୍ତୀର ବିରାଟ ବପୁ ବା ବିହଙ୍ଗର ଉଡ଼୍ଡୟନ ଶକ୍ତି ତା'ର ନ ଥିଲେ ମଧ୍ୟ, ପୃଥିବୀର ସକଳ ପ୍ରକାର ପ୍ରାଣୀମାନଙ୍କୁ ସେ ନିଜ ଶାସନକୁ ଆଣି ପାରିଛି । ପିପୀଲିକାଦି କୀଟ-ପତଙ୍ଗ ତ ତା' ନିକଟରେ ଅତି ତୁଚ୍ଛ ଜୀବ । କୌଣସି ମନୁଷ୍ୟ

Digitized by srujanika@gmail.com

ଅନ୍ୟ ମନୁଷ୍ୟ ପ୍ରତି ହେୟସୂଚକ ଭାବ ପ୍ରକାଶ କଲେ କହିଥାଏ "ଓଃ ସେଟା ସାମାନ୍ୟ କୀଟ ମାତ୍ର ! ତା କଥା କାହିଁକି କହୁଛ ?"

କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଯେ, ଜୀବତତ୍ତ୍ୱଜ୍ଞମାନଙ୍କ ଗବେଷଣା ଫଳରେ ବର୍ତ୍ତମାନ ଏହି କ୍ଷୁଦ୍ର କୀଟପତଙ୍ଗମାନଙ୍କ ସମ୍ବନ୍ଧରେ ଯାହା ସବୁ ଜଣା ପଡ଼ୁଛି, ସେଥିରୁ ବୁଝାଯାଉଛି ଯେ ଚତୁର ମନୁଷ୍ୟର ଏହି ଅବହେଳିତ କ୍ଷୁଦ୍ର ଜୀବମାନଙ୍କଠାରୁ ବହୁତ ଶିଖିବାର ଅଛି ଏବଂ ମନୁଷ୍ୟ ଯଦି କୀଟ-ପତଙ୍ଗମାନଙ୍କର ସଦ୍‌ଗୁଣ ସବୁ ପ୍ରକୃତରେ ଶିଖନ୍ତା ତେବେ ତାହାର ବହୁତ ଦୁଃଖ ଓ ଜଞ୍ଜାଳ ଦୂରୀଭୂତ ହୁଅନ୍ତା ।

ଆଜିକାଲି 'ସାମ୍ୟବାଦ'ର କଥା ଆମ୍ଭେମାନେ ବହୁତ ଶୁଣୁ । ସାମ୍ୟବାଦର ତାତ୍ପର୍ଯ୍ୟ ହେଉଛି ଏହି ଯେ ସମ୍ପତ୍ତି ଜଣକର ନ ହୋଇ, ସମଗ୍ର ଗୋଷ୍ଠୀର ହେବ ଏବଂ ତାହା ଗୋଷ୍ଠୀର ସମସ୍ତେ ସମାନଭାବରେ ବାଣ୍ଟି ଭୋଗ କରିବେ । ଅନେକ କୀଟ ଗୋଷ୍ଠୀରେ ଏହି ସାମ୍ୟବାଦ ଏପରି ଭାବରେ ପାଳିତ ହୁଏ ଯେ, କୌଣସି ସାମ୍ୟବାଦୀ ତାହା କଳ୍ପନା କରି ପାରିବେ ନାହିଁ । ଏହି କୀଟ ଜଗତରେ କାହାରି ନିଜର ବୋଲି କିଛି ନ ଥାଏ । ସମସ୍ତହିଁ ଗୋଷ୍ଠୀର । ଗୋଷ୍ଠୀର ସମୂହ ମଙ୍ଗଳ ପାଇଁ ସମସ୍ତେ ଶ୍ରମ କରନ୍ତି । ଶ୍ରମ ନ କରି କେହି ରହି ପାରିବେ ନାହିଁ । ଏବଂ କେବଳ ସେଇ ପ୍ରକାର ଶ୍ରମ କରିବେ, ଯାହା ଗୋଷ୍ଠୀ ତାହା ପାଇଁ ନିର୍ଦ୍ଦିଷ୍ଟ କରି ଦେଇଛି । ଗୋଟିଏ କୀଟ ପାଇଁ ଗୋଟିଏ କାମ ଏବଂ ଗୋଷ୍ଠୀର ନିର୍ଦ୍ଦେଶ ବିନା କେହି ନ୍ୟସ୍ତ କର୍ମଟି ପରିତ୍ୟାଗ କରି ପାରିବେ ନାହିଁ । କେହି ନିଜ କୀଟ-ଗୋଷ୍ଠୀର ବାହାରେ ବା ଗୋଷ୍ଠୀ ଭିତରେ ନିଜର ସ୍ଥାନର ତଳେ ବା ଉପରେ ବିବାହ କରି ପାରିବେ ନାହିଁ । କେତେକ ଆଦୌ ବିବାହ କରନ୍ତି ନାହିଁ ।

Digitized by srujanika@gmail.com

ଉଈମାନଙ୍କ କଥା ଧରାଯାଉ । ଏମାନଙ୍କର ଜାତିବିଭାଗ ଓ ଶୃଙ୍ଖଳା ଅତ୍ୟନ୍ତ ବିସ୍ମୟଜନକ । ଏମାନଙ୍କ ଭିତରେ ସର୍ବୋପରି ରାଜା ଓ ରାଣୀ, ତାଙ୍କ ତଳେ ସାମନ୍ତବର୍ଗ, ତାଙ୍କ ତଳେ ସାଧାରଣ ଶ୍ରମିକ ଉଈ ସବୁ ଥାଆନ୍ତି । ଏମାନଙ୍କର ସୈନିକବାହିନୀ ମଧ୍ୟ ଥାଏ ଏବଂ ସେ ବାହିନୀ ଉଚ୍ଚ, ମଧ୍ୟମ ଓ ନିମ୍ନ ତିନି ଭାଗରେ ବିଭକ୍ତ । ବିସ୍ମୟର କଥା ଏହି ଯେ, ଉଚ୍ଚସ୍ଥ ଉଈଙ୍କର ପିଲେ ନିମ୍ନ ଜାତିରେ ପଶିବେ କିନ୍ତୁ ନିମ୍ନଜାତିର ଉଈ ଉଚ୍ଚସ୍ଥ ଶ୍ରେଣୀକୁ ଯିବାର ଦେଖାଯାଏ ନାହିଁ ।

ମନୁଷ୍ୟ ପରି ଏହି କୀଟଗୋଷ୍ଠୀ ସବୁ ମଧ୍ୟ ପରିବାର ଉପରେ ପ୍ରତିଷ୍ଠିତ । ଏମାନେ ପରିବାର ବା ଗୋଷ୍ଠୀକୁ ଅନିର୍ଦ୍ଦିଷ୍ଟ ଭାବରେ ବଢ଼ାଇବାକୁ ଦିଅନ୍ତି ନାହିଁ । ଗୋଟିଏ ନିର୍ଦ୍ଦିଷ୍ଟ ସୀମାର ବାହାରକୁ ଗୋଷ୍ଠୀ ବଢିଗଲେ, ଉଦ୍‌ବୃତ୍ତାଂଶ ପୂର୍ବସ୍ଥାନ ଛାଡ଼ି ଅନ୍ୟତ୍ର ଉପନିବେଶ ସ୍ଥାପନ ପାଇଁ ଚାଲିଯାନ୍ତି । ମନୁଷ୍ୟ ନାନା ଯନ୍ତ୍ରପାତି ଆବିଷ୍କାର କରିଛି ଓ ତାହା ସାହାଯ୍ୟରେ ସେ ବିରାଟ ଗୃହ, ସେତୁ ଓ ନଗରମାନ ନିର୍ମାଣ କରି ପାରୁଛି । କିନ୍ତୁ ବିନାଯନ୍ତ୍ରରେ ଉଈ, ମହୁମାଛି ପ୍ରଭୃତି କୀଟମାନେ ଯେପରି ନିର୍ମାଣ କୌଶଳ ଦେଖାଇଥାନ୍ତି ସେଥିରେ ବିସ୍ମିତ ନ ହୋଇ ରହି ହୁଏ ନାହିଁ ।

ମହୁମାଛିମାନଙ୍କର ଅଦ୍ଭୁତ ଗୋଷ୍ଠୀ-ସଂଗଠନ ସମସ୍ତଙ୍କୁ ପ୍ରାୟ ଅଳ୍ପ ବହୁତ ଜଣା । ଗୋଟିଏ ମହୁଫେଣା ଗୋଟିଏ ସୁପରିଚାଳିତ ସାଧାରଣତନ୍ତ୍ର ରାଷ୍ଟ୍ର କହିଲେ ଚଳେ । ତାହାର ସଂପତ୍ତିର କେହି ଜଣେ ମାଲିକ ନଥାଏ, ତାହା ସମଗ୍ର ଗୋଷ୍ଠୀର । ଗୋଷ୍ଠୀର ସାଧାରଣ ସମ୍ପତ୍ତିର ଅଭିବୃଦ୍ଧି ପାଇଁ ପ୍ରତ୍ୟେକଙ୍କୁ କାମ କରିବାକୁ ପଡ଼େ । ଯେଉଁମାନେ ନ କରନ୍ତି ସେମାନଙ୍କୁ ମାରି ଦିଆଯାଏ । ମହୁ ଫେଣାର ରାଣୀକୁ ସମଗ୍ର ଗୋଷ୍ଠୀ ସମ୍ମାନ କରେ । ସେ ଗୋଷ୍ଠୀର ମା । ନିଜ

Digitized by srujanika@gmail.com

ଜୀବନ କାଳରେ ଗୋଟିଏ ରାଣୀ-ମହୁମାଛି ପ୍ରାୟ ପନ୍ଦର ଲକ୍ଷ ଡିମ୍ବ ଦେଇଯାଏ । ଜାତିର ଜନନୀ ଥିବାରୁ ରାଣୀକୁ ଅନ୍ୟ କୌଣସି କର୍ମ

ମହୁଫେଣା

କରିବାକୁ ପଡ଼େନାହିଁ ଓ ସମଗ୍ର ଗୋଷ୍ଠୀ ତାକୁ ସମ୍ମାନ କରେ । ଆମ ସମାଜରେ ଜାତିର ଜନନୀ, ନାରୀ, ମହୁମାଛିମାନେ ତାଙ୍କ ରାଣୀକୁ ଯେଉଁ ସମ୍ମାନ ଦିଅନ୍ତି, ତାହା ପାଇବା ଉଚିତ ।

ପିମ୍ପୁଡ଼ିମାନଙ୍କ ଗୋଷ୍ଠୀ ଜୀବନ ଆହୁରି ବିଚିତ୍ର । ନାନା ଜାତିର ପିମ୍ପୁଡ଼ି ଅଛନ୍ତି ଏବଂ ସୁବିଧା ପାଇଲେ ଗୋଟିଏ ଗୋଷ୍ଠୀ

Digitized by srujanika@gmail.com

ଅନ୍ୟ ଗୋଷ୍ଠୀର ସମ୍ପତ୍ତି ଲୁଣ୍ଠନ କରିବାକୁ ସର୍ବଦା ପ୍ରସ୍ତୁତ । ଉତ୍କାଯୃତ ପିମ୍ପୁଡ଼ି କୃଷିଜୀବୀ ପିମ୍ପୁଡ଼ିଙ୍କ ଠାରୁ କର ଆଦାୟ କରିବାର ଦେଖାଯାଏ । ପିମ୍ପୁଡ଼ିମାନେ ଅନ୍ୟ କୀଟମାନଙ୍କୁ ଦୁଗ୍ଧଦାୟିନୀ ଗାଭୀ ଓ ସେବାକାରୀ କ୍ରୀତଦାସ ରୂପରେ ବ୍ୟବହାର କରିବାର ମଧ୍ୟ ଦେଖାଯାଏ ।

ପ୍ରତ୍ୟେକେ ନିଜ ସ୍ୱାର୍ଥ କଥା ନ ଭାବି ଗୋଷ୍ଠୀର ସମୂହ କଲ୍ୟାଣ ପାଇଁ କାମ କରୁଥିବାରୁ କୀଟ-ଗୋଷ୍ଠୀ ମାନଙ୍କରେ ଖାଦ୍ୟ ଓ ଗୃହ ସମସ୍ୟା ନାହିଁ କହିଲେ ଚଳେ । ସେମାନଙ୍କର ସଂଖ୍ୟାକୁ ଲଭ୍ୟ ଖାଦ୍ୟଠାରୁ ସେମାନେ କେବେହେଲେ ବଢ଼ାଇବାକୁ ଦିଅନ୍ତି ନାହିଁ । ମନୁଷ୍ୟ ଯଦି ଏହି ଦିଗରେ କୀଟମାନଙ୍କର ଅନୁକରଣ କରନ୍ତା ତେବେ ମନୁଷ୍ୟର ଉତ୍କଟ ଗୃହ ଓ ଖାଦ୍ୟ ସମସ୍ୟା ଅତି ସହଜରେ ହୁଏତ ସମାହିତ ହୋଇ ପାରନ୍ତା । କୀଟ ଗୋଷ୍ଠୀରେ କାହାକୁ ଖାଦ୍ୟାଭାବରେ ମରିବାକୁ ଦିଆଯାଏ ନାହିଁ । ପ୍ରତ୍ୟେକର ଶ୍ରମ ଓ ବୁଦ୍ଧି ଗୋଷ୍ଠୀର କଲ୍ୟାଣ ପାଇଁ ନିୟୋଜିତ । ନୂତନ ବଂଶର ଶିକ୍ଷାର ଦାୟିତ୍ୱ କେବଳ ପିତାମାତାର ନୁହେଁ, ଦାୟିତ୍ୱ ସମଗ୍ର ଗୋଷ୍ଠୀର । ଗୋଷ୍ଠୀର ବିପଦ ବେଳେ ପ୍ରତ୍ୟେକ କୀଟ ପ୍ରାଣ ଦେବାପାଇଁ ପ୍ରସ୍ତୁତ ଥାଏ । ଶତ୍ରୁର ଆକ୍ରମଣ ପ୍ରତିରୋଧ କରିବା ପାଇଁ କୀଟମାନେ ଦୁର୍ଗ ମଧ୍ୟ ନିର୍ମାଣ କରି ଥାଆନ୍ତି ।

ଏସବୁ ପ୍ରତି ଦୃଷ୍ଟି ଦେଲେ ମନୁଷ୍ୟ କ୍ଷୁଦ୍ର କୀଟମାନଙ୍କୁ ତୁଚ୍ଛ ଜ୍ଞାନ କରିବା ଓ ନିଜକୁ ଅତ୍ୟନ୍ତ ଚତୁର ଓ ବିଜ୍ଞ ମନେ କରିବା ଉଚିତ ନୁହେଁ । ଭାଗବତରେ ପ୍ରସିଦ୍ଧ ଯୋଗୀ ଅବଧୂତ ଅଜଗର, ଶକୁନି, ଭଅଁର ପ୍ରଭୃତି ପ୍ରାଣୀମାନଙ୍କୁ ନିଜର ଗୁରୁ ବୋଲି ସ୍ୱୀକାର କରିଛନ୍ତି । ଅନ୍ୟ ଜୀବମାନଙ୍କ ପ୍ରତି ଆମ୍ଭମାନଙ୍କର ଦୃଷ୍ଟିକୋଣ ସ୍ନେହପୂର୍ଣ୍ଣ ହେବା ଉଚିତ ।

Digitized by srujanika@gmail.com

—ପ୍ରଶ୍ନ—

(କ) ୧ । ଗୋଟିଏ ମହୁଫେଣା ଗୋଟିଏ ସୁପରିଚାଳିତ ସାଧାରଣ-ତନ୍ତ୍ର ରାଷ୍ଟ୍ର କିପରି ବୁଝାଅ ।

୨ । କୀଟ ଗୋଷ୍ଠୀରେ ସାମ୍ୟବାଦ ନୀତି କିପରି ପାଳିତ ହୁଏ ?

୩ । କୀଟ ପତଙ୍ଗମାନଙ୍କଠାରୁ ମନୁଷ୍ୟର କଣ କଣ ଶିକ୍ଷା କରିବାର ଅଛି ?

(ଖ) ୧ । ଜୀବତତ୍ତ୍ୱଜ୍ଞ, ଦୂର, ଗବେଷଣା, ସମାହୃତ, ବହଙ୍ଗ—ଅର୍ଥ ଲେଖ ଓ ବାକ୍ୟରେ ପ୍ରକାଶ କର ।

୨ । ବିପରୀତାର୍ଥ ବୋଧକ ଶବ୍ଦ ଲେଖ—
ସାମ୍ୟ, ସମ୍ପତ୍ତି, ବଜ୍ଞ, ସମଷ୍ଟି ।

୩ । ନିର୍ମାଣ, ଜ୍ଞାନ, ସମାହୃତ, ଅନୁକରଣ,—ଏ ଶବ୍ଦ ଗୁଡ଼ିକର ପ୍ରକୃତିପ୍ରତ୍ୟୟ ଲେଖ ।

ଲଙ୍କା ଯାତ୍ରା

ମୋର ଲକ୍ଷ୍ୟ ସ୍ଥଳ ଲଙ୍କାଦ୍ୱୀପ । ଲଙ୍କା ବା ସିଂହଳ ଦ୍ୱୀପକୁ ଯିବାକୁ ହେଲେ ଭାରତ ବର୍ଷର ଦକ୍ଷିଣସ୍ଥ ଧନୁଷ୍କୋଟି ଷ୍ଟେସନ୍‌ଠାରେ ଓହ୍ଲାଇ ଗୋଟିଏ ଜାହାଜ ଧରିବାକୁ ହୁଏ । ଭାରତ ବର୍ଷରୁ ଗୋଟିଏ ଛୋଟ ସରୁ ଅନ୍ତରୀପ ସିଂହଳ ଆଡ଼କୁ ଝୁଙ୍କି ପଡ଼ିଛି । ଧନୁଷ୍କୋଟି ଏହି ଅନ୍ତରୀପର ଶେଷ ବିନ୍ଦୁ ।

ମଣ୍ଡପମ୍ ନାମକ ଷ୍ଟେସନ୍ ପାର ହେଉ ନ ହେଉଣୁ ଅତ୍ୟନ୍ତ ମନୋହର ଦୃଶ୍ୟ ଆଖିରେ ପଡ଼ିଲା । ଆମ୍ଭେମାନେ ଯେ ଦକ୍ଷିଣ ସମୁଦ୍ରର ଏତେ ନିକଟ ହେଲୁଣି ତାହାର କୌଣସି ସୂଚନା ନଥିଲା ।

Digitized by srujanika@gmail.com

କିନ୍ତୁ ଗାଡ଼ି ହଠାତ୍ ଗତିଭଙ୍ଗ କରି ପୂର୍ବକଥିତ ଅନ୍ତରୀପ ଭିତରକୁ ପ୍ରବେଶ କଲା । ଅନ୍ତରୀପଟି ବାଲୁକାମୟ ଓ ଅଳ୍ପ ପ୍ରସ୍ଥ । ଆମ୍ଭମାନଙ୍କର ଉଭୟ ପାର୍ଶ୍ୱରେ ସମୁଦ୍ରର ନୀଳ ଜଳରାଶି ବିସ୍ତୀର୍ଣ୍ଣ ହୋଇ ରହିଛି । ସମୁଦ୍ର କୂଳରେ ଠିଆ ହୋଇ ସମୁଦ୍ରକୁ ଅନାଇଲେ ସାଧାରଣତଃ ତାହା ଅନନ୍ତ ବୋଲି ପ୍ରତୀୟମାନ ହୁଏ । କିନ୍ତୁ ବର୍ତ୍ତମାନ ମୁଁ ତାହାର ଅନ୍ତ ଦେଖିଲି । ମୁଁ ଯେଉଁ ଅନ୍ତରୀପ ଉପରେ ରେଳଗାଡ଼ିରେ ଯାଉ-ଥିଲି ତାହା ସମୁଦ୍ରକୁ ଦୁଇଭାଗ କରି ରଖିଅଛି । କୌଣସି ପଟେ ସମୁଦ୍ରର ଉତ୍ତାଳ ଲହରୀ ନାହିଁ । ସର୍ବତ୍ର ସିଂହ ପରି ଉଗ୍ର ସମୁଦ୍ର ଏଠି ଶାନ୍ତ ହୋଇ ପଡ଼ିଛି ।

ଏହି ଅନ୍ତରୀପଟି ପ୍ରାୟ ୧୦।୧୫ ମାଇଲ୍ ଲମ୍ବ । ମଝିରେ ମଝିରେ ଜନବସତି ଅଛି । ଛୋଟ ଛୋଟ ଗାଁଗୁଡ଼ିକ ବଟ, ନାରି-କେଳ ପ୍ରଭୃତି ବୃକ୍ଷମାନଙ୍କର ଆବରଣ ଭିତରେ ସୁନ୍ଦର ଦେଖା ଯାଉଥିଲେ ।

ରାମେଶ୍ୱରମ୍ ଓ ଧନୁଷ୍କୋଟି ନାମକ ଦୁଇଟି ଷ୍ଟେସନ ମଣ୍ଡପମ୍ ପରେ ଅବସ୍ଥିତ । କିଛି ଦୂର ଗଲା ପରେ ରାମେଶ୍ୱରମ୍ ଷ୍ଟେସନ ପଡ଼ିଲା । କେତେଜଣ ତୀର୍ଥ ଯାତ୍ରୀ ସେଠାରେ ଓହ୍ଲାଇଲେ । ରାମେ-ଶ୍ୱର ହିନ୍ଦୁମାନଙ୍କର ଚାରି ଧାମରୁ ଏକ ଧାମ । ଷ୍ଟେସନଠାରୁ ଟିକିଏ ଦୂରରେ ପ୍ରାୟ ସମୁଦ୍ରର ଠିକ୍ କୂଳରେ ବୃକ୍ଷହୀନ ବାଲୁକା ପ୍ରାନ୍ତରରେ ରାମେଶ୍ୱର ମନ୍ଦିର ଦଣ୍ଡାୟମାନ । ମୁଁ ନୀରବରେ ହାତ ଯୋଡ଼ି ସେହି ମନ୍ଦିର ଆଡ଼କୁ ଉଦ୍ଦେଶ୍ୟ କରି ପ୍ରଣାମ କଲି । କଥିତ ଅଛି, ବନବାସୀ ରାମଚନ୍ଦ୍ର ଅପହୃତା ପତ୍ନୀ ସୀତାଙ୍କ ଅନ୍ୱେଷଣରେ ଏଠାକୁ ଆସି ଆଜି ଯେଉଁଠାରେ ମନ୍ଦିର ଠିଆ ହୋଇଅଛି, ସେଠାରେ ଦେବା-ରାଧନା କରିଥିଲେ । ଆଉ କିଛି ଦୂରରେ ଧନୁ ପୂଜା କରି ସ୍ଥାନ-ଟିକୁ ଧନୁଷ୍କୋଟି ନାମରେ ଅମର କରି ଯାଇ ଅଛନ୍ତି ।

Digitized by srujanika@gmail.com

ଧନୁଷ୍କୋଟି ରେଲ୍ ଷ୍ଟେସନଟି ଠିକ୍ ସମୁଦ୍ର ଜଳ ଉପରେ । ରେଲ ଓ ଜାହାଜର ପ୍ଲାଟ୍‌ଫର୍ମ ପାଇଁ ପାଣି ଭିତରେ ଲୁହାର ମଞ୍ଚା ବାନ୍ଧି ଦିଆ ହୋଇଅଛି । ଆମ୍ଭେମାନେ ଗାଡ଼ିରୁ ଓହ୍ଲାଇ ଜାହାଜ ସମ୍ମୁଖରେ ଉପସ୍ଥିତ ହେଲୁ ।

ଏହି ଜାହାଜଟି ଛୋଟ । ପ୍ରତିଦିନ ସିଂହଳ ଓ ଭାରତବର୍ଷ ଭିତରେ ଯିବା ଆସିବା କରେ । ଜଳଯାତ୍ରା ମାତ୍ର ଦୁଇଘଣ୍ଟା ଲାଗେ । ମୁଁ ଜାହାଜରେ ଉଠିଲା ମାତ୍ରେ ଲାବଣ୍ୟବତୀର ଏହି ପଂକ୍ତିଟି ବାରମ୍ବାର ମୋର ମନେ ପଡ଼ିଲା—

"ବହିତ୍ର ଲଗିଲା ଯାଇ ସିଂହଳ ଦ୍ୱୀପରେ ।"

ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ କାବ୍ୟର ନାୟିକା ଲାବଣ୍ୟବତୀ ସିଂହଳ ଦେଶର ରାଜକନ୍ୟା । କାବ୍ୟର ନାୟକ ଚନ୍ଦ୍ରଭାନୁ କର୍ଣ୍ଣାଟ ଦେଶର ରାଜପୁତ୍ର ଓ ଲାବଣ୍ୟବତୀଙ୍କ ବିବାହ କରିବା ଉଦ୍ଦେଶ୍ୟରେ ଏହି ସିଂହଳ ଦ୍ୱୀପକୁ ବୋଇତରେ ଆସିଥିଲେ । ସିଂହଳ ଦ୍ୱୀପ ସଙ୍ଗେ ଓଡ଼ିଶାର ଅନେକ ଐତିହାସିକ ସମ୍ବନ୍ଧ ଅଛି । ଯେଉଁ ଭାରତୀୟ ରାଜପୁତ୍ର ବିଜୟ ସିଂହ ଲଙ୍କା ଜୟ କରି ସିଂହ ବଂଶ ସ୍ଥାପନ କରି-ଥିଲେ ଓ ଯାହାଙ୍କ ସଂଜ୍ଞାରୁ ଦ୍ୱୀପର ନାମ ସିଂହଳ ହୋଇଅଛି, ସେ ଉତ୍କଳର । ନବମ ଶତାବ୍ଦୀରେ ବ୍ରାହ୍ମଣମାନେ ବୌଦ୍ଧ ଧର୍ମକୁ ଭାରତବର୍ଷରୁ ବିତାଡ଼ିତ କରିବାକୁ ବସିଲେ । ଓଡ଼ିଶା ବୌଦ୍ଧ ଧର୍ମର ଏକ ପ୍ରଧାନ ପୀଠ ଥିଲା । ଓଡ଼ିଶାର ପ୍ରାଚୀନ ଦନ୍ତପୁର ନାମକ ନଗରୀରେ ବୁଦ୍ଧଙ୍କର ଏକ ଦନ୍ତ ରକ୍ଷିତ ହୋଇଥିଲା । ବ୍ରାହ୍ମଣମାନଙ୍କ ଅତ୍ୟାଚାରରୁ ଏହି ଦନ୍ତକୁ ରକ୍ଷା କରିବା ଲାଗି ଜଣେ କଳିଙ୍ଗ ରାଜକୁମାରୀ ବୁଦ୍ଧ ଦନ୍ତକୁ ନିଜର କବରୀରେ ଲୁଚାଇ ନାନା ଦେଶ, ବଣ, ପର୍ବତ, ନଦୀ ପାର ହୋଇ ସିଂହଳରେ ରଖି ଆସିଥିଲେ ।

Digitized by srujanika@gmail.com

ଆମ୍ଭମାନଙ୍କର କ୍ଷୁଦ୍ର ଜାହାଜଟି ଗତି କଲା । ଆମର ଦକ୍ଷିଣ ଦିଗରେ ରାମନିର୍ମିତ ସେତୁବନ୍ଧ ଚକ୍ରବାଳ ଉପରେ ଅସ୍ପଷ୍ଟ ଭାବରେ ଦେଖା ଯାଉଥାଏ । ସମୁଦ୍ରରେ ଆଉ ଢେଉ ଲହରୀ ନ ଥାଏ । ଜଳର ବର୍ଣ୍ଣ ଘୋର ନୀଳ । ମନେ ଏହା ଚିଲିକାରେ ନୌ-ଯାତ୍ରା କଥା ସ୍ମରଣ କରାଇ ଦେଉଥାଏ ।

ଜାହାଜ ଯେତେବେଳେ ସିଂହଳର ବେଳାଭୂମି ସ୍ପର୍ଶ କଲା ସେତେବେଳକୁ ରାତି । ଅପୂର୍ଣ୍ଣଚନ୍ଦ୍ର ନାରିକେଳ ବଣର ଆରପଟେ ରହି ଅଧା ଆଲୁଅ ଅଧା ଅନ୍ଧାରରେ ତୀରଦେଶକୁ ରଞ୍ଜିତ କରି ଦେଉଥିଲେ । ଏହି ବନ୍ଦରର ନାମ ତାଲାଇ ମନ୍ନାର । ଏଠାରୁ ସିଂହଳ ରାଜଧାନୀ କଲମ୍ବୋ ୭୦ ମାଇଲ ଦକ୍ଷିଣରେ । ସସବ୍ୟସ୍ତ ଭାବରେ ଜାହାଜରୁ ଓହ୍ଲାଇ ଅପେକ୍ଷା କରିଥିବା କଲମ୍ବୋଗାମୀ ଟ୍ରେନକୁ ଧରିବାକୁ ହେଲା । ଗାଡ଼ି ଛାଡ଼ିବା ପୂର୍ବରୁ କିଞ୍ଚିତ ଆହାର କରି ମୁଁ ଶଯ୍ୟା ଗ୍ରହଣ କଲି ।

ଖୁବ୍ ପ୍ରତ୍ୟୁଷରୁ ଉଠି ବାତାୟନ ଦେଇ ସିଂହଳର ପ୍ରାକୃତିକ ଦୃଶ୍ୟ ଦେଖିବାକୁ ଲାଗିଲି । ସିଂହଳର ଚାରିଆଡ଼େ ନାରିକେଳର ଅରଣ୍ୟ । ଯେଉଁ ଆଡ଼କୁ ଅନାଅ କେବଳ ନାରିକେଳ ବନ ବିସ୍ତୀର୍ଣ୍ଣ ହୋଇ ରହିଛି । ମଝିରେ ମଝିରେ ଅଳ୍ପ ପରିସରର କେଦାରମାଳ ; ତା'ର ଚାରିପାଖଯାକ ନାରିକେଳ ବଣ । ଜନବସତି, ସିଂହଳ ଦ୍ୱୀପରେ ଭାରତବର୍ଷ ଅନୁପାତରେ ବିରଳ ।

ଭାରତ ବର୍ଷ ପରି ଏଠି ଶ୍ରେଣୀବଦ୍ଧ ଗ୍ରାମ ନାହିଁ । ନାରିକେଳ କୁଞ୍ଜ ମଧ୍ୟରେ ଏଠି ଗୋଟିଏ ଘର । ତାଠୁ ଅନେକ ଦୂର ଛଡ଼ାରେ ଆଉ ଗୋଟିଏ ଘର, ଆଉ ଗୋଟିଏ କୁଞ୍ଜ ମଧ୍ୟରେ । କିନ୍ତୁ ବସତି ବଡ଼ ପରିଷ୍କୃତ, ପରିଚ୍ଛନ୍ନ ଓ ଗୃହ-ଗୁଡ଼ିକର ଗଠନରେ ସୁରୁଚିର ପରିଚୟ ମିଳୁଥିଲା । ଭାରତ ବର୍ଷରେ ଏହାର ବଡ଼ ଅଭାବ ।

Digitized by srujanika@gmail.com

ସକାଳ ପ୍ରାୟ ଆଠଟାରେ କଲମ୍ବୋ ଷ୍ଟେସନରେ ପହଞ୍ଚିଲି । କଲମ୍ବୋ ସାର୍ବଜନୀନ ସହର । ପୃଥିବୀର ସବୁ ଜାତିର ଲୋକ ଏଠି ରହନ୍ତି । ପୂର୍ବ ଓ ପଶ୍ଚିମ ମହାଦେଶଗାମୀ ଜାହାଜମାନଙ୍କର ଏହା ବିଶ୍ରାମ ସ୍ଥଳ । ଗଠନ ଓ ଢଙ୍ଗଢାଙ୍ଗରେ ଏହା ଏକ ୟୁରୋପୀୟ ସହର ପରି । ତେଣୁ ଏଠାରେ ରହିବାର ବ୍ୟୟ ବଡ଼ ବେଶୀ । ମୁଁ ଗୋଟିଏ ଭାରତୀୟ ହୋଟେଲ୍‌ରେ ଥିଲି । ସେଠି ମତେ ଦୈନିକ ୮ଟଙ୍କା କରି ଦେବାକୁ ପଡ଼ିଲା । କିନ୍ତୁ ବାସର ସ୍ୱାଚ୍ଛନ୍ଦ୍ୟ ଓ ଭୋଜନର ଉତ୍କର୍ଷ ଅତି ଚମତ୍କାର । ସିଂହଳୀ ମାନେ ରନ୍ଧନକଳା ଲାଗି ପ୍ରସିଦ୍ଧ ।

ସିଂହଳୀମାନେ ସିଂହଳକୁ ଲଙ୍କା କହନ୍ତି । ଏଠି ଯେ ସୀତା-ହରଣ ଓ ରାମରାବଣଯୁଦ୍ଧ ହୋଇଥିଲା ତାହା ସିଂହଳୀମାନେ ଜାଣନ୍ତି । କିନ୍ତୁ ରାବଣର ରାଜଧାନୀ କେଉଁଠି ଥିଲା ପଚାରିବାରେ କେହି କହି ପାରିଲେ ନାହିଁ ।

ମହାରାଜ ଅଶୋକଙ୍କର ପ୍ରିୟ ପୁତ୍ର ମହେନ୍ଦ୍ର ଓ ପ୍ରିୟ କନ୍ୟା ସଙ୍ଘମିତ୍ରା ଏହି ଲଙ୍କାଦ୍ୱୀପରେ ବୌଦ୍ଧଧର୍ମର ପ୍ରଚାର ପାଇଁ ରାଜ-ପ୍ରାସାଦର ସୁଖ ଏବଂ ରାଜା ଓ ରାଣୀ ହେବାର ସମସ୍ତ ସ୍ୱପ୍ନ ପରିତ୍ୟାଗ କରି ଏହି ଦ୍ୱୀପର ଗିରିଗୁହାମାନଙ୍କରେ ରୁକ୍ଷ ହରିଦ୍ରା ବସ୍ତ୍ର ପରିଧାନପୂର୍ବକ ଭିକ୍ଷାନ୍ନରେ କ୍ଷୁଧା ନିବାରଣ କରି ଶେଷଜୀବନ କଟାଇଥିଲେ । ସେମାନଙ୍କର ସ୍ମୃତି ସିଂହଳରେ ଏପର୍ଯ୍ୟନ୍ତ ଜୀବନ୍ତ ଅଛି ।

—ପ୍ରଶ୍ନ—

(କ) ୧ । ମାନଚିତ୍ରରେ ଧନୁଷ୍କୋଟି, ତାଲାଇମାନାର, କଲମ୍ବୋ ଦେଖାଅ ।

୨ । ଲଙ୍କାର ନାମ ସିଂହଳ କିପରି ହେଲା ?

Digitized by srujanika@gmail.com

୩। ଲଙ୍କାରେ ଘରଗୁଡ଼ିକ କିପରି ନିର୍ମିତ ହୋଇଥାଏ ?

୪। ବୁଦ୍ଧ ଦେବଙ୍କର ଦନ୍ତ କିପରି ସିଂହଳକୁ ଆସିଲା ?

୫। କଲମ୍ବୋ ଗୋଟିଏ ସାର୍ବଜନୀନ ବନ୍ଦର—କିପରି ବୁଝାଅ ।

୬। ସିଂହଳଦ୍ୱୀପ ସହିତ ଭାରତ ଇତିହାସର କ'ଣ ସମ୍ବନ୍ଧ ଅଛି ?

(ଖ) ୧। ନୀରବ, ବାତାୟନ, ଅପହୃତା, ଉପସ୍ଥିତ, ଚକ୍ରବାଳ, ଅନୁପାତ, ନିର୍ମିତ—ଏ ଗୁଡ଼ିକୁ ଲଗାଇ ଗୋଟିଏ ଗୋଟିଏ ବାକ୍ୟ ଲେଖ ।

୨। ବିଶେଷଣରେ ପରିଣତ କର ;—ପରିଧାନ, ଅନ୍ତର୍ଦ୍ଧାନ ।

ସ୍ତବ

ନାହିଁ ତବ ଆଦି, ଅନ୍ତ, ମଧ୍ୟ, ମହେଶ୍ୱର !
ଅଗଣ୍ୟ ତୁମ୍ଭର ବାହୁ, ଅଗଣିତ ପଦ,
ତୁମ୍ଭର ସହସ୍ର ନେତ୍ର ତପନ-ତାରକା,
ତୁମ୍ଭ ତେଜେ ଆଲୋକିତ ଏ ନିଖିଳ ବିଶ୍ୱ ।

ତୁମ୍ଭେ ଜ୍ଞାନ, ତୁମ୍ଭେ ଜ୍ଞାତା, ପରମ ଆଶ୍ରୟ,
ସନାତନ, ପୁଣି ଚିରପରିବର୍ତ୍ତିମାନ ;
ତୁମ୍ଭର ଅନନ୍ତ ରୂପେ ବିଶ୍ୱ ଆଚ୍ଛାଦିତ ;
ତୁମ୍ଭେ ପୁଣି ବାକ୍ୟ, ମନ, ଦୃଷ୍ଟି ଅଗୋଚର ।

ତୁମ୍ଭେ ବାୟୁ, ତୁମ୍ଭେ ଅଗ୍ନି, ବରୁଣ, ଶଶାଙ୍କ
ତୁମ୍ଭେ ଏ ଜଗତ-ସ୍ରଷ୍ଟା ପ୍ରଜାପତି ପୁଣି ;

Digitized by srujanika@gmail.com

ସହସ୍ର ପ୍ରକାରେ ମୁହିଁ ନମେ ତୁମ୍ଭ ଆଗେ,
ପୁଣି ନମସ୍କାର କରେଁ ପ୍ରଭୁ ବାରମ୍ବାର ।

ନମୋ ଆଗେ, ନମେ ପଛେ, ନମେ ଚୌଦିଗେ;
ସର୍ବଦଗେ ବିରାଜିତ, ସର୍ବରେ ଆସୀନ
ହେ ଅନନ୍ତବୀର୍ଯ୍ୟ, ସବୁ ତୁମ୍ଭରୁ ଆଗତ,
ସବୁ ତୁମ୍ଭେ, ତୁମ୍ଭଠାରେ ସବୁ ସମାପତ ।

(ଗୀତାରୁ ଗୃହୀତ)

—ପ୍ରଶ୍ନ—

(କ) ୧ । ଏ କବିତାରେ କିଏ କାହାକୁ ସ୍ତବ କରୁଛନ୍ତି ?
୨ । ସ୍ତବର ସାରକଥା ନିଜ ଭାଷାରେ ଲେଖ ।

(ଖ) ୧ । ଅନନ୍ତ, ଶଶାଙ୍କ, ଅଗଣିତ ଏଗୁଡ଼ିକର ସମାସ ବ୍ୟାଖ୍ୟା କର ଓ ସମାସ ନାମ ଦିଅ ।
୨ । ଧାତ୍ରି, ଗତ, ଜ୍ଞାତବ୍ୟ— ଏଗୁଡ଼ିକର ପ୍ରକୃତ ପ୍ରତ୍ୟୟ ଲେଖ ।

ବୀରବାଳା ରାଣୀ ଲକ୍ଷ୍ମୀବାଈ

ଉତ୍ତରଭାରତରେ ଝାନ୍‌ସି ଗୋଟିଏ ଛୋଟ ରାଜ୍ୟ । ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଏହି ରାଜ୍ୟର ରାଜା ଗଙ୍ଗାଧର ରାଓ ଅପୁତ୍ରକ ଅବସ୍ଥାରେ ଇହଧାମ ତ୍ୟାଗ କରିବାରୁ ଇଷ୍ଟଇଣ୍ଡିଆ କମ୍ପାନୀ ତାଙ୍କର ତତ୍‌କାଳୀନ ନୀତି ଅନୁସାରେ ସେହି ରାଜ୍ୟକୁ ନିଜ ଦଖଲକୁ ନେଇଗଲେ । ତା ଫଳରେ ଗଙ୍ଗାଧର ରାଓଙ୍କ ବିଧବା ପତ୍ନୀ ଲକ୍ଷ୍ମୀବାଈଙ୍କ ପ୍ରାଣରେ ଯେଉଁ ପ୍ରତିହିଂସାର ବହ୍ନି ଜଳି ଉଠିଲା, ଏବ

Digitized by srujanika@gmail.com

ଯେପରି ଦେଶବାସୀଙ୍କର ହୃଦୟରେ ତାହା ପ୍ରକାଶ ପାଇଲା, ଭାରତବାସୀଙ୍କ ସମଗ୍ର ପୃଥିବୀର ନାରୀତ୍ୱର ଇତିହାସରେ ତାହା ଏକ ଗୌରବମୟ ଅଧ୍ୟାୟ ହୋଇ ରହିବ ।

ସ୍ୱାମୀଙ୍କର ବିୟୋଗ ସମୟରେ ରାଣୀ ଲକ୍ଷ୍ମୀବାଈଙ୍କର ବୟସ ମୋଟେ ତେଇଶବର୍ଷ ହୋଇଥିଲା । ତାଙ୍କ ସ୍ୱାମୀ ଗଙ୍ଗାଧର ରାଓ ଜଣେ ଆଦର୍ଶ ନରପତି ଥିଲେ । ତାଙ୍କର ରାଜତ୍ୱ କାଳରେ ଝାନ୍‌ସି-ରାଜ୍ୟର ବହୁତ ଉନ୍ନତି ଘଟିଥିଲା ଓ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳ କାଟୁଥିଲେ । ରାଓଙ୍କ ଆକସ୍ମିକ ମୃତ୍ୟୁ ପରେ ପ୍ରଜାସାଧାରଣ କମ୍ପାନୀ ରାଜତ୍ୱ ଆଦୌ ପସନ୍ଦ ନଥିଲେ । ତରୁଣୀ ରାଣୀ ଲକ୍ଷ୍ମୀବାଈ ତେଣୁ ଦାମୋଦର ନାମକ ବାଳକକୁ ପୋଷ୍ୟପୁତ୍ରରୂପେ ଗ୍ରହଣ କରି, ତାର ନାମରେ ରାଜ୍ୟଶାସନ କରିବାର ସ୍ଥିର କରିଥିଲେ । କିନ୍ତୁ କମ୍ପାନୀ ସେ ସିଦ୍ଧାନ୍ତ ଗ୍ରହଣ କଲେ ନାହିଁ ।

ଠିକ୍ ଏହି ସମୟରେ ଇଂରେଜମାନଙ୍କର ରାଜ୍ୟଦଖଲ ନୀତି ଫଳରେ ଓ ଅନ୍ୟାନ୍ୟ ଅନେକ କାରଣ ଯୋଗୁଁ ଭାରତର ବିଭିନ୍ନଅଞ୍ଚଳେ ଗଭୀର ଅସନ୍ତୋଷ ଦେଖା ଦେଇଥିଲା । ଫଳରେ ପେଶବା ନାନା-ସାହେବଙ୍କ ନେତୃତ୍ୱରେ ୧୮୫୭ର ପ୍ରସିଦ୍ଧ ସିପାହୀ ବିଦ୍ରୋହ ଜାଗି ଉଠିଲା । ଭାରତବର୍ଷରେ ଇଂରେଜରାଜାର ଆସନ ଟଳମଳ ହେବାକୁ ଲାଗିଲା । ବିଦ୍ରୋହୀମାନେ ଦିଲ୍ଲୀ ଆକ୍ରମଣ ଓ ଦଖଲ କରି ଦିଲ୍ଲୀର ଲାଲକିଲ୍ଲାରେ ବୃଦ୍ଧ ମୋଗଲ ସମ୍ରାଟ ଦ୍ୱିତୀୟ ବାହାଦୁର ସାହାଙ୍କୁ ହିନ୍ଦୁସ୍ଥାନର ବାଦଶାହ ବୋଲି ଘୋଷଣା କରିଦେଲେ ।

ରାଣୀ ଲକ୍ଷ୍ମୀବାଈ ଏହି ବିଦ୍ରୋହକୁ ଲକ୍ଷ୍ୟ ପ୍ରଦାନ କଲେ । ନିଜ ରାଜ୍ୟରେ ସେ ଏପରି ଜନପ୍ରିୟ ଥିଲେ ଯେ, ତାଙ୍କର ସକଳ ଶ୍ରେଣୀର ପ୍ରଜାମାନେ ଫିରିଙ୍ଗି ବିରୁଦ୍ଧରେ ଲଢ଼ିବା ପାଇଁ

Digitized by srujanika@gmail.com

ତାଙ୍କୁ କଥା ହେଲେ । ଯୁଦ୍ଧ ଆରମ୍ଭ ହୋଇଗଲା । ଝାନ୍ସିରୁ ଇଂରେଜ ରାଜତ୍ୱର ସକଳ ଚିହ୍ନ ଲୋପ କରି ଦିଆଗଲା । ତରୁଣୀ ରାଣୀ ଲକ୍ଷ୍ମୀବାଈ ସ୍ୱାଧୀନ ଝାନ୍ସିର ରାଣୀ ହୋଇ ରାଜ୍ୟ ପରିଚାଳନା କଲେ ।

ସମଗ୍ର ଭାରତରେ ବିଦ୍ରୋହ ଦମନ ପାଇଁ କମ୍ପାନୀ ଯେଉଁ ବିରାଟ ଅଭିଯାନ ଆରମ୍ଭ କରିଥିଲେ, ଝାନ୍ସି ତାର ଏକ ପ୍ରଧାନ ଘାଟି ଥିଲା । ତେଣୁ ୧୮୫୮ର ଗ୍ରୀଷ୍ମକାଳରେ ସର୍ ହିଉରୋଜ

ଲକ୍ଷ୍ମୀବାଈ

ନାମକ ଇଂରେଜ ସେନାପତିଙ୍କ ଅଧିନାୟକତ୍ୱରେ ଏକ ସୁଶିକ୍ଷିତ ଓ ସୁସଜ୍ଜିତ ଇଂରେଜ ବାହିନୀ ଝାନ୍ସି ଦୁର୍ଗ ଆକ୍ରମଣ କଲେ । ଜନ୍ମ-ମାଟିରୁ ବିଦେଶୀଙ୍କୁ ତଡ଼ିବାର ଉତ୍ତେଜନାରେ ଝାନ୍ସି ଦୁର୍ଗ ଓ

Digitized by srujanika@gmail.com

ନଗର ଅନୁପ୍ରାଣିତ ହୋଇ ଉଠିଲା । ପୁରୁଷବେଶ ପରିଧାନ କରି ଅଶ୍ୱାରୋହଣୀ ରାଣୀ ଲକ୍ଷ୍ମୀବାଈ ବିଦ୍ୟୁତ ପରି ଗୃହଆଡ଼େ ଘୁରି ଘୁରି ସୈନ୍ୟ ଓ ତୋପସମାବେଶ ପର୍ଯ୍ୟବେକ୍ଷଣ କରୁଥାନ୍ତି ଓ ଉତ୍ସାହ ବାଣୀରେ ସୈନ୍ୟ ଓ ସେନାପତିମାନଙ୍କୁ ପ୍ରୋତ୍ସାହିତ କରି ରଖୁଥାନ୍ତି । ତାଙ୍କର ଆଦର୍ଶ ଓ ଉତ୍ସାହ ଫଳରେ ଝାନ୍‌ସିର ନାରୀମାନେ ମଧ୍ୟ ସୈନିକମାନଙ୍କୁ ତୋପବନ୍ଧୁକ ସଜେଇ ରଖିବାରେ ଓ ଅନ୍ୟାନ୍ୟ ଆବଶ୍ୟକ ସାମରିକ କର୍ମରେ ଅକ୍ଲାନ୍ତଭାବରେ ସାହାଯ୍ୟ କରୁଥାନ୍ତି ।

କ୍ଷୁଦ୍ର ଦୁର୍ଗ ଝାନ୍‌ସି ସୁଶିକ୍ଷିତ ଇଂରେଜବାହିନୀକୁ ପ୍ରାୟ ଦଶଦିନ କାଳ ଅଟକାଇ ରଖିଲା । ଇଂରେଜମାନେ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦୁର୍ଗର ଜଳ ଭଣ୍ଡାରକୁ ଚିହ୍ନଟ କରି ପାରି ତୋପ ସାହାଯ୍ୟରେ ନଷ୍ଟ କରିଦେଲେ । ଇଂରେଜ ମାନଙ୍କୁ ସିନ୍ଧିଆ ପ୍ରଭୃତି ମଧ୍ୟ ଭାରତୀୟ ରାଜାମାନେ ଖାଦ୍ୟ ଓ ସୈନ୍ୟ ସାହାଯ୍ୟ କରିବାରୁ ସେମାନଙ୍କର ଅଭାବ କିଛି ରହିଲା ନାହିଁ । ଏଣେ କ୍ଷୁଦ୍ର ଝାନ୍‌ସିରେ ଜଣେ ସେନାପତି ପ୍ରାଣ ହରାଇଲେ । ତାର ସ୍ଥାନ ପୂରଣ କରିବାକୁ ଦ୍ୱିତୀୟ ବ୍ୟକ୍ତି ନ ଥିଲେ । ତେଣୁ ଝାନ୍‌ସିର ପତନ ଅବଶ୍ୟମ୍ଭାବୀ ହୋଇ ଉଠିଲା ।

ଯୁଦ୍ଧବେଳେ ନିଜର ପ୍ରିୟ ଅଶ୍ୱରେ ଆରୋହଣ କରି ଓ ଦୁଇ ପାର୍ଶ୍ୱରେ ମନ୍ଦାର ଓ କାଶୀନାମ୍ନୀ ଦୁଇଟି ସମରବିଳାସିନୀ ଅଶ୍ୱାରୋହଣୀ ପରିଚାରିକାଙ୍କୁ ରଖି ରାଣୀ ଲକ୍ଷ୍ମୀବାଈ "ଫେରିଙ୍ଗିକୋ ମାରୋ" ଏଇ ଉତ୍ତେଜନାମୟୀ ବାଣୀରେ ସୈନିକମାନଙ୍କର ମୁମୂର୍ଷୁ ଉତ୍ସାହକୁ ଜୀବନ୍ତ ଓ ଜ୍ୱଳନ୍ତ କରି ରଖୁଥାନ୍ତି । କିନ୍ତୁ ଯେତେବେଳେ ସେ ଦେଖିଲେ ଯେ ଆଉ ଦୁର୍ଗ ରକ୍ଷା ହେବ ନାହିଁ, ତାଙ୍କର ବିଶ୍ୱସ୍ତ ଜଣେ ହିନ୍ଦୁ ଓ ଜଣେ ମୁସଲମାନ ସେନାପତି ଇଂରେଜ ଗୋଳାରେ ପ୍ରାଣ

Digitized by srujanika@gmail.com

ହରାଇଲେ, ସେତେବେଳେ ବୃଦ୍ଧ ସର୍ଦ୍ଦାରମାନଙ୍କର ଉପଦେଶରେ ସେ ଝାନ୍‌ସି ପରିତ୍ୟାଗ କରିବାର ସ୍ଥିର କଲେ ।

ଇଂରେଜ ସୈନ୍ୟ ଝାନ୍‌ସିର ଏକ ଫାଟକ ଦେଇ ଯେତେ-ବେଳେ ପଶିବାକୁ ଆରମ୍ଭ କଲେ, ରାଣୀ ଲକ୍ଷ୍ମୀ ସାଥିରେ ମନ୍ଦାର ଓ କାଶୀ ଏବଂ ଦଶ ବାରଟି ବିଶ୍ୱସ୍ତ ଘୋଡ଼ସବାର ସୈନିକଙ୍କୁ ଧରି ଅନ୍ୟ ଫାଟକ ଦେଇ 'ହର ହର ମହାଦେବ' ଏହି ମହାରାଷ୍ଟ୍ରୀୟ ସାମରିକ ଆହ୍ୱାନରେ ଦିଗନ୍ତ ମୁଖରିତ କରି ପ୍ରିୟ ଝାନ୍‌ସିକୁ ସାଶ୍ରୁନୟନରେ ପରିତ୍ୟାଗ କଲେ । କିନ୍ତୁ ଶତ୍ରୁ ପଳାଇଛନ୍ତି ଜାଣିପାରି ଜଣେ ଇଂରେଜ କାପ୍‌ଟେନ୍ କେତେକ ଅଶ୍ୱାରୋହୀ ସୈନିକଙ୍କୁ ନେଇ ସେମାନଙ୍କର ପଶ୍ଚାଦ୍ଧାବନ କଲେ ।

ତାଙ୍କର ପ୍ରିୟ ଅଶ୍ୱ ଉପରେ ରାଣୀ ନିଜେ ଓ ତାଙ୍କ କୋଳରେ ପୋଷ୍ୟପୁତ୍ର ବାଳକ ଦାମୋଦର । ହସ୍ତରେ ତାଙ୍କର ଜାଜ୍ୱଲ୍ୟମାନ ମୃତ୍ୟୁର ରସନାସ୍ୱରୂପ ତରବାରି । ଶରୀର ବର୍ମାଚ୍ଛାଦିତ । ବୀର କ୍ଷତ୍ରିୟକୁମାରୀ ନିକଟତମ ସାମନ୍ତରାଜ୍ୟ ଯେଉଁଠାରେ ସେ ଦାମୋଦରକୁ ରଖାଇ ଦେଇ ପାରିବେ ତାରି ଲକ୍ଷ୍ୟରେ ଧାଇଁଛନ୍ତି । ପଛରେ ଶତ୍ରୁର ଅଶ୍ୱକ୍ଷୁରୋତ୍ଥିତ ଧୂଳିପଟଳ ଦେଖା ଦେଲାଣି । ରାଣୀ ଓ ତାଙ୍କର ସଙ୍ଗୀବର୍ଗ ପ୍ରାଣମୂର୍ଚ୍ଛା ଧାଇଁଛନ୍ତି । ହଠାତ୍ ଚିତ୍କାର ଶୁଭାଗଲା "ବାଈ ସାହେବା ମୁଁ ମଲି ।" ଲକ୍ଷ୍ମୀବାଈ ପଛକୁ ଫେରି ଦେଖିଲେ ଯେ ବର୍ବର ଶ୍ୱେତାଙ୍ଗର ଅସ୍ତ୍ରାଘାତରେ ତାଙ୍କର ବିଶ୍ୱସ୍ତା ପରିଚାରିକା ମନ୍ଦାର ତଳେ ପଡ଼ି ଗଲାଣି । ରାଣୀ ଲେଉଟିଲେ । ଯୁଦ୍ଧ ହେଲା । ରାଣୀଙ୍କର ଅସ୍ତ୍ର ମନ୍ଦାର-ମୃତ୍ୟୁର ପ୍ରତିହିଂସା ନେଇ ଶ୍ୱେତାଙ୍ଗ କାପ୍‌ଟେନକୁ ଭୂତଳଶାୟୀ କଲାପରେ ସେ ଓ ତାଙ୍କର ସଙ୍ଗୀମାନେ ପୁଣି କ୍ଷିପ୍ର ଗତିରେ ପଳାୟନ କରିବାକୁ ଲାଗିଲେ ।

Digitized by srujanika@gmail.com

ତିନିଶ କୋଶ ଅଶ୍ୱାରୋହଣରେ ଯାତ୍ରାକରି ଶେଷରେ ରାଣୀଙ୍କର ଦଳ ଗ୍ୱାଲିୟରର ଦୁର୍ଗରେ ଆଶ୍ରୟ ନେଲେ । ଗ୍ୱାଲିୟରର ପ୍ରଜାମାନଙ୍କ ମନରେ ଅପୂର୍ବ ଉତ୍ସାହ ଖେଳିଗଲା । ରାଣୀ ସେହିଠାରେ ଇଂରେଜ ମାନଙ୍କ ପ୍ରତିରୋଧ ପାଇଁ ପୁଣି ସଜବାଜ ହେଲେ ।

ଭାରତର ଅନ୍ୟାନ୍ୟ ବିଦ୍ରୋହ ଦମନ କରି ସାରି ଇଂରେଜ ବର୍ତ୍ତମାନ ତାଙ୍କର ସମଗ୍ର ଶକ୍ତି ଗ୍ୱାଲିୟର ଦୁର୍ଗ ଉପରେ ପ୍ରୟୋଗ କଲେ । ଘୋର ସଂଗ୍ରାମ ହେଲେ ମଧ୍ୟ କେତେକ ସେନାପତିଙ୍କ ବିଶ୍ୱାସ-ଘାତକତା ଫଳରେ ଏଠାରେ ମଧ୍ୟ ବିଦ୍ରୋହୀମାନେ ଭୀଷଣ ଭାବରେ ପରାଜିତ ହେଲେ । ରାଣୀ ଲକ୍ଷ୍ମୀବାଈ ସେଠାରୁ ଚାଲି ଯାଇ ଅନ୍ୟାନ୍ୟ ଇଂରେଜ ବିରୁଦ୍ଧରେ ଯୁଦ୍ଧାୟୋଜନ କଳ୍ପନା କରି ପଳାଇ ଯାଉଥିବା ସମୟରେ ଗୋଟିଏ ନଈ କୂଳରେ ଇଂରେଜମାନଙ୍କ ଦ୍ୱାରା ପରିବୃତ୍ତ ହୋଇ ପଡ଼ିଲେ । ତାଙ୍କର ପୂର୍ବର ପ୍ରିୟ ଅଶ୍ୱଟି ଇତିମଧ୍ୟରେ ମରି ଯାଇଥିଲା । ନୂତନ ଅଶ୍ୱଟି ସେତେ ପ୍ରବୀଣ ନ ଥିଲା । ରାଣୀ ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କର ଅଶ୍ୱ ଛୋଟ ନଈଟିକୁ ଅତିକ୍ରମ କରି ଯିବା ପାଇଁ ଲମ୍ଫ ପ୍ରଦାନ କଲା ନାହିଁ । ବର୍ବର ଶ୍ୱେତାଙ୍ଗର ଅସ୍ତ୍ରାଘାତରେ ତାଙ୍କର ମସ୍ତକର ଏକ ପାଖ ଓ ଆଖି ଏକାବେଳେକେ ନଷ୍ଟ ହୋଇଗଲା । ତଥାପି ସେ ଯୁଦ୍ଧ କରୁଥାନ୍ତି । ଶେଷରେ ସେ ଅଚେତନ ହୋଇ ତଳେ ପଡ଼ି ଗଲେ । ମୃତପ୍ରାୟ ଜାଣି ଇଂରେଜମାନେ ତାଙ୍କୁ ଛାଡ଼ି ଚାଲିଗଲେ ।

ରାଣୀଙ୍କର ସାଥୀମାନେ ତାଙ୍କର ମୁମୂର୍ଷୁ ଦେହକୁ ନିକଟବର୍ତ୍ତୀ ଏକ କୃଷକ କୁଟୀରକୁ ନେଇଗଲେ । ସେଇଠାରେ ମାତ୍ର ୨୩ ବର୍ଷ ବୟସରେ ଏହି ଗୌରବଶାଳିନୀ ସ୍ୱାଧୀନତାପିପାସୁ ବୀର ଭାରତୀୟ ଲଳନା ପ୍ରାଣତ୍ୟାଗ କଲେ ।

ରାଣୀ ଲକ୍ଷ୍ମୀବାଈ ଝାନ୍ସି ଫେରି ପାଇଲେ ନାହିଁ ସତ୍ୟ, କିନ୍ତୁ ସ୍ୱାଧୀନତାର ସହୃଦ ଭାବରେ ଯେଉଁ କୀର୍ତ୍ତି ରଖି ଯାଇଛନ୍ତି, ତାହା

Digitized by srujanika@gmail.com

କ୍ଷୁଦ୍ର ଝାନ୍‌ସିଠାରୁ ଅତି ବଡ଼ । ଇଂରେଜ ସେନାପତିମାନେ ମୁକ୍ତକଣ୍ଠରେ କହିଅଛନ୍ତି ଯେ, ସିପାହୀ ବିଦ୍ରୋହର ନେତାମାନଙ୍କ ଭିତରେ ଝାନ୍‌ସିର ରାଣୀହିଁ ଥିଲେ ବୀରୋତ୍ତମ ଓ ନରୋତ୍ତମ ।

ଭାରତର ପ୍ରତ୍ୟେକ ବାଳିକାର ପ୍ରାଣରେ ଝାନ୍‌ସିର ରାଣୀ ଲକ୍ଷ୍ମୀବାଈ ଆଦର୍ଶ ନାରୀ ରୂପେ ପ୍ରତିଷ୍ଠିତା ରହନ୍ତୁ । ତାଙ୍କରି ପରି ସେମାନେ ଦେଶର ଶତ୍ରୁ ବିରୁଦ୍ଧରେ ଅକୁତୋଭୟରେ ପ୍ରାଣ ଦେବାକୁ ଶିକ୍ଷିତ ଓ ପ୍ରସ୍ତୁତ ହୁଅନ୍ତୁ ।

—ପ୍ରଶ୍ନ—

(କ) ୧ । ମାନଚିତ୍ରରେ ଝାନ୍‌ସି ଦେଖାଅ ।

୨ । ଇଷ୍ଟଇଣ୍ଡିଆ କମ୍ପାନୀ କହିଲେ କଅଣ ବୁଝ ? କମ୍ପାନୀ କାହିଁକି ଝାନ୍‌ସି ଦଖଲ କଲେ ?

୩ । ଲକ୍ଷ୍ମୀବାଈ କାହିଁକି ସିପାହୀ ବିଦ୍ରୋହରେ ଯୋଗ ଦେଲେ ?

୪ । ଝାନସିକୁ ସ୍ୱାଧୀନ କରିବାରେ ତଥା ସିପାହୀ ବିଦ୍ରୋହରେ ରାଣୀ ଲକ୍ଷ୍ମୀବାଈ କିପରି ବୀରତ୍ୱ ପ୍ରଦର୍ଶନ କରିଥିଲେ ବର୍ଣ୍ଣନ କର ।

(ଖ) ୧ । ବି ଉପସର୍ଗ ଯୁଜ୍ ଧାତୁରୁ ଅ ପ୍ରତ୍ୟୟ = ବିୟୋଗ । ଯୁଜ୍ ଧାତୁ ନିଷ୍ପନ୍ନ ଏହିପରି ୪ଟି ଶବ୍ଦ ଲେଖ ।

୨ । ଅଶ୍ୱାରୋହଣୀ, ପର୍ଯ୍ୟବେକ୍ଷଣ, ବର୍ମାଚ୍ଛାଦିତ, ନୀରସ— ଏଗୁଡ଼ିକର ସନ୍ଧିବିଚ୍ଛେଦ କର ।

୩ । ଆକସ୍ମିକ, ଗୌରବମୟ, ସାମୟିକ, ଅବଶ୍ୟମ୍ଭାବୀ, ମୁମୂର୍ଷୁ, ଜ୍ୱଳନ୍ତ—ପ୍ରତ୍ୟେକ ଶବ୍ଦକୁ ବାକ୍ୟରେ ବ୍ୟବହାର କର ।

Digitized by srujanika@gmail.com

ରାମକୃଷ୍ଣ ଉପଦେଶାମୃତ

କଲିକତା ସହରର ଦୁଇକୋଶ ଉତ୍ତରକୁ ଗଙ୍ଗାନଦୀ କୂଳରେ ଦକ୍ଷିଣେଶ୍ୱର ବୋଲି ଗୋଟିଏ ଗ୍ରାମ ଅଛି । ଏହି ଛୋଟ ଗ୍ରାମଟି ଜଣେ ମହାପୁରୁଷଙ୍କ ସଙ୍ଗ ପ୍ରଭାବରୁ ଆଜି ବିଶ୍ୱ-ବିଖ୍ୟାତ ହୋଇ ପାରିଛି । ଏହି ସ୍ଥାନରେ ଏକ କାଳୀ ମନ୍ଦିରରେ ଗଦାଧର ବୋଲି ଜଣେ ତରୁଣ ବଙ୍ଗାଳୀ ବ୍ରାହ୍ମଣଙ୍କୁ ମନ୍ଦିରର ମାଲିକ ଦାଅଁଙ୍କର ପୂଜାରୀ ଭାବରେ ନିଯୁକ୍ତ କରିଥିଲେ । ଗଦାଧର ଏକ ପ୍ରକାର ନିରକ୍ଷର ଥିଲେ । କିନ୍ତୁ କୌଳିକ ପ୍ରଥାରେ ହିନ୍ଦୁ ଦେବଦେବୀଙ୍କ ପୂଜା ପାଇଁ



ରାମକୃଷ୍ଣ ପରମହଂସ

ଯାହା ମନ୍ତ୍ରତନ୍ତ୍ର ଦରକାର ତାହା ସେ ଜାଣିଥିଲେ । ପୂଜାରୀ ଭାବରେ ଦାଅଁଙ୍କ ପୂଜା କରୁ କରୁ ସେ ମୃଣ୍ମୟୀ ପ୍ରତିମା ପଛରେ ପ୍ରକୃତ ଯେଉଁ ଚିନ୍ମୟୀ ଜଗନ୍ମାତା ଅଛନ୍ତି, ତାଙ୍କୁ ଦେଖିବା ପାଇଁ ପାଗଳ ପରି

Digitized by srujanika@gmail.com

ହେଲେ । ଦୀର୍ଘ ଐକାନ୍ତିକ ସାଧନାରେ ସେ ଜଗଜ୍ଜନନୀଙ୍କର ସାକ୍ଷାତ୍-କାର ପାଇ ସେହି ନିରକ୍ଷର ପୂଜାରୀ ବ୍ରାହ୍ମଣ ମହାଯୋଗୀ ରାମକୃଷ୍ଣ ପରମହଂସରେ ପରିଣତ ହେଲେ । ସେହି ନାମରେ ସେ ବର୍ତ୍ତମାନ ସମଗ୍ର ଜଗତରେ ପରିଚିତ ଓ ସମ୍ମାନିତ । ତାଙ୍କ ଯୋଗୁଁ ସାମାନ୍ୟ ଦକ୍ଷିଣେଶ୍ୱର ଗ୍ରାମକୁ ଏବେ ପୃଥିବୀର ସର୍ବାଞ୍ଚଳରୁ ଭକ୍ତ ଓ ପଣ୍ଡିତ-ମାନେ ତୀର୍ଥଯାତ୍ରା କରି ଆସୁଛନ୍ତି ।

ରାମକୃଷ୍ଣ ନିରକ୍ଷର ଥିଲେହେଁ ସାଧନାବଳରେ ତାଙ୍କର ଆଧ୍ୟାତ୍ମିକ ଜ୍ଞାନ ଏପରି ବିସ୍ମୟକର ଭାବରେ ଉପଲବ୍ଧି ହୋଇଥିଲା ଯେ ବଡ଼ ବଡ଼ ପଣ୍ଡିତମାନେ ତାଙ୍କଠୁ ଗୂଢ଼ ଶାସ୍ତ୍ରର ବ୍ୟାଖ୍ୟା ଶୁଣିବାକୁ ଆସୁଥିଲେ । ସେ ନିଗୂଢ଼ ତତ୍ତ୍ୱ ସବୁକୁ ନିଜର ଖାଣ୍ଟି ଗାଉଁଲି ଭାଷାରେ ଛୋଟ ଛୋଟ ଗପ ସାହାଯ୍ୟରେ ଏପରି ସରଳ, ସୁନ୍ଦର କରି ବୁଝାଇ ଦେଉଥିଲେ ଯେ, ଶୁଣିବା ଲୋକେ ମୁଗ୍ଧ ଓ ଚମତ୍କୃତ ହୋଇ ଯାଉଥିଲେ । ନିମ୍ନରେ ତାଙ୍କର ଅମୃତୋପମ ଉପଦେଶରୁ କେତୋଟି ଦିଆଗଲା ।

ଅବତାର

ଦିନେ ଜଣେ ଭକ୍ତ ଜନୈକ ଖ୍ରୀଷ୍ଟାନ ବନ୍ଧୁଙ୍କୁ ସାଥିରେ ନେଇ ରାମକୃଷ୍ଣଙ୍କ ନିକଟକୁ ଆସିଲେ । ଭକ୍ତ ତାଙ୍କର ବନ୍ଧୁ ଯେ ଖ୍ରୀଷ୍ଟ-ଉପାସକ ଏକଥା କହିବାମାତ୍ରେ ରାମକୃଷ୍ଣ ଭାବବିହ୍ୱଳ ହୋଇ କହି ଉଠିଲେ “ଓଃ ଖ୍ରୀଷ୍ଟ ! ଖ୍ରୀଷ୍ଟ ! ତାଙ୍କ ପଦତଳେ ବାରମ୍ବାର ନମସ୍କାର !” ଖ୍ରୀଷ୍ଟୀୟ ଭଦ୍ରଲୋକ ଜଣେ ନିରକ୍ଷର ହିନ୍ଦୁ ସାଧୁଙ୍କ ନିକଟରୁ ଏପ୍ରକାର ଉଦାର ଭାବ ଆଦୌ ଆଶା କରି ନଥିଲେ । ସେ ବିସ୍ମିତ ହୋଇ ପଚାରିଲେ “ଆପଣ ଯୀଶୁଖ୍ରୀଷ୍ଟଙ୍କୁ ମାନନ୍ତି ? କାହିଁକି ?”

Digitized by srujanika@gmail.com

ରାମକୃଷ୍ଣ ଉତ୍ତର ଦେଲେ "ମାନିବନି ? ସେ ଯେ ଈଶ୍ୱରଙ୍କ ଅବତାର !"

ହିନ୍ଦୁଭକ୍ତ ପଚାରିଲେ "ସେ କିପରି ଈଶ୍ୱରଙ୍କ ଅବତାର ।"

ରାମକୃଷ୍ଣ କହିଲେ "ଈଶ୍ୱରଙ୍କର ବହୁ ଅବତାର । କାହିଁକି କ'ଣ ଜାଣିଛ ? ମୁଁ ଶୁଣିଛି କୌଣସି କୌଣସି ସ୍ଥାନରେ ଜଳହିଁ ଘନୀଭୂତ ହୋଇ ବରଫ ହୋଇଯାଏ । ସେହିପରି ଦରକାର ଅନୁସାରେ କୌଣସି କୌଣସି ସ୍ଥଳରେ ଐଶ୍ୱରିକ ଶକ୍ତି ବିଶେଷଭାବରେ ପ୍ରକାଶ ଲାଭ କରେ । ତାହାହିଁ ଅବତାର । ଈଶ୍ୱରଙ୍କ ମହିମା ଅସୀମ । ସେ କେଉଁଠାରେ କିପାଇଁ କିପରି ନିଜକୁ ପ୍ରକାଶ କରନ୍ତି, ତାହା କିଏ କହିବ ?

ନିରାସକ୍ତ ଭାବ

"ବଡ଼ଲୋକ ସବୁ ତାଙ୍କର ଘର ବଗିଚା ବୁଝାଶୁଝା କରିବାପାଇଁ ଗୁମାସ୍ତା ରଖିଥାନ୍ତି । କୌଣସି ଲୋକ ସେସବୁ ଦେଖିବାକୁ ଗଲେ ଗୁମାସ୍ତା ଅହମିକା ସହ ଚାରିଆଡ଼େ ବୁଲାଇ ଏଇପରି କହନ୍ତି—"ଏଇ ସବୁ ଆମର ବଗିଚା । ଏଇ ଆମର ପୋଖରୀ । ତା କୂଳେ ଯେତେ ନଡ଼ିଆଗଛ, ସେ ସବୁ ଆମର ! ଘର ଭିତରକୁ ଆସନ୍ତୁ । ଏ ଆସବାବ୍ ଉପକରଣ, ଏ ସମସ୍ତ ଘର ଆମର ।"

ହୁଏତ ସେହି ଗୁମାସ୍ତା ଯେ ବାବୁଙ୍କ ଘର ଓ ସମ୍ପତ୍ତିକୁ 'ଆମର' 'ଆମର' କହୁଛି ସେ ବାବୁଙ୍କ ଦ୍ୱାରା ସେହିଦିନହିଁ ବରଖାସ୍ତ ହୋଇପାରେ । ତାର ସାମାନ୍ୟ ଜିନିଷପତ୍ର ବା ଲୁଗାପଟା ବାନ୍ଧିବାକୁ ହୁଏତ ତାକୁ ସମୟ ମିଳି ନପାରେ ।

ଏ ପୃଥିବୀ ଭଗବାନଙ୍କର । ଏଠାରେ ଯାହା କିଛି ଅଛି ବା ଘଟୁଛି ସବୁ ତାଙ୍କର କୃପା । କିନ୍ତୁ ମନୁଷ୍ୟ ସବୁବେଳେ 'ମୋର'

Digitized by srujanika@gmail.com

'ମୋର' କହି ଈଶ୍ୱରଙ୍କୁହିଁ ଭୁଲିଯାଉଛନ୍ତି । ତାଙ୍କୁ ଯେ, ଯେ କୌଣସି ମୁହୂର୍ତ୍ତରେ ଏଇ ସଂସାରରୁ ବିଦାୟ ନେବାକୁ ହେବ, ଏ କଥା ସେ ଭୁଲିଯାଏ । ସଂସାରରେ ତେଣୁ ନିରାସକ୍ତ ଭାବରେ ଚଳିବ । କୌଣସି ବିଷୟରେ ଅହଙ୍କାର ରଖିବ ନାହିଁ ।"

ନିଜ ଭିତରେ ଈଶ୍ୱର

ଅନ୍ଧାରରେ ଗୋଟିଏ ଗାଉଁଲି ଲୋକର ନିଦ ଭାଙ୍ଗିଗଲା । ସେ ସେତେବେଳେ ଟିକିଏ ପିକା ଟାଣିବାକୁ ଇଚ୍ଛା କଲା । ତେଣୁ ସେ ଲଣ୍ଠନ ଜାଳି, ତାକୁ ହାତରେ ଧରି ପଡ଼ଶା ଘରକୁ ଉଠାଇଲା । ସେମାନେ ନିଦରୁ ଉଠି କାରଣ ପଚାରିଲେ । ଲୋକଟି କହିଲା ଯେ ସେ ପିକା ଖାଇବ । ତେଣୁ ଟିକିଏ ନିଆଁ ମାଗି ଆସିଛି । ପ୍ରତିବେଶୀ ଏ କଥା ଶୁଣି ଆଶ୍ଚର୍ଯ୍ୟ ହେଲେ । ସେ କହିଲେ 'ତୁ କଣ ପାଗଳ ହେଲୁଣି ? ତୋ' ହାତରେ ପରା ଆଲୁଅ ଜଳୁଛି ? ତାକୁ ଲଗାଇଲୁ କିପରି ? ତୋ ହାତରେତ ନିଆଁ ଅଛି, ଏଠିକି ମାଗି ଆସିଛୁ କାହିଁକି ?' ଲୋକଟି ଲଜ୍ଜିତ ହୋଇ ଫେରିଗଲା ।

ଲୋକେ ପୁଣ୍ୟାର୍ଜନ ପାଇଁ ନାନା ତୀର୍ଥକୁ ଧାଆଁନ୍ତି, ନାନା ଦାନ ଧର୍ମ କରନ୍ତି । କିନ୍ତୁ ସେସବୁର କି ଦରକାର ? ଈଶ୍ୱର ଆମ ସମସ୍ତଙ୍କର ଅନ୍ତରରେ ବିଦ୍ୟମାନ । ଚିତ୍ତକୁ ନିଷ୍ପାପ, ନିର୍ମଳ କଲେ ଓ ସଂସାରର ଆସକ୍ତି ଛାଡ଼ି ଅନ୍ତରରେ ତାଙ୍କୁ ଦେଖିବାକୁ ଗଲେ— ନରରେ ନାରାୟଣ ଜ୍ଞାନ ସ୍ଥିର ହେଲେ, ନିଶ୍ଚୟ ତାଙ୍କୁ ପାଇହେବ । ଚିତ୍ତ ଯାର ପବିତ୍ର ଓ ନିର୍ମଳ ନାହିଁ ସେ ସହସ୍ର ତୀର୍ଥ ବୁଲି ଆସିଲେ ଲାଭ କ'ଣ ?"

—ପ୍ରଶ୍ନ—

(କ) ୧ । ଗଦାଧର କିପରିଭାବେ ରାମକୃଷ୍ଣ ପରମହଂସ ରୂପେ ପରିଚିତ ହେଲେ ?

Digitized by srujanika@gmail.com

୨ । ପରମହଂସ 'ଅବତାର' ଓ 'ନାସ୍ତିକଭାବ' ଉଦାହରଣ ଛଳରେ କିପରି ଶିକ୍ଷା ଦେଇଛନ୍ତି, ସରଳଭାଷାରେ ବ୍ୟକ୍ତ କର ।

୩ । 'ମୃଣ୍ମୟୀ ପ୍ରତିମା ପଛରେ·····ଦେଖିବା ପାଇଁ ପାଗଳ ପରି ହେଲେ ।' ଏହି ଗଦ୍ୟାଂଶର ଭାବ ପୂର୍ବାପର ସମ୍ବନ୍ଧ ରଖି ସରଳ ଭାଷାରେ ପ୍ରକାଶ କର ।

(ଖ) ୧ । ଅଧିମିକା, ନାଡ଼ୁ, ଅମୃତୋପମ— ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର ।

୨ । ସନ୍ଧି ବିଚ୍ଛେଦ କର :—
ଜଗଜ୍ଜନନୀ, ମୃଣ୍ମୟ, ଚିନ୍ମୟ, ନିରକ୍ଷର, ନିଷ୍ପାପ ।

୩ । ସମାସ ବ୍ୟାଖ୍ୟା କରି ସମାସର ନାମ ଲେଖ :—
ଭାବବିହ୍ୱଳ, ନିଷ୍ପାପ, ନିର୍ମଳ ।

ସମୟ ନଷ୍ଟ

କୌଣସି ଗୋଟିଏ ଭଲ କାମ କରିବା ପାଇଁ କାହାକୁ ଅନୁରୋଧ କଲେ ସାଧାରଣତଃ ଉତ୍ତର ମିଳିଥାଏ "ଭାଇ, ମୁଁ ବଡ଼ ବ୍ୟସ୍ତ । ମୋର ସମୟ କାହିଁ ?" କିନ୍ତୁ ଯେଉଁମାନେ ଏପରି ଉତ୍ତର ଦେଇଥାନ୍ତି ସେଇମାନେହିଁ, ଗଳ୍ପଗୁଜବ, ପରଚୁଗୁଲି, ତାସ-ପଶା ଓ ଦିବା ନିଦ୍ରାରେ କେତେ ଯେ ସମୟ ନଷ୍ଟ କରନ୍ତି ତା'ର ହିସାବ କେହି କଲେ, ବିସ୍ମିତ ହେବାକୁ ହୁଅନ୍ତା । କିନ୍ତୁ ସମୟର ସଦ୍‌ବ୍ୟବହାର କରି ଜାଣିଲେ ଅସମ୍ଭବ ସମ୍ଭବ ହୁଏ । ସମୟର ସଦ୍‌ବ୍ୟବହାର, ଧୈର୍ଯ୍ୟ ଓ ଅକ୍ଳାନ୍ତ ପରିଶ୍ରମ ନକରି କେହି କେବେ

Digitized by srujanika@gmail.com

ଜୀବନରେ ବିଶେଷ ସିଦ୍ଧି ଲାଭ କରି ପାରିବ ନାହିଁ । ବ୍ୟବସାୟ କହ, ସାହିତ୍ୟ କହ, ରାଜନୀତି କହ, ପ୍ରତ୍ୟେକ କ୍ଷେତ୍ରରେ ତୁମକୁ ଜୀବନର ପ୍ରଧାନ ଲକ୍ଷ୍ୟ ପ୍ରତି ଦୃଷ୍ଟି ରଖି ପ୍ରତ୍ୟେକ ମୁହୂର୍ତ୍ତ କର୍ମରେ ବିନିଯୋଗ କରିବାକୁ ହେବ ।

ମହାତ୍ମା ଗାନ୍ଧି କେବଳ ଛେଳି ଦୁଧ ପିଇ ବା ଅହିଂସା ପ୍ରଚାର କରି ମହାତ୍ମା ହୋଇ ଯାଇ ନଥିଲେ । ସେ ଯେ ସମଗ୍ର ମାନବ ଜାତିର ଗଭୀର ସମ୍ମାନ ପାଇଥିଲେ, ତାହା ପଛରେ ଥିଲା ତାଙ୍କର ସାଧନା । ଭାରତରେ ବହୁଭାଷା ପ୍ରଚଳିତ । ପ୍ରତ୍ୟେକ ପ୍ରଦେଶର ଲୋକଙ୍କ ସହିତ ତାଙ୍କ ନିଜ ଭାଷାରେ କିପରି କଥା ହୋଇ ପାରିବେ ଏଥିପାଇଁ ବାପୁଜୀ ଜୀବନର ଶେଷ ପର୍ଯ୍ୟନ୍ତ ନାନା ଭାଷା ଶିକ୍ଷା କରୁଥିଲେ । ସେ ମୋଟରେ ଚଉଦଟି ଭାଷା ଶିଖି ପାରିଥିଲେ । ଓଡ଼ିଶାରେ ପଦଯାତ୍ରା କଲାବେଳେ ସେ ଓଡ଼ିଆ ମଧ୍ୟ ଶିଖିବାକୁ ଚେଷ୍ଟା କରିଥିଲେ । ମୃତ୍ୟୁର ଅଳ୍ପ କାଳ ପୂର୍ବେ ସେ ବଙ୍ଗଳା ଶିଖିବାକୁ ଆରମ୍ଭ କରି ବଙ୍ଗଳାରେ କଥା କହି ପାରୁଥିଲେ । ବହୁ ବର୍ଷର କଠୋର ସାଧନାରେ ବାପୁଜୀ ଇଂରାଜୀ ଭାଷାକୁ ଏପରି ଆୟତ୍ତ କରି ପାରିଥିଲେ ଯେ, ସେ ତାଙ୍କର ପବିତ୍ର ଜୀବନ ଓ ନେତୃତ୍ୱ ଯୋଗୁଁ ଯେତିକି ଖ୍ୟାତି ପାଇଥିଲେ, ତାଠାରୁ ଅଳ୍ପ ପ୍ରଶଂସିତ ହେଉ ନଥିଲେ ତାଙ୍କର ମନୋରମ ଇଂରାଜୀ ରଚନା-ଯୋଗୁଁ । ବାପୁଜୀଙ୍କ ଦୈନନ୍ଦିନ କାର୍ଯ୍ୟାବଳୀ ଘଣ୍ଟାର କଣ୍ଟା ପରି ନିୟମିତ ଚାଲୁଥାଏ । ରାତି ତିନିଟାରୁ ସେ ଶଯ୍ୟାତ୍ୟାଗ କରି ରାତି ନ'ଟା ପର୍ଯ୍ୟନ୍ତ କାମରେ ଲାଗିରହୁଥିଲେ । ଯେଉଁ ସଭାକୁ ଯେତେବେଳେ ଯିବାର କଥା, ଠିକ୍ ସେତିକି ବେଳେ ସେଠାରେ ଯାଇ ଉପସ୍ଥିତ ହେଉଥିଲେ । ରେଳରେ ଯାତ୍ରା କରୁଥିଲା ବେଳେ ମଧ୍ୟ ତାଙ୍କର କାର୍ଯ୍ୟ ନିର୍ଘଣ୍ଟ ଯଥାଯଥ ଅନୁସୃତ ହେଉଥାଏ । ଦକ୍ଷିଣ ଆଫ୍ରିକାରେ ଥିଲାବେଳେ ସେ ସେଠାର ନିର୍ଯ୍ୟାତିତ ଭାରତୀୟମାନଙ୍କ ପାଇଁ

Digitized by srujanika@gmail.com

ଏପରି କଠିନ ପରିଶ୍ରମ କରୁଥିଲେ ଯେ, ତାଙ୍କୁ ରାତରେ ଚାରି ଘଣ୍ଟାରୁ ଅଧିକ ସମୟ ଶୋଇବାକୁ ମିଳୁ ନଥିଲା । ସେତେବେଳେ ସେ ଏତେ କାର୍ଯ୍ୟବ୍ୟସ୍ତ ଥାନ୍ତି, ଅଥଚ ସମୟ ପ୍ରତି ଏପରି ନିଷ୍ଠା ଯେ ପ୍ରତ୍ୟହ ଦାନ୍ତ ଘଷିଲା ବେଳେହିଁ ଗୀତାର ଦୁଇ ଚାରିଟି ଶ୍ଳୋକ ମୁଖସ୍ଥ କରୁଥାନ୍ତି ।

ଇଉକ୍ଲିଡ୍ ଜ୍ୟାମିତି ଶାସ୍ତ୍ରର ସ୍ରଷ୍ଟା । ସେ ଗ୍ରୀସର ରାଜଧାନୀ ଏଥେନ୍ସ ସହରର ନାଗରିକ ଥିଲେ । କଥିତ ଅଛି ଯେ ସେ ଯେତେବେଳେ ଜ୍ୟାମିତି ଶାସ୍ତ୍ରର କଠିନ ତତ୍ତ୍ୱ ସବୁ ଆଲୋଚନା କରୁଥାନ୍ତି ସେତେବେଳେ ଏଥେନ୍ସ ସହରରେ ତାଙ୍କୁ ପ୍ରଶଂସା କରିବା ଲୋକ ଦୂରରେ ଥାଉ, ତାଙ୍କୁ ବୁଝିବାର ଦ୍ୱିତୀୟ ଲୋକ ସେ ସହରରେ ନଥିଲା । ତଥାପି ଜ୍ଞାନ ତପସ୍ୱୀ ଇଉକ୍ଲିଡ଼ ନିଜ କାମରେ ଲାଗିଥାନ୍ତି । ଯେତେବେଳେ ସମଗ୍ର ଏଥେନ୍ସ ସହରବାସୀ ଉତ୍ସବରେ ପ୍ରମତ୍ତ ହୋଇ ସହରର ରାସ୍ତାରେ ରାସ୍ତାରେ ବୁଲୁଥିଲେ, ଇଉକ୍ଲିଡ଼ ନିଜ ଘରେ ଦୁଆର ବନ୍ଦ କରି, ଘରର କୋଣରେ ବାଲି ବିଛେଇ ଓ ତା ଉପରେ ଆଙ୍ଗୁଠି ପକାଇ ଜ୍ୟାମିତିର ନୂଆ ସବୁ ଆଙ୍କି ଅଧୁନା ବଣ୍ଡ-ବଣ୍ଡ ନୂଆ ଉପପାଦ୍ୟଗୁଡ଼ିକ ଆବିଷ୍କାର କରିବାରେ ଲାଗିଥାନ୍ତି । ଇଉକ୍ଲିଡ଼ଙ୍କ ପରି ପାଗଳ ହୋଇ କୌଣସି କାମରେ ନ ଲାଗିଲେ ପ୍ରକୃଷ୍ଟ ସିଦ୍ଧି ଅସମ୍ଭବ ।

ସାମନ୍ତ ଚନ୍ଦ୍ରଶେଖରଙ୍କ ଦୃଷ୍ଟାନ୍ତ ମଧ୍ୟ ପ୍ରଣିଧାନଯୋଗ୍ୟ । ଏକେ ଦାରିଦ୍ର୍ୟ, ଦ୍ୱିତୀୟରେ ସବୁବେଳେ ପେଟରେ ଶୂଳ ବେଦନା, ପୁଣି ଋଣଭାର ଓ ବହୁ ପରିବାର । କିନ୍ତୁ ଏ ସବୁକୁ ଭ୍ରୂକ୍ଷେପ ନ କରି କୌଣସି ବିଳାସ ବା ବୃଥା ଆମୋଦରେ ସମୟ ନଷ୍ଟ ନକରି ନିଜ ଘରର ଚାଳକଣା କରି ରାତିପରେ ରାତି ଉନିଦ୍ର ରହି ସେ ନକ୍ଷତ୍ର-ମାନଙ୍କର ଗତିବିଧି ଦେଖୁଥିଲେ । ସେ ଯାହା କରୁଥିଲେ ତାକୁ ବୁଝିବାକୁ ବା ପ୍ରଶଂସା କରିବାକୁ ସେଠାରେ କେହି ନ ଥିଲେ ।

Digitized by srujanika@gmail.com

ଅଥଚ ଅନେକଙ୍କୁ କହିବାର ଶୁଣାଯାଏ "ଏ କାମରୁ ମିଳିବ କ'ଣ ମତେ ? କାହିଁକି କରିଯିବ ? କିଏ ପଗ୍ରୁରିଯିବ ?"

ଫକୀରମୋହନ ଚିରଜୀବଣ ଓ ଦରିଦ୍ର ଥିଲେ । ଜୀବିକା ପାଇଁ ତାଙ୍କୁ ସମଗ୍ର ଜୀବନ ଖାଟିବାକୁ ପଡ଼ୁଥିଲା । ଅଥଚ ସେହି ନିରବଚ୍ଛିନ୍ନ ଜୀବନସଂଗ୍ରାମ ଭିତରେ ସେ କାବ୍ୟ, କବିତା, ଉପନ୍ୟାସ, ଇତିହାସ ପ୍ରଭୃତି ସକଳ ଦିଗରେ ଗ୍ରନ୍ଥମାନ ଲେଖି ନିଜକୁ ବ୍ୟାସକବି ଉପାଧିର ଉପଯୁକ୍ତ କରି ପାରିଛନ୍ତି ।

ୟୁରୋପୀୟମାନେ ଯେ ସର୍ବକର୍ମରେ ସିଦ୍ଧକାମ ତାହାର ଏକମାତ୍ର କାରଣ ହେଉଛି ସମୟର ସଦ୍‌ବ୍ୟବହାର । ସେମାନେ ଏକ ମିନିଟ୍ ସମୟ ନଷ୍ଟ କରନ୍ତି ନାହିଁ ଏବଂ ଯେତେବେଳେ ଯାହା କରିବାର କଥା ଠିକ୍ ସେତିକିବେଳେ ତାହା ନିଷ୍ପନ୍ନ କରନ୍ତି । ଆମେ ଭାରତୀୟମାନେ ସମୟକୁ ସମ୍ମାନ କରିବା ଶିଖି ନ ଥିବାରୁ, ସର୍ବ ଦିଗରେ ଏହିପରି ଅଧଃପତିତ ହୋଇ ରହିଥାଉଁ । ଆମ ଦେଶରେ କୌଣସି ସ୍ଥାନରେ ଅପରାହ୍ଣ ୪ଟା ବେଳେ ମିଟିଂ ହେବ ବୋଲି ଯଦି ବିଜ୍ଞାପନ ଦିଆଯାଇଥାଏ, ଅଶିକ୍ଷିତ ଗ୍ରାମ୍ୟ ଲୋକଙ୍କ କଥା ଛାଡ଼, ଶିକ୍ଷିତ ଲୋକେବି ୫ଟା ପୂର୍ବରୁ ଦେଖା ଦେବେ ନାହିଁ । ଆମ ଘରମାନଙ୍କରେ ଆମେ ଅତିଥିମାନଙ୍କୁ ଯଦି ନିମନ୍ତ୍ରଣ କରୁ ରାତି ୮ଟାରେ ଆହାର ପାଇଁ, ତେବେ ସେମାନଙ୍କୁ ଆହାର ଯୋଗାଉଁ ଯୋଗାଉଁ ରାତି ପ୍ରାୟ ୧୨ଟା ବାଜିଯାଏ । ଏଥିରେ କେବଳ ସମୟର ଅସମ୍ମାନ ନୁହେଁ, ଅଧିକ ଅସମ୍ମାନ ଯେ ଅତିଥିମାନଙ୍କ ପ୍ରତି, ସେ ଦିଗରେ ଆମର ଦୃଷ୍ଟି ନ ଥାଏ । ଏହା ଅତୀବ ଲଜ୍ଜାର କଥା ।

ଭାରତବର୍ଷ ବର୍ତ୍ତମାନ ସ୍ୱାଧୀନ । ନୂତନ ଭାରତବର୍ଷର ନୂତନ ଜାତି ଯେଉଁମାନେ କି ବର୍ତ୍ତମାନର ସ୍କୁଲ ବେଞ୍ଚମାନଙ୍କରେ ବସିଛନ୍ତି ଓ ଏଇ ଲେଖାକୁ ପଢ଼ୁଛନ୍ତି ସେମାନେ ପ୍ରତିଜ୍ଞା କରନ୍ତୁ ଯେ, ସେମାନେ

Digitized by srujanika@gmail.com

ସେମାନଙ୍କ ସମୟ ଆଦୌ ଅପବ୍ୟୟ କରିବେ ନାହିଁ ଓ ନିରୂପିତ ସମୟରେ ସବୁ କାମ କରିବେ । ଆମ ଦେଶ ଦୁଃଖ ଦାରିଦ୍ର୍ୟରେ ଜର୍ଜରିତ । ଆମର ଭାଷା ଓ ସାହିତ୍ୟ ଅନୁନ୍ନତ ହୋଇ ରହିଛି । ଆମ ଦେଶର ଶତକଡ଼ା ୮୦ ଜଣ ଏ ପର୍ଯ୍ୟନ୍ତ ଅକ୍ଷର ଲେଖି ଜାଣନ୍ତି ନାହିଁ । ତେଣୁ କଲ୍ୟାଣକର କର୍ମର କ୍ଷେତ୍ର ଚତୁର୍ଦ୍ଦିଗରେ ପ୍ରସାରିତ । ସମୟ ନଷ୍ଟ କରିବାର ଅବକାଶ ଏଠି କାହିଁ ? ପ୍ରତ୍ୟେକେ ନିଜ ନିଜର ଶକ୍ତି ଓ ରୁଚି ଅନୁଯାୟୀ ଗୋଟିଏ ଗୋଟିଏ କ୍ଷେତ୍ର ବାଛି ନିଅନ୍ତୁ ଓ ଅକ୍ଲାନ୍ତ ପରିଶ୍ରମ କରି ସେହି ସେହି କ୍ଷେତ୍ରରେ ଜାତୀୟ ଶକ୍ତି ଜାଗ୍ରତ କରନ୍ତୁ ।

—ପ୍ରଶ୍ନ—

(କ) ୧ । ସମୟନିଷ୍ଠା କ'ଣ ସ୍ପଷ୍ଟଭାବରେ ବୁଝାଅ ।

୨ । ସମୟର ସଦ୍‌ବ୍ୟବହାର ଦ୍ୱାରା ମନୁଷ୍ୟ ତାର ଜୀବନରେ ସିଦ୍ଧିଲାଭ କରିପାରିବ ଏହାର ଭାବକୁ ଉଦାହରଣ ଦେଇ ସରଳ ଭାଷାରେ ପ୍ରକାଶ କର ।

(ଖ) ୧ । ବିନିଯୋଗ, ନେତୃତ୍ୱ, ନିରୂପିତ, ଅଧଃପତିତ, ନିରବଚ୍ଛିନ୍ନ —ପ୍ରତ୍ୟେକକୁ ବ୍ୟବହାର କରି ବାକ୍ୟରଚନା କର ।

୨ । ସମାସବ୍ୟାଖ୍ୟା କର ଓ ସମାସର ନାମ ଦିଅ—ସିଦ୍ଧକାମ, ଜନ୍ମଭୂମି, ଅସମ୍ମାନ, କାର୍ଯ୍ୟାବଳୀ ।

୩ । ତପଃ ଅଛି ଅର୍ଥରେ ବିନ୍=ତପସ୍ୱୀ; 'ବିନ୍' ପ୍ରତ୍ୟୟ କରି ସେହିପରି ୩ଟି ଶବ୍ଦ ଲେଖ ।

୪ । ରେଖାଙ୍କିତ ପଦମାନଙ୍କର ଅନ୍ୱୟ ଲେଖ — ରାତିରେ <u>ଜନ୍ନିଦ୍ରା</u> ରହି <u>ସେ</u> ନକ୍ଷତ୍ରମାନଙ୍କର <u>ଗତିବିଧି</u> <u>ଦେଖୁଥିଲେ</u> ।

Digitized by srujanika@gmail.com

କହ ହନୁ ମୋର କାନ୍ତର କୁଶଳ

କହ ହନୁ ମୋର, କାନ୍ତର କୁଶଳ,
ଲକ୍ଷ୍ମଣର ସର୍ବ କୁଶଳ
ମରକତ, ହେମ, ବେନି କଳେବର
ହୋଇ ନାହାନ୍ତିନା ଦୁର୍ବଳ ।
ହନୁ ହେ, ବେନି ଭାଇଙ୍କର କୁଶଳ
କୁଶଳ କରି ଲକ୍ଷ୍ମଣ ସେବା କରି, ଥାଆନ୍ତିକି ପାଦ କମଳ ।୧।

ମୋର ବିଚ୍ଛେଦ ହୋଇଲା ଦିନୁ ତନୁ ଦୁର୍ବଳ ହୋଇଥିବ ପରା
ଅଧୈର୍ଯ୍ୟ ହୋଇଲେ ଲକ୍ଷ୍ମଣ ତାହାଙ୍କୁ କରାଉ ଥାଆନ୍ତିକି ଧୀରା
ହନୁହେ, ମୋତେ ଏଥୁଁ ନିଶ୍ଚେ ନେବକି
ବାନରବଳଙ୍କୁ ଘେନି ସିନ୍ଧୁପାରି ହୋଇ ଏଥକୁ ଆସିବେକି ।୨।

ମୋତେଟିକି ହନୁ ଚିନ୍ତା କରୁଥାନ୍ତି ଚିତ୍ତରେ ଚିହ୍ନେଇ ମୋ ଭାବ
ସ୍ନେହ ଅଛୁଟିକି ମୋର ବପୁରେ ଯଥାର୍ଥ କରିଣ କହିବ
ହନୁହେ, ସତେକି ଶ୍ରୀମୁଖ ଦେଖିବ
ସତ କହ ହନୁ କେତେଦିନ ଯାଏ ତନୁରେ ଜୀବନ ରଖିବ ।

ଦୋଳଇ ଯେ ହନୁ କନ୍ଧରେ ବସାଇ ଶ୍ରୀରାମ ପାଶେ ଘେନିଯିବ,
ସ୍ୱଇଚ୍ଛାରେ ହନୁ କେମନ୍ତ ପ୍ରକାରେ ପୁରୁଷ ଅଙ୍ଗକୁ ଛୁଇଁବ,
ହନୁହେ, ଚୋରାଇ ରାବଣ ଆଣିଲା
ତୁମ୍ଭେ ଚୋରାଇ ଘେନିଗଲେ ପ୍ରଭୁଙ୍କ ପଣ ଆଉ କାହୁଁ ରହିଲା ।

Digitized by srujanika@gmail.com

କିପାଁ ହନୁ ମୋର ପାଇଁ ରାମ ଦେଲେ କରପଲ୍ଲବର ମୁଦ୍ରିକା
ଶୂନ୍ୟ ଯେ ଦିଶୁଥିବ ମୋ ପ୍ରଭୁଙ୍କର କରକମଳ ଅନାମିକା
ହନୁହେ, ଏ ମୁଦ୍ରିକା ନୋହେ ଅନ୍ତର
ପ୍ରଭୁଙ୍କ କରେ ଥାଇଣ ମୋର ତନୁ ଭ୍ରମୁଯେ ଥାଉ ନିରନ୍ତର ।

ହନୁ ସୀତାଙ୍କୁ ମୁଦ୍ରିକା ଦେଉଅଛନ୍ତି

ମୁଦ୍ରିକା ମସ୍ତକେ ଲଗାଇ ଆପଣା ପଣନ୍ତେରେ ବାନ୍ଧି ରଖିଲେ
ମସ୍ତକୁଁ ମଣି ବାହାର କରି ମୁନି ହନୁ କରରେ ସମର୍ପିଲେ ।
ହନୁହେ, ମୋଠାରେ କରୁଣା କରିବେ
ଦୀନଜନଠାରେ କରୁଣା କଲେଟି କରୁଣାସିନ୍ଧୁ ବୋଲାଇବେ ।

Digitized by srujanika@gmail.com

କହିବ ହନୁ ହେ ଏତେକ ମାନଙ୍କ ମୋହର ବିନୟ ଉଦନ୍ତ
କେବଳ ମୋହର କଲ ଅପରାଧ କ୍ଷମା କରିବେ ମୋର କାନ୍ତ
ହନୁ ଯେ, ପ୍ରବୋଧ କରିଣ କହଇ
ବୋଲେ ବଣି ରାମ ଗ୍ଳାମୁରେ ଜଣାଇ ନିକଟେ ଆଣିବା ବୋଲଇ ।

—ପ୍ରଶ୍ନ—

(କ) ୧ । 'ତୁମ୍ଭେ ରହିବାଇ ଯୋଗଗଲେ ପ୍ରଭୁଙ୍କ ଯଶ ଆଉ କାହିଁ ରହିଲା ।' ଏହି ପଦାଂଶଟିର ଭାବ ସରଳ ଭାଷାରେ ପ୍ରକାଶ କର ।

୨ । ହନୁଙ୍କଠାରୁ ମୁଦ୍ରିକା ପାଇ ସୀତାଦେବୀ କିପରି ପତିଭକ୍ତି ଦେଖାଇଥିଲେ, ଉଲ୍ଲେଖ କର ।

(ଖ) ୧ । 'ପଦ୍ମ'ର ୫ଟି ପ୍ରତିଶବ୍ଦ ଦିଅ ।

୨ । ବିଶେଷଣରେ ପରିଣତ କର :—

ବିନୟ, ଜୀବନ, ବିଚ୍ଛେଦ, ଚିନ୍ତା ।

ଚିଲିକା

ସେଦିନ ଜ୍ୟୋତ୍ସ୍ନା ରାତି । ରମ୍ଭା ଷ୍ଟେସନରୁ ଓହ୍ଲାଇ ନିକଟବର୍ତ୍ତୀ ଗ୍ରାମ ସାବଳିଆରୁ ନୌକା ସଂଗ୍ରହ କରି ଚିଲିକା ଯାତ୍ରା କରିବାକୁ ହେବ । ସାବଳିଆ ଗୋଟିଏ ଛୋଟ ଗ୍ରାମ ଓ ଚିଲିକାର ଲହରୀମାଳା ତା'ର ଉପକଣ୍ଠ ବର୍ଷତମାମ ଧୌତ କରେ । ଏଠାର ଅଧିକାଂଶ ଅଧିବାସୀ କେଉଟ; ଅନ୍ୟ ଜାତିର ଲୋକ ମଧ୍ୟ ଅଛନ୍ତି । ପ୍ରତିବର୍ଷ ଯେଉଁ ଚିଲିକା-ଦର୍ଶନାକାଂକ୍ଷୀମାନଙ୍କର ଏଠାକୁ ଆଗମନ ହୁଏ, ସେମାନଙ୍କୁ ନୌବିହାରର ସୁଯୋଗ ଯୋଗାଇ ଏମାନେ ସାଧାରଣତଃ

Digitized by srujanika@gmail.com

ଜୀବିକାର୍ଜନ କରନ୍ତି । ବର୍ଷର ଯେ କୌଣସି ସମୟରେ ଏଠାରେ ନୌକା ମିଳି ପାରିବ ।

ଚିଲିକା

ନୌକା ଠିକ୍ କରି ନୌକା ଉପରକୁ ଉଠିଲୁ । ବିମଳ ଜ୍ୟୋତ୍ସ୍ନା ଦ୍ୱାରା ପୃଥିବୀର ସର୍ବାଙ୍ଗରେ ପରିବ୍ୟାପ୍ତ ହୋଇ ଉଠିଲାଣି । ସମସ୍ତ ସୃଷ୍ଟି ତରଳ ରଜତପ୍ରବାହରେ ଭାସମାନ । ଉପରେ ଅନନ୍ତ ଆକାଶ, ତଳେ ଚିଲିକାର ଦିଗନ୍ତବିସ୍ତାରୀ ବାରିରାଶି ଓ ଚତୁର୍ଦ୍ଦିଗରେ ଗିରିମାଳା ଜ୍ୟୋତ୍ସ୍ନାରେ ରଜତାଭ ହୋଇଅଛନ୍ତି । ସୃଷ୍ଟିର ଏହି ଶୁକ୍ଳ-ବେଶ ଚକ୍ଷୁ ଭରି ଦେଖିବାକୁ ଲାଗିଲୁ । କ୍ରମେ ନୌକା କୂଳ ତ୍ୟାଗ କରି ଚିଲିକାର ବକ୍ଷ ମଧ୍ୟକୁ ଗତି କଲା । ତରୁଣ କୈବର୍ତ୍ତି ପାଲ ଟାଣିଦେଇ ନିର୍ଶ୍ଚିନ୍ତମନରେ ତାମ୍ବୁଲ ରଚନାରେ ନିରତ ହେଲା ଏବଂ ଆମ୍ଭେମାନେ ମନ୍ତ୍ରମୁଗ୍ଧ ପରି ଚିଲିକାର ଏହି ଅପୂର୍ବ ମାଧୁରୀରେ ତନ୍ମୟ ହେଲୁଁ ।

Digitized by srujanika@gmail.com

ଚିଲିକାର 'ଶ୍ରେଷ୍ଠ ସୌନ୍ଦର୍ଯ୍ୟ ଏହି ରମ୍ଭା ନଗରଠାରେହିଁ ଅନୁଭବ କରିବାକୁ ହୁଏ । ଏହିଠାରେ 'ସୌରକରବୈଭାସି ନୀଳ-ରମ୍ଭାନାସୀ' ଚିଲିକା ଗର୍ଭରେ ଦକ୍ଷିଣରୁ ଆସି ମିଶିଛି । ସମ୍ମୁଖରେ ଦିଗ୍‌ବଳୟବ୍ୟାପୀ ନୀଳ ଜଳଭାଗ, ଦକ୍ଷିଣରେ, ବାମରେ ଓ ପଶ୍ଚାତରେ ମାରକତଦ୍ୟୁତି ଭୀମକାନ୍ତ ପର୍ବତମାଳା—ଜଳ ଓ ଶୈଳର ଏହି ଭୀଷଣ-ମଧୁର ସନ୍ନିଧି, ଏଠାରେ ଚିଲିକାର ଦୃଶ୍ୟକୁ ହୃଦୟ-ସ୍ପର୍ଶୀ କରିଅଛି । କଥିତ ଅଛି, ଚୈତନ୍ୟଦେବ ଚିଲିକାର ଏହି ଅଂଶରେ ନୌକାଯାତ୍ରା କରୁଥିଲା ସମୟରେ ଅନନ୍ୟ ପ୍ରକୃତିର ଅନୁପମ ଲାବଣ୍ୟରେ ମୁଗ୍ଧ ହୋଇ ନୌକାରୁ ଚିଲିକାର ଗଭୀର ଜଳକୁ ଡେଇଁ ପଡ଼ିଥିଲେ ।

ଚିଲିକାର ଜଳରାଶି ମଧ୍ୟରେ ଛୋଟ ଛୋଟ ପର୍ବତ ଛଡ଼ା କୂଳ-ସମୀପବର୍ତ୍ତୀ ଅସଂଖ୍ୟ ଦ୍ୱୀପ ଅଛି । ଏହି ଦ୍ୱୀପଗୁଡ଼ିକ ବର୍ଷସାରା ବନସ୍ପତିରେ ଶ୍ୟାମଳିତ ରହିଥାନ୍ତି । ରେଳମାର୍ଗଗାମୀ ଯାତ୍ରୀମାନଙ୍କ ଚକ୍ଷୁରେ ଚିଲିକାର ଏହି କୂଳବର୍ତ୍ତୀ ଦ୍ୱୀପମାନଙ୍କର ଶୋଭା ଅତ୍ୟନ୍ତ କୌତୁକାବହ ଦେଖାଯାଏ । ବରକୁଦନାମକ ଏହିପରି ଏକ ଦ୍ୱୀପରେ ଖଲ୍ଲିକୋଟର ରାଜା ଏକ ପ୍ରାସାଦ ନିର୍ମାଣ କରିଅଛନ୍ତି । ଉତ୍କଳ-କମଳାଙ୍କର ଏହି ବିଳାସ-ଦୀର୍ଘିକାରେ ଶୋଭା ଜଳସନ୍ତୁପୁର ପର ହୋଇଅଛି । ଯେଉଁମାନେ ଚିଲିକାର ପ୍ରକୃତି-ସୌନ୍ଦର୍ଯ୍ୟ ଅନୁଭବ କରିବାକୁ ଇଚ୍ଛୁକ, ସେମାନେ ଏହି ଦ୍ୱୀପକୁ ଯାଇ କିଛି ସମୟ ଅତିବାହିତ କରିବାର କଥା ।

ବେଶ-ବିଳାସିନୀ ନାୟିକା ପରି ଚିଲିକାର ଭିନ୍ନ ଭିନ୍ନ ଋତୁରେ ଭିନ୍ନ ଭିନ୍ନ ବେଶ । ଶୀତ ଓ ବସନ୍ତର ଆରମ୍ଭରେ ତା'ର ବଡ଼ସିଂହାର ବେଶ ହୁଏ । ଶୀତର ଆରମ୍ଭରେ, ନାନାଦିଗ୍‌ଦେଶର

Digitized by srujanika@gmail.com

ବିହଙ୍ଗ ବିହଙ୍ଗୀମାନଙ୍କର କଳଗୀତରେ ତାର ନୀରବ୍ତରଣ ମୁଖରିତ ହେବାକୁ ଲାଗେ । ଚିଲିକାର ଦକ୍ଷିଣ କୂଳରେ ଅର୍ଥାତ୍ ପାରିକୁଦ ଓ ମାଲୁଦ ଅଞ୍ଚଳରେ ସୁଦୂର ସମାଗତ ଏହି ଲକ୍ଷ ଲକ୍ଷ ବିହଙ୍ଗ-ମାନଙ୍କର ମେଳନ ଦେଖିବାର ବସ୍ତୁ । ଚିଲିକାର ନୀଳ ଜଳରେ ଏମାନଙ୍କର ସମ୍ମିଳିତ ଶୁକ୍ଳ ଦେହ ଦୂରରୁ ଗୋଟିଏ ସ୍କନ୍ଧାବାରର ଭ୍ରମ ଜନ୍ମାଏ । ଏତ୍ରନାମକ ଏକ ଦୀର୍ଘପଦ ପକ୍ଷୀ ଚିଲିକାଜଳରେ ଏପରି ବହୁସଂଖ୍ୟାରେ ଓ ସଂକ୍ରମରେ ଅବସ୍ଥାନ କରନ୍ତି ଯେ ଦୂରରୁ ପ୍ରାୟଶଃ ସଜ୍ଜିତ ପଦାତିକମାନଙ୍କର ଭ୍ରମ ଆସେ । ଶରତ ଋତୁର ଆରମ୍ଭରୁ ଝାଙ୍କି ଝାଙ୍କି କେରକେର ଓ ଗେଣ୍ଡାଳିଆ ଆକାଶ-ମାର୍ଗକୁ ଉଡ୍ଡୟନ-ଶବ୍ଦରେ ଶବ୍ଦାୟିତ କରି ଭାସି ଆସିବାର ଦେଖାଯାନ୍ତି । ପାରିକୁଦ ଅଞ୍ଚଳରେ ଏହି ଅଗଣିତ ସମାଗତ ପକ୍ଷୀମାନଙ୍କ ଯୋଗୁଁ ପ୍ରଚୁର ଶସ୍ୟ ନଷ୍ଟ ହୁଏ ।

ଇଉରୋପରେ ଓ ଅନ୍ୟାନ୍ୟ ପ୍ରକୃତିର ସ୍ୱଚ୍ଛନ୍ଦ ବିଭବକୁ ମନୁଷ୍ୟର ହସ୍ତକୌଶଳ ଅଧିକତର ଉପଭୋଗ୍ୟ କରିଥାଏ । କିନ୍ତୁ ଆମଦେଶରେ ପ୍ରକୃତିର ରୂପରାଶି ଯେପରି ଅନାଦୃତ ହୋଇ ପଡ଼ି ରହିଛି, ତା' ଦେଖିଲେ ଦୁଃଖ ହୁଏ । ଜାତିର ଏହି ଅବହେଳା ଯୋଗୁଁ, ଓଡ଼ିଶାର ଲୋକେ ଅବସର ଓ ସୁଯୋଗ ପାଇଲେ ତାଜମହଲ ଓ ସିମଲା ଯାଆନ୍ତି, କିନ୍ତୁ କୋଣାର୍କ ବା ସାତକୋଶିଆ ଯାନ୍ତି ନାହିଁ । ଚିଲିକାରେ ମଧ୍ୟ ଏହି ଅବହେଳା ଲକ୍ଷିତ ହୁଏ । ଚିଲିକାର କୂଳଦେଶରେ ସମାଗତ ଭଦ୍ରଯାତ୍ରୀମାନଙ୍କର ବସବାସ ଲାଗି କୌଣସିଠାରେ ସୁବିଧା ନାହିଁ । କୂଳବାସୀ କୈବର୍ତ୍ତମାନଙ୍କର ଯେଉଁ ନୌକା ଯାତ୍ରୀମାନଙ୍କର ଜଳ-ବିହାରରେ ଲାଗେ, ତାହା ଆଦୌ ସ୍ୱାଚ୍ଛନ୍ଦ୍ୟଜନକ ନୁହେ—ଅନେକ ସମୟରେ ବହୁଦିନସଞ୍ଚିତ ଚିଲିକା ଜଳର ଦୁର୍ଗନ୍ଧରେ ବିବମିଷା ଉପସ୍ଥିତ ହୁଏ । ନୌକାଗୁଡ଼ିକରେ ଶୟନ ଓ ଉପବେଶନର ମଧ୍ୟ

Digitized by srujanika@gmail.com

ସୁବିଧା ନ ଥାଏ । ମସ୍ତକ ଉପରେ ଶୀତାତପରୁ ରକ୍ଷା ପାଇବା ନିମନ୍ତେ ମଧ୍ୟ କୌଣସି ପ୍ରକାର ଆୟୋଜନ ନାହିଁ । ଦୀର୍ଘ ସମୟ ଜଳବିହାର କଲେ ଏହି ନୌକାଗୁଡ଼ିକ ଅତ୍ୟନ୍ତ କଷ୍ଟପ୍ରଦ ହୁଅନ୍ତି । ଜୀବନର ଉପଭୋଗ ଲାଗି ପ୍ରକୃତିଦେବୀରୁ ସ୍ୱାଚ୍ଛନ୍ଦ୍ୟ ସୃଷ୍ଟି କରିବା ସଭ୍ୟ ଓ ବୁଦ୍ଧି-ମାନ୍ ଜାତିର ଲକ୍ଷଣ । ଆମ୍ଭମାନଙ୍କର କର୍ତ୍ତବ୍ୟ ଏହି ଯେ, ଚିଲିକାର ଏହି ଅନୁପମ ରୂପକୁ ସୁଖରେ ଉପଭୋଗ କରିବା ଲାଗି ଆବଶ୍ୟକୀୟ ସ୍ୱାଚ୍ଛନ୍ଦ୍ୟ ସୃଷ୍ଟି କରିବା । ଚିଲିକାର କୂଳଦେଶରେ ଭ୍ରମଣ କରିବା ଲାଗି କୌଣସିଠାରେ କୌଣସି ଆୟୋଜନ ନାହିଁ । ଇଉରୋପରେ ନାଗରିକ ଓ ଦର୍ଶକମାନଙ୍କର ସୁଖ-ସଞ୍ଚାର ଲାଗି ଅନେକ ସମୁଦ୍ରକୂଳସ୍ଥ ନଗରମାନଙ୍କରେ ସମସ୍ତ ବେଳାଭୂମି ପାଦଚ୍ଛପରଂପରାରେ ଉତ୍ତମ-ରୂପେ ସଜ୍ଜିତ ଓ ସମାଚ୍ଛାଦିତ ଥାଏ ।

ଭିନ୍ନ ଭିନ୍ନ ଋତୁରେ ଯେପରି, ଦିବସର ଭିନ୍ନ ଭିନ୍ନ ସମୟରେ ମଧ୍ୟ ଚିଲିକାର ସେହିପରି ଭିନ୍ନ ଭିନ୍ନ ବେଶ । ତା'ର ବକ୍ଷରେ ଉଷାର ସଞ୍ଚାର ଅତ୍ୟନ୍ତ ରମଣୀୟ ସତ୍ୟ କିନ୍ତୁ ତାହା କ୍ଷଣସ୍ଥାୟୀ । ପ୍ରାତଃ ସୂର୍ଯ୍ୟର କୋମଳ କିରଣ ତ୍ୱରିତ ବେଗରେ ପ୍ରଖର ହୋଇ ଉଠେ ଓ ଚିଲିକାର ଲବଣ ଜଳରେ ସୂର୍ଯ୍ୟର ପ୍ରଖର କିରଣ ଅନେକ ସମୟରେ ଅସହ୍ୟ ବୋଧହୁଏ । ପ୍ରଦୋଷକାଳରେହିଁ ଚିଲିକା ତାର ନେପଥ୍ୟର ଶ୍ରେଷ୍ଠ ସମ୍ଭାର ଲୋକଲୋଚନକୁ ଘେନିଆସେ । ସୂର୍ଯ୍ୟାସ୍ତର ପୂର୍ବେ ଓ ପରେ, ବହୁକ୍ଷଣ ଧରି ଏହି ରୂପସଜ୍ଜା ସ୍ଥାୟୀ ରହିବାରୁ, ତାହା ଅତ୍ୟନ୍ତ ଉପଭୋଗ୍ୟ ହୁଏ । ଏହି ସମୟରେ ଚିଲିକା ସ୍ୱର୍ଣ୍ଣଶାଢ଼ୀ ପରିଧାନ କରି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଯେପରି ବନ୍ଦାପନା କରେ । କୁଳାୟଗାମୀ ଅସଂଖ୍ୟ ବିହଗର ଆନନ୍ଦ ଧ୍ୱନିରେ ତାହାର ଆକାଶ ନିନାଦିତ ହୁଏ । ଅସଂଖ୍ୟ ଜଳଚର ପକ୍ଷୀ ସୂର୍ଯ୍ୟାସ୍ତ ଦେଖି ତା'ର ବକ୍ଷରୁ ବିଦାୟ ନେଇ ପରସ୍ପରକୁ ଆହ୍ୱାନ କରି କରି କୂଳସ୍ଥ ଦ୍ୱୀପ ଓ ପର୍ବତ ମାନଙ୍କରେ

Digitized by srujanika@gmail.com

ଅଗ୍ରସ୍ର ନେବାକୁ ବାଧ୍ୟକରନ୍ତି । ପଶ୍ଚିମ ଦିଗର ଗିରିମାଳାର ଅନ୍ତ-ରାଳରେ ସୂର୍ଯ୍ୟ ବୁଡ଼ିବାକୁ ଆରମ୍ଭ କରନ୍ତି । ସୂର୍ଯ୍ୟର ଅବସାନକ୍ରମରେ ଦୀର୍ଘ ଗିରିମାଳାର ଛାୟା ଚିଲିକାର ବକ୍ଷରେ ବିସ୍ତୃତ ହୋଇ ଗୁରିଆଡ଼ର ଶୋଭାକୁ ଗମ୍ଭୀର କରି ପକାଏ । ଅସ୍ତ ରାଗରେ ରଞ୍ଜିତ ହୋଇ ନୀଳକାନ୍ତ ଗିରିମାଳ ବର୍ଣ୍ଣାଭିନୟର ରଙ୍ଗଭୂମି ହୋଇ ଉଠନ୍ତି ଓ ପ୍ରତିକ୍ଷଣରେ ଦର୍ଶକ ସମ୍ମୁଖରେ ଭିନ୍ନ ଭିନ୍ନ ପଟର ପତନ ଓ ଉତ୍ଥାନ ଘଟେ । କ୍ରମେ ସନ୍ଧ୍ୟା ଜଳ ସ୍ଥଳ ବ୍ୟାପିଯାଏ; ନାବବାହୀ କୈବର୍ତ୍ତର ଛନ୍ଦଗାନ କାହିଁ କାହିଁ ସାନ୍ଧ୍ୟ ନିସ୍ତବ୍ଧତାକୁ ଭଙ୍ଗ କରେ । ଜ୍ୟୋତ୍ସ୍ନା ଥାଉ ବା ନ ଥାଉ, ନିଶାକାଳରେ ଚିଲିକା ସବୁବେଳେ ଉପଭୋଗ୍ୟ । ଅନ୍ଧକାର ରଜନୀରେ ଏହି ବିରାଟ ଜଳରାଶିର ବକ୍ଷରେ ବସି ଚତୁର୍ଦ୍ଦିଗର ବିରାଟ ପର୍ବତମାଳାର ଛାୟା ମଧ୍ୟରେ ଉପରେ ଅନନ୍ତ ନକ୍ଷତ୍ରଖଚିତ ଆକାଶକୁ ନିରୀକ୍ଷଣ କଲେ ମନରେ ମହାଭାବର ଉଦୟ ହୁଏ ।

ଆମ୍ଭମାନଙ୍କର ସୌଭାଗ୍ୟ ଏହି ଯେ ଚିଲିକାର ସୌନ୍ଦର୍ଯ୍ୟ ଆମର ଭାଷାରେ ଗ୍ରଥିତ ହୋଇ ପାରିଛି । ରାଧାନାଥଙ୍କ ଲେଖନୀ ଚିଲିକାର ରୂପ ବର୍ଣ୍ଣନା କରି ଧନ୍ୟା ହୋଇଛି । ଚିଲିକା ବିହାର ବେଳେ ପ୍ରତ୍ୟେକ ଶିକ୍ଷିତ ଓଡ଼ିଆର ମନରେ ରାଧାନାଥଙ୍କ ବିରଚିତ ବାକ୍ୟ-ସମୂହ ଆପେ ଆପେ ଉଦିତ ହୁଏ । ତାହା ଅତ୍ୟନ୍ତ ସୁଖର କଥା ।

—ପ୍ରଶ୍ନ—

(କ) ୧ । ରମ୍ଭା ନଗରଠାରେ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନ କର ।

୨ । ବିଭିନ୍ନ ଋତୁରେ ପକ୍ଷୀମାନଙ୍କର ସମାଗମ କିପରି ଚିଲିକାର ଶୋଭା ବର୍ଦ୍ଧନ କରେ ଲେଖ ।

Digitized by srujanika@gmail.com

୩ । 'ଜୀବନର ଉପଭୋଗ ଲାଗି ପ୍ରକୃତ ଦେହରୁ ସ୍ୱାଚ୍ଛନ୍ଦ୍ୟ ସୃଷ୍ଟି କରିବା ସଭ୍ୟ ଓ ବୁଦ୍ଧିମାନ ଜାତିର ଲକ୍ଷଣ ।' ଏ ଗଦ୍ୟାଂଶଟିର ଭାବ ସରଳ ଭାବରେ ବ୍ୟକ୍ତ କର ।

୪ । ଚିଲିକାର ସନ୍ଧ୍ୟାକାଳୀନ ଶୋଭା ବର୍ଣ୍ଣନ କର ।

୫ । ଉତ୍କଳ-କମଳାଙ୍କର ବିଳାସ-ଦୀର୍ଘିକା—ଏହି ବାକ୍ୟାଂଶଟିର ଅର୍ଥ ସ୍ପଷ୍ଟ ଭାବରେ ବୁଝାଅ ।

(ଖ) ୧ । ଅବସାନ, କୁଳାୟ, ନେପଥ୍ୟ, ତନ୍ମୟ, ଅନ୍ତତ୍ୟ— ଏମାନଙ୍କୁ ବ୍ୟବହାର କରି ଗୋଟିଏ ଗୋଟିଏ ବାକ୍ୟ ଲେଖ ।

୨ । ଭୀମକାନ୍ତ, ଦ୍ୟାବା ପୃଥିବୀ, ନୀବିସ୍ରଂଶ, ନକ୍ଷତ୍ର-ଖଚିତ— ଏଗୁଡ଼ିକର ସମାସ ବ୍ୟାଖ୍ୟା କର ।

୩ । ବିହଗ, କର୍ତ୍ତବ୍ୟ, ସମାଗତ, ସୃଷ୍ଟି—ଏଗୁଡ଼ିକର ପ୍ରକୃତି ପ୍ରତ୍ୟୟ ଲେଖ ।

ବୌଦ୍ଧ ଜାତକ

ବୌଦ୍ଧଧର୍ମର ଭିତ୍ତି ଜନ୍ମାନ୍ତରବାଦ ଓ ଆତ୍ମାର ଅବତାର ଉପରେ ପ୍ରତିଷ୍ଠିତ । ବୌଦ୍ଧମାନଙ୍କର ବିଶ୍ୱାସ ଯେ, ଜୀବନରେ ତୃଷ୍ଣା ଥିବାଯାଏ ଜୀବକୁ ବାରମ୍ବାର ଜନ୍ମଗ୍ରହଣ କରିବାକୁ ହୁଏ ଓ ପୂର୍ବ-ଜନ୍ମର କର୍ମ ଅନୁସାରେ ପରଜନ୍ମରେ ଭୋଗ ହୁଏ । ଯେଉଁମାନେ ବୁଦ୍ଧତ୍ୱ ଲାଭ କରନ୍ତି, ସେମାନେ ଏକ ଜନ୍ମରେ ତାହା ପାଇ ପାରନ୍ତି ନାହିଁ ; ତାହା ବହୁ ଜନ୍ମର ପୁଣ୍ୟକର୍ମର ଫଳ । ସ୍ୱୟଂ ଗୌତମଙ୍କୁ ମଧ୍ୟ ଏହିପରି ବହୁଜନ୍ମ ମଧ୍ୟ ଦେଇ ଆସିବାକୁ ପଡ଼ିଥିଲା । ପ୍ରତ୍ୟେକ ଜନ୍ମରେ କୌଣସି ଏକ ପୁଣ୍ୟକର୍ମ ଯୋଗୁଁ ସେ ଅପର ଜନ୍ମରେ

Digitized by srujanika@gmail.com

ଜଗତରେ ଜୀବନ ଲାଭ କରିଅଛନ୍ତି ଏବଂ ସେହି ପରମ୍ପରାକ୍ରମେ ସେ ଶେଷରେ ବୁଦ୍ଧତ୍ୱ ଲାଭ କଲେ । ପ୍ରାକ୍ତନ ଜନ୍ମମାନଙ୍କରେ ବୁଦ୍ଧ ଯେ କେବଳ ମନୁଷ୍ୟଜୀବନ ଯାପନ କରିଅଛନ୍ତି ତାହା ନୁହେଁ, ନାନା ପଶୁ, ପକ୍ଷୀ, ସରୀସୃପ, କୀଟ ଓ ପତଙ୍ଗଭାବରେ ମଧ୍ୟ ସେ ସ୍ୱଜାତୀୟ ଅପର ଜୀବମାନଙ୍କର କଲ୍ୟାଣ କରି ପୁଣ୍ୟାର୍ଜନ କରିଅଛନ୍ତି । ପୂର୍ବ-ଜନ୍ମମାନଙ୍କରେ ବୁଦ୍ଧଙ୍କର ଏହି ଅବତାରମାନଙ୍କୁ 'ବୋଧିସତ୍ତ୍ୱ' କୁହାଯାଏ ଏବଂ ବୋଧିସତ୍ତ୍ୱମାନଙ୍କର ଚରିତ ବର୍ଣ୍ଣନାକାରୀ ଗଳ୍ପକୁ 'ଜାତକ' କୁହାଯାଏ । ଏହି 'ଜାତକ' ମାନଙ୍କର ଗଳ୍ପ, ନାନା ଆକାରରେ ନାନା ଭାବରେ ପୃଥିବୀର ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ପଡ଼ିଛି । ଜଗତପ୍ରସିଦ୍ଧ ଈଷପୀୟ ଗଳ୍ପସମୂହ ଏହି ବୌଦ୍ଧ ଜାତକ-ମାନଙ୍କରୁହିଁ ଗୃହୀତ ।

ଏହି ବୌଦ୍ଧ ଜାତକମାନ ଅତ୍ୟନ୍ତ ଶିକ୍ଷାପ୍ରଦ । ଏଥିର ଅଧିକାଂଶ ସ୍ୱୟଂ ଗୌତମଙ୍କର ମୁଖନିଃସୃତ । ଜେତବନରେ ବା ଅନ୍ୟ ବିହାରମାନଙ୍କରେ ଅବସ୍ଥାନ କାଳରେ, ଗୌତମ ସମାଗତ ଜନପଦବାସୀମାନଙ୍କୁ ଗଳ୍ପ ଛଳରେ ଧର୍ମର ତତ୍ତ୍ୱ ବୁଝାଉଥିଲେ । ଗଳ୍ପ-ଛଳରେ ଧର୍ମ ଓ ନୀତି ଶିକ୍ଷାଦେବା ଜଗତରେ ବୁଦ୍ଧଙ୍କଠାରୁହିଁ ଆରବ୍ଧ ହୋଇଅଛି ଏବଂ ବୁଦ୍ଧଙ୍କ ମୁଖନିଃସୃତ କେତେକ ଗଳ୍ପ ଅବିକଳ ଖ୍ରୀଷ୍ଟୀୟ ଧର୍ମଗ୍ରନ୍ଥ ବାଇବଲ୍‌ରେ ଖ୍ରୀଷ୍ଟଙ୍କ ମୁଖରେ ଦିଆଯାଇଅଛି । ଏହି ଗଳ୍ପମାନଙ୍କର ପ୍ରଧାନ ଉପଜୀବ୍ୟ ବିଷୟ ଆତ୍ମତ୍ୟାଗ । ଅପର ସାଧାରଣର ମଙ୍ଗଳ ଲାଗି, କପରି ନିଜକୁ ଉତ୍ସର୍ଗ କରିବାକୁ ହୁଏ ଭିନ୍ନ ଭିନ୍ନ ଜୀବାବତାରରେ ତାହାହିଁ ଦେଖାଇ ଦିଆଯାଇଅଛି । ନିମ୍ନରେ ଦୃଷ୍ଟାନ୍ତସ୍ୱରୂପ ଗୋଟିଏ ବୌଦ୍ଧ ଜାତକ କୁହାଗଲା :—

ବୋଧିସତ୍ତ୍ୱ ଥରେ ଗୋଟିଏ ମୃଗଦଳର ଅଧିପତି ହୋଇଥିଲେ । ଗୋଟିଏ ପରମ ରମଣୀୟ ଅଟବୀକାରେ ଏହି ମୃଗଦଳ ନିର୍ଭୟରେ

Digitized by srujanika@gmail.com

ବାସ କରୁଥିଲେ । ସେମାନେ ପ୍ରାୟ ସହସ୍ର ସଂଖ୍ୟକ ଥିଲେ । ମୃଗାଧିପତି ଦେଖିବାକୁ ଅତ୍ୟନ୍ତ ହୃଷ୍ଟପୁଷ୍ଟ ଓ ସୁନ୍ଦର ଥିଲେ ଏବଂ ନିଜ ଦଳର ଅତ୍ୟନ୍ତ ଯତ୍ନ ନେଉଥିଲେ । ଦିନେ ଜନୈକ ବ୍ୟାଧ ଏହି ଦଳପତି ଓ ତାଙ୍କର ବହୁସଂଖ୍ୟକ ଦଳକୁ ଦେଖିପାରିଲା ଓ ରାଜାଙ୍କ ନିକଟକୁ ଯାଇ ସମସ୍ତ ବିଷୟ ଜଣାଇ ଦେଲା । ରାଜା ଉତ୍ସାହିତ ଚିତ୍ତରେ ସୁଖକର ମୃଗୟା ଲାଗି, ତାଙ୍କର ସମସ୍ତ ସୈନ୍ୟମାନଙ୍କୁ ଘେନି ଆସି ଏହି ଦଳକୁ ଘେରି ପକାଇଲେ ।

ଦଳପତି, କି ଉପାୟରେ ମୃଗମୃଗୀମାନଙ୍କର ପ୍ରାଣରକ୍ଷା ହେବ, ତାହା ଭାବିବାକୁ ଲାଗିଲେ, କିନ୍ତୁ ଦେଖିଲେ ଅଧିତ୍ୟକାର ନିମ୍ନରେ ଗୋଟିଏ ବେଗଗାମିନୀ ସ୍ରୋତସ୍ୱତୀକୁ ଅତିକ୍ରମ କରିବା ବ୍ୟତୀତ ପଳା-

ମୃଗଦଳ ନଦୀ ପାର ହେଉଛନ୍ତି

ୟନର ଅନ୍ୟ ପନ୍ଥା ଆଉ ନାହିଁ । କିନ୍ତୁ ମୃଗୀ ଓ ଶିଶୁ-ମୃଗମାନଙ୍କର ସେହି ଖରସ୍ରୋତା ଓ ଫେନବତୀ ନଦୀକୁ ପାର ହେବା ଅସମ୍ଭବ ହୋଇ

Digitized by srujanika@gmail.com

ହେଲା । କ'ଣ କରାଯିବ ? ନିଜର ଜୀବନକୁ ଭୁଲିଯାଇ ଓ କେବଳ ଗୋଷ୍ଠୀର ମଙ୍ଗଳ ମନରେ ଧାରଣ କରି, ଦଳପତି ତରଙ୍ଗିଣୀର ମଧ୍ୟକୁ ଝମ୍ପ ପ୍ରଦାନ କଲେ ଓ ମୃଗ ଓ ମୃଗୀମାନଙ୍କୁ ପ୍ରଥମେ ତାଙ୍କର ପୃଷ୍ଠ ଉପରକୁ ଡେଇଁ, ସେଠାରୁ ଅପର ତୀରକୁ ଡେଇଁଯିବାକୁ ଆହ୍ୱାନ କଲେ । ଗୋଟିଏ ପରେ ଗୋଟିଏ ହୋଇ, ସମସ୍ତ ଦଳ ପ୍ରଥମେ ଦଳପତିର ପୃଷ୍ଠକୁ ଓ ସେଠାରୁ ଅପର ତୀରକୁ ଡେଇଁ, ସେହି ବିପଜ୍ଜନକ ତରଙ୍ଗିଣୀକୁ ପାର ହୋଇଗଲେ । କିନ୍ତୁ ଶତ ଶତ ହରିଣ-ହରିଣୀର ବେଗ-ପତିତ ଖୁରାଘାତରେ ଦଳପତି ପୃଷ୍ଠରୁ ମାଂସ ଛିନ୍ନ ହୋଇ ଅସ୍ଥି ଦେଖାଗଲା । ସେ ମୃତ୍ୟୁ ନିକଟ ଜାଣି ଗୁହାଁଳିବେଳକୁ ଦେଖି ପାରିଲେ ଗୋଟିଏ ମୃଗଶିଶୁ ପଛରେ ରହି ଯାଇଛି । ଦଳପତି ମରଣଯନ୍ତ୍ରଣା ଭୁଲିଯାଇ ସେହିଠାରେ ନିର୍ବିକାର ଭାବରେ ଦଣ୍ଡାୟମାନ ରହିଲେ । ମୃଗଶିଶୁ ଲମ୍ଫ ଦେଇ ଆର ପାରକୁ ଉତ୍ତୀର୍ଣ୍ଣ ହେଲା ଏବଂ ସେ ଅକଥିତ ବେଦନାରେ ସେହି ତରଙ୍ଗିଣୀ ଜଳରେ ନିପତିତ ହୋଇ ପ୍ରାଣତ୍ୟାଗ କଲେ ।

—ପ୍ରଶ୍ନ—

(କ) ୧ । ବୁଦ୍ଧ କିପରି ବୁଦ୍ଧତ୍ୱ ଲାଭ କଲେ ?

୨ । 'ବୋଧିସତ୍ତ୍ୱ' ଓ 'ଜାତକ' କହିଲେ ଯାହା ବୁଝ ସରଳ ଭାଷାରେ ଲେଖ ।

(ଖ) ୧ । ପ୍ରାକ୍ତନ, ବିକ୍ଷିପ୍ତ, ନିଃସୃତ, ଉପଜୀବ୍ୟ, ଉତ୍ସର୍ଗ, ଜନୈକ—ଏ ଗୁଡ଼ିକ ବାକ୍ୟରେ ବ୍ୟବହାର କର ।

୨ । ମୃଗମୃଗୀମାନେ ସେହି ବିପଜ୍ଜନକ ତରଙ୍ଗିଣୀକୁ ପାର ହୋଇଗଲେ—ଏ ବାକ୍ୟରେ ଥିବା ପ୍ରତ୍ୟେକ ପଦର ଅନ୍ୱୟ କର ।

Digitized by srujanika@gmail.com

କୁଟୀର ଚିରନ୍ତନ

ଧୂଳି ହୋଇ ମିଶିଛନ୍ତି ମାଟିରେ
କେତେ କେତେ ସମ୍ରାଟର ଘର
ସହସ୍ରର ସମାଗମ ଯହିଁ
ସେଥି ଆଜ ଚରେ ବନେଚର ।

କିନ୍ତୁ ଦୂରେ ଦରିଦ୍ର ପଲ୍ଲୀରେ
କୁଟୀମାଳା ହୋଇଅଛି ଛିଡ଼ା
ସାମ୍ରାଜ୍ୟର ଉତ୍‌ଥାନ ପତନେ
ଚାଲିଅଛି ଯହିଁ ନରକୀଡ଼ା ।

ପୁଣି କେତେ ଧନୀ, ମାନୀ, ରାଜା
ଆସି ପୁଣି ମିଶିବେ ମାଟିରେ
କାଲେ କାଲେ କିନ୍ତୁ ଥିବ ଚାଲି
ନରଲୀଳା ମାଟିର କୁଟୀରେ ।

ଦମ୍ଭୀ, ମାନୀ, ଧନୀଙ୍କ ଆଜର
ଶେଷ ହେବେ ଯେବେ ରେଣୁ ହୋଇ
ଚାଲିଥିବ ଗରୀ ଘର କାଖେ
ଚଷାଝିଅ ନଈକି ଗାଧୋଇ ।

ଦାମ୍ଭିକର ମାନ, ଅହଙ୍କାର
ଧନୀକର ବିତ୍ତ, ଆଡ଼ମ୍ବର
ଦୂର୍ବାବୃତା ମାଟିର ଧରାରେ
ତାହା ସବୁ ଅତି ଅବାନ୍ତର ।

Digitized by srujanika@gmail.com

ତେଣୁ ତାର ଘଟେ ବିପର୍ଯ୍ୟୟ
ପ୍ରାସାଦରେ ଉଠେ ଦୁବ ଘାସ
କୁଟୀର ଓ ମାଟିର କୁଟୁମ୍ବ
ତେଣୁ ତାର ନୁହେ ବଂଶ ନାଶ ।

—ପ୍ରଶ୍ନ—

(କ) ୧ । ଧାର୍ମିକର ମାନ, ଅହଙ୍କାର······ଅତ ଅବାନ୍ତର—
ଏହି ପଦ୍ୟାଂଶଟିର ସରଳାର୍ଥ ଲେଖ ।
୨ । କୁଟୀର ମାଟିର କୁଟୁମ୍ବ ଅଟେ—କିପରି ?

(ଖ) ୧ । ସମାସ ବ୍ୟାଖ୍ୟା କର ଓ ସମାସର ନାମ ଦିଅ :—
ଦୁର୍ବାବୃତା; ବଂଶନାଶ
୨ । ପ୍ରକୃତି ପ୍ରତ୍ୟୟ ଲେଖ:—ବିପର୍ଯ୍ୟୟ, ସମାଗମ ।
୩ । ଅବାନ୍ତର, ଲୀଳା, ନାଶ— ଏଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

ଜଣଶାସନ ଓ ଗଣଶାସନ

ହାତୀ, ମାଙ୍କଡ଼, ହରିଣ ପ୍ରଭୃତି ପ୍ରାଣୀମାନଙ୍କର ପ୍ରତ୍ୟେକ ଦଳରେ ଗୋଟିଏ ଗୋଟିଏ ଦଳପତି ଥାଆନ୍ତି । ଦଳର ସମସ୍ତେ ସେହି ଦଳପତିର ନିର୍ଦ୍ଦେଶ ମାନି କାମ କରନ୍ତି ।

ଆଦିମ ଅବସ୍ଥାରେ ମନୁଷ୍ୟ ସବୁ ପରସ୍ପରଠାରୁ ବିଚ୍ଛିନ୍ନ ଭାବରେ ଦଳ ଦଳ ହୋଇ ବାସ କରୁଥିଲେ । ଖାଦ୍ୟ ପାଇଁ ସେମାନଙ୍କୁ ଅନ୍ୟ ପ୍ରାଣୀମାନଙ୍କ ସହିତ ଓ ବେଳେ ବେଳେ ଅନ୍ୟ ଦଳ ସହିତ

Digitized by srujanika@gmail.com

ମୁକ୍ତି କରିବାକୁ ପଡୁଥିଲା । ସେ ମୁକ୍ତି ଏକା ଏକା କରିବା ସମ୍ଭବ ନ ଥିଲା । ଦଳବଦ୍ଧ ଭାବରେ କାମ କରିବାକୁ ପଡ଼ିଲେ ଜଣେ ଦଳପତି ନିଶ୍ଚୟ ଦରକାର । ତେଣୁ ମନୁଷ୍ୟଗୋଷ୍ଠୀରେ ଦଳପତି ବଛା ହେଉଥିଲେ । ତାଙ୍କର ନିର୍ଦ୍ଦେଶରେ ସମସ୍ତେ ଶିକାରକୁ ଯାଉଥିଲେ, ପୁଣି ଯାହା ମାରି ଆଣୁଥିଲେ ତାକୁ ତାଙ୍କର ନିର୍ଦ୍ଦେଶରେ ବାଣ୍ଟି ନେଉଥିଲେ, କାହାର କାହା ସହିତ କଳି ହେଉ ନ ଥିଲା; ଦଳପତିର ନିର୍ଦ୍ଦେଶରେ ମଧ୍ୟ ମଉଜ ଓ ଉତ୍ସବ ହେଉଥିଲା ।

ପ୍ରଥମେ ଗୋଷ୍ଠୀ ଭିତରେ ଯିଏ ସବୁଠାରୁ ଅଭିଜ୍ଞ, ଦକ୍ଷ, ବୁଦ୍ଧିମାନ, ବୀର ତାକୁଇ ଦଳପତି ରୂପେ ବଛା ଯାଉଥିଲା । କ୍ରମେ ଦଳପତି ନରପତିରେ ପରିଣତ ହେଲେ । ଅର୍ଥାତ୍ ଦଳପତି ଆଉ ବଛା ହେଲେ ନାହିଁ । ଦଳପତିର ପୁଅହିଁ ଦଳପତି ହେଲା । ଏହିପରି ଭାବରେ ମନୁଷ୍ୟ ସମାଜରେ ରାଜାମାନଙ୍କର ସୃଷ୍ଟି ହୋଇ-ଥିଲା । କ୍ରମେ କିନ୍ତୁ ଲୋକସାଧାରଣରେ ଏଇ ବିଶ୍ୱାସ ଜାତ ହେଲା ଯେ ରାଜା ଈଶ୍ୱରଙ୍କ ପ୍ରତିନିଧି; ସେ ଆମ ସମସ୍ତଙ୍କଠାରୁ ବାହାରେ ଓ ଉପରେ; ତାଙ୍କର ବଚନହିଁ ଆମର ନିୟମ; ରାଜଦ୍ରୋହ ମହାପାପ ।

ହଜାର ହଜାର ବର୍ଷ ଧରି ଲୋକେ ଏଇପରି ଭାବରେ ରାଜାମାନଙ୍କ ଶାସନ ମାନି ଆସିଲେ । ରାଜା ଯଦି ଉତ୍ତମ ମନୁଷ୍ୟ ହେଲେ, ତେବେ ଶାସନ ଭଲ ହେଲା । ସେ ଖରାପ ହେଲେ, ଶାସନ ଖରାପ ହେଲା । ଏଇପରି ଭାବରେ ସେଇ ଜଣେ ଲୋକର ଭଲମନ୍ଦ ଉପରେ ଲକ୍ଷ ଲକ୍ଷ ଲୋକର ଭାଗ୍ୟ ନିର୍ଭର କରୁଥିଲା । ଲୋକେ ଖଜଣା ଦେବେ, ସେଇ ଖଜଣାର ଶାସନ ଚାଲିବ, ଲୋକେ ଦାରିଦ୍ର୍ୟରେ ସଢୁଥିଲେ ମଧ୍ୟ ରାଜା ଓ ରାଜାର ବନ୍ଧୁମାନେ ଭୋଗ-ବିଳାସରେ ରହିବେ, ଅଥଚ ଏଥିରେ ଲୋକଙ୍କର କିଛି କହିବାର ଅଧିକାର

Digitized by srujanika@gmail.com

ନଥିଲା । ଏହିପରି ଭାବରେ ବହୁ ଶତାବ୍ଦୀ ଚାଲିଲା । କାଳେ ଲୋକେ ଷାଢ଼ିତ୍ରୁଣ୍ଡ କରିବେ, ଏଥିପାଇଁ ସେମାନଙ୍କୁ ମୂର୍ଖ ରଖାଯାଉଥିଲା । ଯେଉଁ କେତୋଟି ପାଠ ପଢୁଥିଲେ ତାଙ୍କୁ ଚାକରୀବାକରୀ, ଜମି-ଜାଗିର ଦେଇ ସନ୍ତୁଷ୍ଟ କରି ରଖା ଯାଇଥିଲା ।

କିନ୍ତୁ ଗତ ଦୁଇ ଶତାବ୍ଦୀ ହେଲା ଛାପାଖାନାର ଉଦ୍ଭାବନ ଓ ପ୍ରସାର ଫଳରେ ଜନସାଧାରଣରେ ଜ୍ଞାନର ଅଦ୍ଭୁତ ପ୍ରସାର ହୋଇଅଛି; ଫଳରେ ଲୋକେ ପୂର୍ବେ ଯାହା ଜାଣି ପାରୁ ନଥିଲେ, ଆଜି ତାହା ଜାଣିଲେ । କ୍ରମେ ଲୋକେ ନିଜର ଦାବୀ ଓ ଅଧିକାର ବିଷୟରେ ଆଲୋଚନା କରିବାକୁ ଲାଗିଲେ । ଲୋକେ ପଚାରିଲେ 'ଆମେ ଖଟୁଛୁ, ଆମେ ଖଜଣା ଦେଉଛୁ, ଅଥଚ ରାଜ୍ୟର ଶାସନରେ ଆମର କହିବାର ଅଧିକାର ନାହିଁ କାହିଁକି ?'

କ୍ରମେ ଏଇ ଆନ୍ଦୋଳନ ଅଧିକରୁ ଅଧିକ ହେଲା । ୟୁରୋପରେ ଇଂଲଣ୍ଡ ଓ ଫ୍ରାନ୍ସ ରାଜ୍ୟର ପ୍ରଜାମାନେ ତତ୍‌କାଳୀନ ରାଜାର ଅତ୍ୟାଚାର ଆଉ ସହି ନ ପାରି ରାଜାକୁ କେବଳ ସିଂହାସନଚ୍ୟୁତ କଲେ ନାହିଁ, ରାଜାକୁ ମାରି ପକାଇଲେ ଏବଂ ରାଜାର ସ୍ଥାନରେ ପ୍ରଜାର ଶାସନ ପ୍ରତିଷ୍ଠିତ କଲେ । ଏଇପରି ଭାବରେ ଜଣ-ତନ୍ତ୍ର ଶାସନ ଯାଇ ଗଣ-ତନ୍ତ୍ର ଶାସନ ପ୍ରବର୍ତ୍ତିତ ହେଲା ।

ବ୍ରିଟିଶ ଚାଲିଯିବା ପରେ ଆମର ପୂଜ୍ୟ ନେତାମାନେ ଆମର ପ୍ରିୟ ମାତୃଭୂମି ଭାରତବର୍ଷରେ ଏଇ ଗଣତନ୍ତ୍ର ଶାସନ ପ୍ରବର୍ତ୍ତିତ କରିଛନ୍ତି । ଓଡ଼ିଶା ଓ ଅନ୍ୟାନ୍ୟ ପ୍ରଦେଶରେ ଯେଉଁ ଶତ ଶତ ଛୋଟ ବଡ଼ ରାଜା ଓ ମହାରାଜାମାନେ ସହସ୍ର ସହସ୍ର ବର୍ଷ ଧରି ପ୍ରଜାମାନଙ୍କ ଉପରେ ସ୍ୱେଚ୍ଛାଚାରୀ-ଶାସନ କରି ଆସୁଥିଲେ, ସେମାନଙ୍କ ହାତରୁ ଶାସନଭାର କାଢ଼ି ନିଆଯାଇଛି । ସମଗ୍ର ଦେଶରେ ଛୋଟବଡ଼

Digitized by srujanika@gmail.com

ହଜାର ହଜାର ଯେଉଁ ଜମିଦାରମାନେ ଥିଲେ ତାଙ୍କଠାରୁ ମଧ୍ୟ ସମ୍ପତ୍ତି ଓ କ୍ଷମତା କାଢ଼ି ନିଆ ଯାଉଛି । ଏହିପରି ଭାବରେ ଆମର ପ୍ରିୟତମ ପ୍ରଧାନ ମନ୍ତ୍ରୀ ଜହରଲାଲ ନେହେରୁଙ୍କ ନେତୃତ୍ୱରେ ଆମ ଦେଶର ଦରିଦ୍ର ସାଧାରଣଙ୍କୁହିଁ ଦେଶର ଓ ଶାସନର ମାଲିକ କରି ଦିଆଯାଉଛି ।

କିନ୍ତୁ ବର୍ତ୍ତମାନ ଆମେ ଆମର ଶାସକ ହେବାରୁ ଆମର ପ୍ରତ୍ୟେକର ଦାୟିତ୍ୱ ବହୁଗୁଣ ବଢି ଯାଇଛି । ପୂର୍ବେ ଜଣେ ଶାସନ କରୁଥିଲା । କିଛି ଖରାପ ହେଲେ ଲୋକେ ତାକୁଇ ଦୋଷ ଦେଉଥିଲେ । ଏବେ ଯେତେବେଳେ ଆମେ ନିଜେ ଶାସନ-ଚାଳକ, ଆମେ ଅନ୍ୟ ଦୋଷ ଦେବା କାହାକୁ ? ବରଂ ଶାସନ ଯଦି ଭଲ ନ ଚାଲେ ତେବେ ଆମର ଦୋଷ ଯୋଗୁଁ ଆମେ ସମସ୍ତେ ଦୁଃଖକଷ୍ଟ ଭୋଗ କରିବା । ତେଣୁ ଗଣତନ୍ତ୍ର ଶାସନର ଦାୟିତ୍ୱ କ'ଣ ତାହା ଭଲକରି ବୁଝିବା ଦରକାର ଏବଂ ବଡ଼ ହେଲେ ଗଣତନ୍ତ୍ର ଶାସନର ଦାୟିତ୍ୱ ମୁଣ୍ଡେଇବାକୁ ହେବ ବୋଲି ଆମ ଦେଶର ପିଲେ ଇସ୍କୁଲ କଲେଜରେ ପଢ଼ିଲା ବେଳୁ ମିଳିମିଶି ଦାୟିତ୍ୱପୂର୍ଣ୍ଣ ଭାବରେ କାମ କରିବାରେ ଅଭ୍ୟସ୍ତ ହେବା ଉଚିତ ।

ଗଣତନ୍ତ୍ର ଶାସନରେ ସମସ୍ତଙ୍କୁ ଉପଯୁକ୍ତ ବ୍ୟକ୍ତି ବାଛିବାକୁ ହୁଏ । ଏହି ବାଛିବାକୁ ଭୋଟ କହନ୍ତି । ଭୋଟରେ ନିର୍ବାଚିତ ପ୍ରତିନିଧି-ମାନେ ଏକାଠି ବସି ଦେଶର ଭଲମନ୍ଦ ବିଚାର କରି ଯାହା କରିବା ଉଚିତ ମନେ କରନ୍ତି, କରିଥାନ୍ତି । ଏହି ଏକାଠି ବସି ବିଚାର କରିବାର ସ୍ଥାନ ହେଉଛି ବ୍ୟବସ୍ଥା ସଭା । ପୁଣି ଯାହା ଠିକ୍ କରାଗଲା ତାକୁ କାର୍ଯ୍ୟରେ ପରିଣତ କରିବାପାଇଁ କେତେ ଜଣ ମନ୍ତ୍ରୀ ବସି ଥାଆନ୍ତି । ପ୍ରତ୍ୟେକ ମନ୍ତ୍ରୀଙ୍କ ହାତରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ରାଜସ୍ୱ ପ୍ରଭୃତି ଏକ ବା ଏକାଧିକ ବିଭାଗ ଥାଏ । ପ୍ରତ୍ୟେକ ମନ୍ତ୍ରୀ ନିଜ ନିଜ

Digitized by srujanika@gmail.com

ବିଭାଗର ତତ୍ତ୍ୱ ନିଅନ୍ତି । ସବୁ ମନ୍ତ୍ରୀଙ୍କ କାମର ତଦାରଖ ପାଇଁ ଜଣେ ମନ୍ତ୍ରୀଙ୍କି ପ୍ରଧାନ ମନ୍ତ୍ରୀ କରାଯାଏ । ପୁଣି କାଳେ ମନ୍ତ୍ରୀମାନେ କିଛି ଅନ୍ୟାୟ କରି ପକାଇବେ ଏହା ପ୍ରତିରୋଧ ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଜଣେ ଗଭର୍ଣ୍ଣର ବା ପ୍ରଦେଶପାଳ ଅଛନ୍ତି ।

ଏ ହେଲା ପ୍ରତ୍ୟେକ ପ୍ରଦେଶର ବ୍ୟବସ୍ଥା । ପ୍ରତ୍ୟେକ ପ୍ରଦେଶରୁ ପ୍ରତିନିଧି ଯାଇ ସେହିପରି ଦିଲ୍ଲୀର ବ୍ୟବସ୍ଥା ସଭାରେ ଠୁଳ ହୁଅନ୍ତି, ସେଠି ମଧ୍ୟ ସେହିପରି ମନ୍ତ୍ରୀ ଓ ପ୍ରଧାନ ମନ୍ତ୍ରୀ ବଛା ହୁଅନ୍ତି । ସମସ୍ତଙ୍କ ଉପରେ ରାଷ୍ଟ୍ରପତି, ସେ ମଧ୍ୟ ଭୋଟ୍ ଦ୍ୱାରା ବଛା ହୁଅନ୍ତି ।

ପାଞ୍ଚବର୍ଷରେ ଥରେ ଭୋଟ ଦେବାର ବ୍ୟବସ୍ଥା ହୋଇଅଛି । ୧୯୫୧ ରେ ଭୋଟ ସରିଛି ; ପୁଣି ୧୯୫୬ ରେ ହେବ । ଆମେ ଯାହାଙ୍କୁ ପ୍ରତିନିଧି କରି ପଠାଇଥିଲୁ, ସେମାନେ କିପରି ଶାସନକାର୍ଯ୍ୟ ଚଳାଇଲେ ତାଙ୍କର ଏହି ପାଞ୍ଚ ବର୍ଷର କାମରୁ ଜଣା ପଡ଼ିବ । ଯିଏ ଭଲ କରି ନ ଥିବେ ୧୯୫୬ ରେ ଲୋକେ ତାଙ୍କୁ ଭୋଟ ଦେବେ ନାହିଁ ।

ତେଣୁ ଆମେ ଯିଏ ଭୋଟ ଦେବା ଓ ଯିଏ ଭୋଟରେ ଯିବେ, ଆମ ଉଭୟଙ୍କର ଦାୟିତ୍ୱ ଅତି ବେଶୀ । ଆମେ କେବଳ ଭଲ ଲୋକଙ୍କୁ ଭୋଟ ଦେବା । ଆମ ପ୍ରତିନିଧି ମଧ୍ୟ ଭଲ ଲୋକ ହୋଇ ଆନ୍ତରିକତାର ସହିତ କାମ କରିବା ଉଚିତ । ପ୍ରତ୍ୟେକ ଲୋକ ବର୍ତ୍ତମାନ ନିଜର ଲାଭ କଥା ନ ଭାବି ଦେଶର ଲାଭ କଥା ଭାବିବା ଉଚିତ । ଦେଶର ମଙ୍ଗଳ ପାଇଁ ନିଜର ସ୍ୱାର୍ଥକୁ ଆନନ୍ଦିତ ଚିତ୍ତରେ ତ୍ୟାଗ କରିବାକୁ ହେବ । ତେବେ ଯାଇ ଗଣତନ୍ତ୍ର ଶାସନ ସୁରୁଖୁରୁରେ ଚାଲିବ ।

—ପ୍ରଶ୍ନ—

(କ) ୧ । ଗଣତନ୍ତ୍ର ଶାସନ କଣ ? କେବେ ଓ କିପରି ଭାବେ ତାହାର ଉତ୍ପତ୍ତି ହେଲା ?

Digitized by srujanika@gmail.com

୨ । ଗଣତନ୍ତ୍ର ଶାସନ କଣ ? ଜଣତନ୍ତ୍ର ଶାସନର କୁଫଳ ଓ ଗଣତନ୍ତ୍ର ଶାସନର ସୁଫଳ ବର୍ଣ୍ଣନ କର ।

୩ । ସ୍କୁଲ୍ କଲେଜରେ ପଢ଼ିଲାବେଳୁଁ ଆମ ଦେଶର ପିଲାମାନେ ମିଳିମିଶି ଦାୟିତ୍ୱପୂର୍ଣ୍ଣ ଭାବରେ କାମ କରିବାରେ ଅଭ୍ୟସ୍ତ ହେବା ଉଚିତ— ଏହି ଗଦ୍ୟାଂଶଟିର ସରଳାର୍ଥ ଲେଖ ।

(ଖ) ୧ । ବିଶେଷ୍ୟକୁ ବିଶେଷଣରେ ଓ ବିଶେଷଣକୁ ବିଶେଷ୍ୟରେ ପରିଣତ କର :—

ସମ୍ଭବ, ନିର୍ଦ୍ଦେଶ, ପରିଣତ, ବିଶ୍ୱାସ, ସନ୍ତୁଷ୍ଟ ।

୨ । ଗୋଟିଏ ଗୋଟିଏ ପଦରେ ପ୍ରକାଶ କର :—

ବୁଦ୍ଧି ଅଛି ଯାହାର, ଶତ ଅବ୍ଦର ସମଷ୍ଟି, ପୂଜାର ଯୋଗ୍ୟ, ନେତାଙ୍କର ଗୁଣ ।

ଜ୍ୟୋତିର୍ବିଦ୍ ଚନ୍ଦ୍ରଶେଖର

କୌଣସି ପୁରସ୍କାରର ଆଶା ବା କୌଣସି ସମ୍ମାନ ପାଇଁ ଲାଳସା ନ ରଖି, କଠୋର ଦାରିଦ୍ର୍ୟ, ରୋଗଯନ୍ତ୍ରଣା ଓ ରାଜ-ଅତ୍ୟାଚାର ମଧ୍ୟରେ କେବଳ ଜ୍ଞାନ ପାଇଁ ଜ୍ଞାନର ଅନୁସନ୍ଧାନ କରିବାରେ ଲୋକ କିପରି ମଗ୍ନ ରହିପାରେ, ଜ୍ଞାନତପସ୍ୱୀ ଚନ୍ଦ୍ରଶେଖର ତାହାର ଉତ୍କୃଷ୍ଟ ଦୃଷ୍ଟାନ୍ତ । ଆମ୍ଭେମାନେ ଗର୍ବ କରିବାର କଥା ଯେ, ସେ ଓଡ଼ିଆ । କାରଣ ଚନ୍ଦ୍ରଶେଖରଙ୍କ ପରି ଜ୍ଞାନତପସ୍ୱୀ ଆମର ଏହି ହତଭାଗ୍ୟ ଓଡ଼ିଶା ଦେଶରେ କାହିଁକି, ସୁସଭ୍ୟ ଦେଶମାନଙ୍କରେ ମଧ୍ୟ ବିରଳ । ପ୍ରତିକୂଳ ଅବସ୍ଥା ଭିତରେ ଚିରକାଳ କଟାଇ ସେ ଯେଉଁ ସାଧନା କରି ଯାଇ ଅଛନ୍ତି ଏବଂ ଯେପରି ସିଦ୍ଧି ଲଭିକରି

Digitized by srujanika@gmail.com

ଅଛନ୍ତି, ତାହା ବିସ୍ମୟକର । କବିବର ରାଧାନାଥ ତାଙ୍କ ସମ୍ବନ୍ଧରେ କହି ଅଛନ୍ତି—

ଉତ୍କଳମାତାର ଯୋଗ୍ୟତମ ସୁତ
ତୁମ୍ଭ ଯୋଗୁଁ ଆମ୍ଭେ ସର୍ବେ ହେଲୁଁ ପୂତ ।

ଏହା ଅତ୍ୟନ୍ତ ସତ୍ୟକଥା । ଚନ୍ଦ୍ରଶେଖରଙ୍କ ଯୋଗୁଁ ଓଡ଼ିଆ ଜାତିର ସମ୍ମାନ ବହୁ ପରିମାଣରେ ବଢି ଯାଇଅଛି । ତେଣୁ ଚନ୍ଦ୍ରଶେଖରଙ୍କର ମରଣ ସମ୍ବାଦ ଶୁଣି ଉତ୍କଳର ତତ୍କାଳୀନ ବିଶିଷ୍ଟ ଲୋକେ କହିଥିଲେ 'ଆମ ସମସ୍ତଙ୍କର ଆୟୁଷ ନେଇ, ସେ ହେଲେ ବଞ୍ଚିଥାନ୍ତେ !' ଯେଉଁ ମା ଏପରି ପୁତ୍ର ଜନ୍ମ କରିବ ସେ ଧନ୍ୟ ।

ଚନ୍ଦ୍ରଶେଖର ୧୮୩୫ ଖ୍ରୀଷ୍ଟାବ୍ଦରେ ଖଣ୍ଡପଡ଼ା ଗଡ଼ଜାତରେ ଜନ୍ମଗ୍ରହଣ କରିଥିଲେ । ଚନ୍ଦ୍ରଶେଖର ମରିବାର ବହୁ ପରେ ଖଣ୍ଡପଡ଼ା ରାଜ୍ୟରେ ଡାକଘର ବସିଥିଲା । ଏଥିରୁ ତାଙ୍କ ଜୀବନ-କାଳରେ ଖଣ୍ଡପଡ଼ା କିପରି ଅନୁନ୍ନତ ଥିଲା ଅନୁମାନ କରାଯାଇ ପାରେ ।

ଚନ୍ଦ୍ରଶେଖର ତତ୍କାଳୀନ ଖଣ୍ଡପଡ଼ା ରାଜାଙ୍କର ନିଜ କକା ଥିଲେ । ବାପର ବଡ ପୁଅ ହୋଇଥିଲେ ସେ ନିଜେ ହୁଏତ ରାଜା ହୋଇଥାନ୍ତେ । ତା ନ ହୋଇଛି ଦେଶର ମଙ୍ଗଳ ପାଇଁ । କାରଣ କେତେ ରାଜା ଅଛନ୍ତି, ମରୁଛନ୍ତି—ତାଙ୍କ ଖବର କିଏ ରଖୁଛି ? କିନ୍ତୁ ଚନ୍ଦ୍ରଶେଖର ଦେଶର ରତ୍ନ । ସେ ବର୍ତ୍ତମାନ ସାରା ଦେଶର ହୃଦୟ-ସିଂହାସନରେ ପୂଜା ପାଉଛନ୍ତି । ଛୋଟ ରାଜ୍ୟର ରାଜସିଂହାସନ ଏ ଗୌରବଲାଭରେ ଅନ୍ତରାୟ ହୋଇଥାନ୍ତା ।

ଚନ୍ଦ୍ରଶେଖର ବାଲ୍ୟକାଳରେ ଓଡ଼ିଆ ଓ ସଂସ୍କୃତ ଉତ୍ତମରୂପେ ଶିକ୍ଷା କରିଥିଲେ । ତାଙ୍କର ଅସାଧାରଣ ସ୍ମରଣଶକ୍ତି ଓ ତୀକ୍ଷ୍ଣ ମେଧା

Digitized by srujanika@gmail.com

ଜ୍ୟୋତିର୍ବିଦ୍ ଚନ୍ଦ୍ରଶେଖର

ପିଲାଦିନରୁ ଜଣାପଡ଼ିଥିଲା । ସେ ଗୁଡ଼ି ଅଳ୍ପବୟସରେ ସଂସ୍କୃତଭାଷାର ନ୍ୟାୟ, ସ୍ମୃତି, ଦର୍ଶନ ଓ କାବ୍ୟାଲଙ୍କାରାଦି ଶାସ୍ତ୍ର ସମୂହ ଅମୃତ

Digitized by srujanika@gmail.com

କରି ପକାଇଥିଲେ । କଥିତ ଅଛି, ନୈଷଧଚରିତ ନାମକ ବିରାଟ ସଂସ୍କୃତ କାବ୍ୟ ତାଙ୍କର ମୂଳରୁ ଶେଷ ଯାଏଁ କଣ୍ଠସ୍ଥ ଥିଲା । ଏଥିରୁ ଜଣାପଡୁଛି ଚନ୍ଦ୍ରଶେଖର ଅନ୍ୟ କିଛି ନକରିଥିଲେହେଁ, ଜଣେ ସଂସ୍କୃତ ଅଧ୍ୟାପକ ଭାବରେ ମଧ୍ୟ ସୁଯଶ ଅର୍ଜନ କରି ପାରିଥାଆନ୍ତେ ।

ଚନ୍ଦ୍ରଶେଖରଙ୍କ ପିତା ଶ୍ୟାମବନ୍ଧୁ ସିଂହ କୋଷ୍ଠୀ ଗଣନାରେ ବ୍ୟୁତ୍ପନ୍ନ ଥିଲେ । ସେ ତରୁଣ ପୁତ୍ରଙ୍କର ମେଧା ଦେଖି ତାଙ୍କୁ ଏହି ଗଣନା କାର୍ଯ୍ୟରେ ପ୍ରବିଷ୍ଟ କରାଇଥିଲେ । ସେତେବେଳକୁ ଚନ୍ଦ୍ରଶେଖରଙ୍କର ବୟସ ଚଉଦ ପନ୍ଦର । ଶ୍ୟାମବନ୍ଧୁ, ଫଳିତ ଜ୍ୟୋତିଷରେ ଲଗ୍ନନିରୂପଣାଦି ପାଇଁ ଯେତିକି ଦରକାର, ଚଉଦ ବର୍ଷର ଚନ୍ଦ୍ରଶେଖରଙ୍କୁ ସେହି ମୁତାବକ ଆକାଶର କେତୋଟି ଗ୍ରହ ନକ୍ଷତ୍ରଙ୍କୁ ଚିହ୍ନାଇ ଦେଇଥିଲେ । ହୁଏତ ଶ୍ୟାମବନ୍ଧୁଙ୍କ ସେତିକି ମାତ୍ର ଇଚ୍ଛା ଥିଲା । କିନ୍ତୁ ଜ୍ଞାନବୁଭୁକ୍ଷୁ ଚନ୍ଦ୍ରଶେଖରଙ୍କୁ ସେ ମାଗିଆଣିଲା ଡାଅଣ୍ଡି ଅଣ୍ଟୁଛି କେତେବେଳେ ? ସେ ନିଜ ଜ୍ଞାନର ପରିସର ବଢ଼ାଇବା ପାଇଁ ନିଜେ ଲାଗିଗଲେ । ତାଙ୍କ ଘରେ ଓଡ଼ିଆ ଅକ୍ଷରରେ ଓ ତାଳପତ୍ରରେ ଲେଖା ଭାରତୀୟ ଜ୍ୟୋତିଃଶାସ୍ତ୍ରର କେତେଖଣ୍ଡି ଗ୍ରନ୍ଥ ଥିଲା । ସେ ସବୁ ସୁକଠିନ ସଂସ୍କୃତରେ ଲେଖା ଏବଂ ଅଭିଜ୍ଞ ଗୁରୁ ବିନା ସେ ସବୁ ଆୟତ୍ତ କରିବାର ବାସନା ସାଧାରଣ ଲୋକ ପକ୍ଷରେ ବାତୁଳତା ବୋଲି ଧରାଯିବ । କିନ୍ତୁ ତରୁଣ ଚନ୍ଦ୍ରଶେଖର ବିନା ଗୁରୁରେ ସେହି କଠିନ ଶାସ୍ତ୍ର ସବୁ ଅଳ୍ପ ସମୟ ମଧ୍ୟରେ ଆୟତ୍ତ କରି ପକାଇଲେ । ଗ୍ରହ ନକ୍ଷତ୍ରମାନଙ୍କର ପାରସ୍ପରିକ ଦୂରତା ଓ ଆକାଶମଣ୍ଡଳରେ ଗତି ଓ ଅବସ୍ଥାନ ପ୍ରଭୃତି ସଠିକ ନିରୂପଣ କରିବା ଲାଗି ଯନ୍ତ୍ର ଦରକାର । ପ୍ରାଚୀନ ଶାସ୍ତ୍ରମାନଙ୍କରେ ଏହି ପ୍ରକାର ଯନ୍ତ୍ର କେତୋଟି ନିର୍ମାଣ କରିବାର ପ୍ରଣାଳୀ ବର୍ଣ୍ଣିତ ଥିଲା । ଚନ୍ଦ୍ରଶେଖର ସେହି

Digitized by srujanika@gmail.com

ଅନୁସାରେ ନିଜ ହାତରେ ଯନ୍ତ୍ର ତିଆରି କରି ଗ୍ରହ ନକ୍ଷତ୍ରମାନଙ୍କୁ ପର୍ଯ୍ୟବେକ୍ଷଣ କରିବାକୁ ଲାଗିଲେ ।

ଗ୍ରହନକ୍ଷତ୍ରର ପର୍ଯ୍ୟବେକ୍ଷଣ କରି ଚନ୍ଦ୍ରଶେଖର ଦେଖିଲେ ଯେ ପ୍ରାଚୀନ ଭାରତୀୟ ଜ୍ୟୋତିଃଶାସ୍ତ୍ରମାନଙ୍କରେ ଗ୍ରହାଦିର ଅବସ୍ଥାନ ଯାହା ନିର୍ଦ୍ଦିଷ୍ଟ ଅଛି, ତାହା ସଙ୍ଗେ ତାଙ୍କର ନିରୂପଣ ମେଳ ଖାଉ ନାହିଁ । ବହୁ ଶତାବ୍ଦୀ ପରେ ଗ୍ରହମାନଙ୍କର ଗତି ଫଳରେ ଗଣନାରେ ପାର୍ଥକ୍ୟ ଯେ ଆସିବ, ପ୍ରାଚୀନ ଜ୍ୟୋତିର୍ବିଦ୍‌ମାନେ ତାହାର ସୂଚନା ମଧ୍ୟ ଦେଇଥିଲେ । ଭାରତର ବିଖ୍ୟାତ ଜ୍ୟୋତିର୍ବିଦ୍ ଭାସ୍କରାଚାର୍ଯ୍ୟଙ୍କ ପରେ ଆଠଶ ବର୍ଷ ଚାଲିଯାଇ ଥିଲା । କିନ୍ତୁ କୌଣସି ଭାରତୀୟ ଜ୍ୟୋତିଷୀ ଏ ପ୍ରକାର ଆକାଶ-ପରୀକ୍ଷାରେ ମନ ଦେଇ ନଥିଲେ । ଫଳରେ ସାଧାରଣ ପାଞ୍ଜି ଗଣନାରେ ମଧ୍ୟ ବିଷମ ବିଭ୍ରାଟ ଘଟୁଥିଲା । ଏକ ତିଥି ବା ପୁଣ୍ୟାହ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଦିନରେ ପାଳିତ ହେଉଥିଲା । ଚନ୍ଦ୍ରଶେଖର ଏ ସବୁର ସମାଧାନ ପାଇଁ ନିଜର ପରୀକ୍ଷାର ଫଳ ସବୁ ଟିପି ରଖିବାକୁ ଲଗିଲେ । କିନ୍ତୁ ଏ ସହଜ କାର୍ଯ୍ୟ ନୁହେଁ । ୟୁରୋପ ପ୍ରଭୃତି ସଭ୍ୟ ଦେଶରେ ଏ ସବୁପାଇଁ କୋଟି କୋଟି ଟଙ୍କା ବ୍ୟୟରେ ମାନମନ୍ଦିରସବୁ ନିର୍ମିତ ରହିଅଛି ଏବଂ ବୈଜ୍ଞାନିକମାନେ ବହୁମୂଲ୍ୟ ଯନ୍ତ୍ରାଦି ବ୍ୟବହାର କରିବାକୁ ପାଆନ୍ତି । ପ୍ରତ୍ୟେକ ପ୍ରସିଦ୍ଧ ବୈଜ୍ଞାନିକଙ୍କର ଅନେକ ସହକାରୀ ରହିଥାନ୍ତି ଏବଂ ସମସ୍ତେ ସ୍ୱ ସ୍ୱ ରାଜ ସରକାରଦ୍ୱାରା ଉଚ୍ଚ-ବେତନରେ ପାଳିତ ଓ ଉତ୍ସାହିତ ହୋଇଥାନ୍ତି ।

ଚନ୍ଦ୍ରଶେଖରଙ୍କର ଏହି ସବୁ ସୁବିଧାରୁ ଗୋଟିଏ ଥିଲେ ସେ ନିଜକୁ ଭାଗ୍ୟବାନ ମନେ କରି ଥାଆନ୍ତେ ଏବଂ ଦେଶ ମଧ୍ୟ ଧନ୍ୟ ହୋଇଥାନ୍ତା, କାରଣ ସେ ଯାହା କରିଯାଇ ଅଛନ୍ତି ତାହାଠାରୁ ବହୁ

Digitized by srujanika@gmail.com

ଅଧିକ ସିଦ୍ଧି ସେ ଦେଖାଇ ପାଇଥାନ୍ତେ । ପ୍ରତିକୂଳ ଅବସ୍ଥାରେ ପଡ଼ି ତାଙ୍କର ଅସାଧାରଣ ପ୍ରତିଭା ଏକ ପ୍ରକାର ନଷ୍ଟ ହୋଇଗଲା । ତାଙ୍କର ମାନ ମନ୍ଦିର କାହୁଁ ଆସିବ ? ସେ ନିଜ ଘରର ଗୁଳ କଣା କରି ରାତି ରାତି ଉନିଦ୍ର ରହି ବିନା ଯନ୍ତ୍ରରେ, କେବଳ ଚର୍ମଚକ୍ଷୁ ସାହାଯ୍ୟରେ ବର୍ଷ ବର୍ଷ ଧରି ଗ୍ରହମାନଙ୍କୁ ପର୍ଯ୍ୟବେକ୍ଷଣ କରିଥିଲେ । ଏ କାର୍ଯ୍ୟ ସକାଶେ କାହାଠୁଁ ବା ସାହାଯ୍ୟ ସେ ପାଇବେ ? କାରଣ ଅନୁନ୍ନତ ଖଣ୍ଡପଡ଼ାରେ କଠିନ ଗଣିତ ଜ୍ୟୋତିଷ ଜାଣିବାର ଦ୍ୱିତୀୟ ବ୍ୟକ୍ତି ନ ଥିଲେ । ରାଜସରକାରରୁ ବେତନ ପାଇବା ତ ଦୂରର କଥା, ରାଜବଂଶୀୟ ହୋଇ ନାହାକମାନଙ୍କ ପରି ଜ୍ୟୋତିଷ ବିଦ୍ୟାରେ ସବୁବେଳେ ମାତିଥିବାରୁ ତାଙ୍କ ପ୍ରତି ରାଜା, ଖଣ୍ଡପଡ଼ାର ତତ୍କାଳୀନ ରାଜା, ତାଙ୍କୁ ତାଚ୍ଛଲ୍ୟ କରିବାକୁ ଲାଗିଲେ ଏବଂ ପରେ ଯେତେବେଳେ ଚନ୍ଦ୍ରଶେଖରଙ୍କ ଯଶ ଚାରିଆଡ଼େ ବ୍ୟାପିଲା, ହିଂସା ଓ ମୂର୍ଖତାରେ ରାଜା ତାଙ୍କପ୍ରତି ଅତ୍ୟାଚାର କରିବାକୁ ଲାଗିଲେ । ଚନ୍ଦ୍ରଶେଖରଙ୍କର ବଡ଼ କୁଟୁମ୍ବ, ପୁଣି ସେ ରାଜବଂଶୀୟ । ସାମାଜିକ ଆଡ଼ମ୍ବର ତାଙ୍କୁ ରଖିବାକୁ ହେଉଥିଲା । ରାଜାଙ୍କଠାରୁ ବାର୍ଷିକ କେତେ ଧାନ ପାଇବା ଛଡ଼ା ତାଙ୍କର ଅନ୍ୟ ଅର୍ଜନ ନ ଥିଲା । ଫଳରେ ଚନ୍ଦ୍ରଶେଖର, ବାପାଙ୍କ ମୃତ୍ୟୁ ପରେ, ନିଜର ପରିବାର ଚଳେଇବା ପାଇଁ କରଜ କରି କରି ଶେଷକୁ ଏପରି ଋଣଗ୍ରସ୍ତ ହେଲେ ଯେ, ଋଣଚିନ୍ତା ତାଙ୍କୁ ବେଳେ-ବେଳେ କ୍ଷିପ୍ତ କରି ପକାଉ ଥିଲା । ଏଣେ ପୁଣି ବର୍ଷ ବର୍ଷ ଧରି ରାତି ଜାଗରଣ ଫଳରେ ତାଙ୍କ ଦେହରେ ଘୋର ଯନ୍ତ୍ରଣାଦାୟକ ଶୂଳରୋଗ ବାହାରି ତାଙ୍କୁ ଜୀବନ୍ମୃତ କରି ପକାଇଲା । ତାଙ୍କର ଅସାଧାରଣ ପ୍ରତିଭା କିପରି ଅସ୍ଥାନରେ ପଡ଼ିଥିଲା ବର୍ତ୍ତମାନ ସହଜରେ ବୁଝାଯିବ ।

Digitized by srujanika@gmail.com

କିନ୍ତୁ ସମସ୍ତ ବାଧା ସହିତ ସଂଗ୍ରାମ କରି କରି ଚନ୍ଦ୍ରଶେଖର ନିଜର ଆଦର୍ଶ ଆଡ଼କୁ ମାଡ଼ି ଚାଲିଲେ । ୨୩ ବର୍ଷ ବୟସରେ ନିଜର ଟିପାଟିପିସବୁ ସେ ସୁକଠିନ ସଂସ୍କୃତ ଶ୍ଳୋକରେ ଲେଖିବାକୁ ଆରମ୍ଭ କଲେ । ଦୀର୍ଘ ସାତ ବର୍ଷ ପରେ ସେ ଲିପିବଦ୍ଧ ଶ୍ଳୋକ-ମାଳାକୁ 'ସିଦ୍ଧାନ୍ତ ଦର୍ପଣ' ନାମରେ ଅଭିହିତ କଲେ । ଏହାହିଁ ତାଙ୍କର କଠିନ ସାଧନାର ସିଦ୍ଧି । ଏହି ଗ୍ରନ୍ଥ ପ୍ରଦତ୍ତ ଗଣନାନୁସାରେ ପଞ୍ଜିକାର ତଥ୍ୟବିଭ୍ରାଟ ଆଉ ଘଟିଲା ନାହିଁ । ଚନ୍ଦ୍ରଶେଖରଙ୍କ ଗଣନାର ବିଶୁଦ୍ଧତା ବୁଝିପାରି ତାଙ୍କକୃତ ପାଞ୍ଜି ପୁରୀ ଦେଉଳରେ ଗୃହୀତ ହେଲା । ଏହା-ପରେ ଚନ୍ଦ୍ରଶେଖରଙ୍କ ଯଶ ଚାରିଆଡ଼େ ଖେଳିବାରୁ ଉତ୍କଳର ଚାରିଆଡ଼ୁ ବୁଦ୍ଧିମାନ ଛାତ୍ରସବୁ ତାଙ୍କର ଶିଷ୍ୟ ହେବାକୁ ଆସିଲେ ।

ତଥାପି ଉତ୍କଳର ଇଂରାଜୀ ଶିକ୍ଷିତ ସମାଜରେ ଚନ୍ଦ୍ରଶେଖର ସେ ପର୍ଯ୍ୟନ୍ତ ଅପରିଚିତ ଥିଲେ । ଚନ୍ଦ୍ରଶେଖର ବଡ଼ ସରଳ ପ୍ରକୃତିର ଲୋକ ଥିଲେ । ସେ କେବେ ହେଲେ ଧାରଣା କରି ନ ଥିଲେ ଯେ, ତାଙ୍କ ଗ୍ରନ୍ଥର କିଛି ବିଶେଷ ମୂଲ୍ୟ ଅଛି, ବା ସେ ବିଶେଷ ଖ୍ୟାତି ପାଇବାର ଯୋଗ୍ୟ । ଉତ୍କଳର ଭାଗ୍ୟକୁ କିଛିଦିନ ପରେ ରାଧାନାଥ ସ୍କୁଲ୍-ଇନ୍‌ସ୍ପେକ୍ଟର ଭାବରେ ଖଣ୍ଡପଡ଼ା ଯାଇ ଚନ୍ଦ୍ରଶେଖରଙ୍କର ପରିଚୟ ପାଇଲେ ଏବଂ ତାଙ୍କର ପାଣ୍ଡିତ୍ୟ, ମେଧା, ଓ ପ୍ରତିଭାରେ ବିସ୍ମିତ ହୋଇ ଶିକ୍ଷିତ ସମାଜରେ ତାଙ୍କର ଯଶ ପ୍ରଚାର କଲେ । ୧୮୮୮ ଖ୍ରୀଷ୍ଟାବ୍ଦରେ ଭାରତୀୟ ପଞ୍ଜିକାମାନଙ୍କର ବିଭ୍ରାଟ ସବୁ ଅନୁସନ୍ଧାନ କରିବା ପାଇଁ ଏକ କମିଟି ବସିଲା । ଏହି କମିଟି ଚନ୍ଦ୍ରଶେଖରଙ୍କ ନାମ ଶୁଣି କଟକ ଆସିଲେ ଏବଂ ତାଙ୍କୁ ଖଣ୍ଡପଡ଼ାରୁ କଟକ ଆଣା-ହେଲା । କମିଟିର ମେମ୍ବରମାନଙ୍କ ସହ, କଟକ କଲେଜର ତତ୍କାଳୀନ ବିଜ୍ଞାନାଧ୍ୟାପକ ଶ୍ରୀଯୁକ୍ତ ଯୋଗେଶଚନ୍ଦ୍ର ରାୟଙ୍କର

Digitized by srujanika@gmail.com

ଚନ୍ଦ୍ରଶେଖରଙ୍କ ସହିତ ଏହିଠାରେ ପରିଚୟ ହେଲା । ଯୋଗେଶ ବାବୁ ଚନ୍ଦ୍ରଶେଖରଙ୍କୁ ସାଧାରଣ ନାହାକ ବୋଲି ଭାବିଥିଲେ, କିନ୍ତୁ ତାଙ୍କର ପ୍ରତିଭାର ପରିଚୟ ପାଇ କଲେଜରୁ ଛୁଟି ନେଇ ତାଙ୍କ ସଙ୍ଗେ ଜ୍ୟୋତିଷଚର୍ଚ୍ଚା କରିବାକୁ ଲାଗିଲେ । ଯୋଗେଶଚନ୍ଦ୍ର ଚନ୍ଦ୍ରଶେଖରଙ୍କ 'ସିଦ୍ଧାନ୍ତଦର୍ପଣ'ର ମୂଲ୍ୟ ବୁଝିପାରି ତାହାର ମୁଦ୍ରଣ ବିଷୟରେ ମଧ୍ୟ ଯତ୍ନ କଲେ ଏବଂ ଆଠମଲ୍ଲିକ ରାଜାଙ୍କର ଆନୁକୂଲ୍ୟରେ ତାହା ଯୋଗେଶ ବାବୁଙ୍କ ୮୦ ପୃଷ୍ଠାବ୍ୟାପୀ ଇଂରେଜୀ-ଭୂମିକା ସହ ୧୮୯୯ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୁଅନ୍ତେ, ଚନ୍ଦ୍ରଶେଖରଙ୍କ ଯଶ ସମଗ୍ର ଭାରତ, ୟୁରୋପ ଓ ଅନ୍ୟ ସଭ୍ୟ ଦେଶମାନଙ୍କର ପଣ୍ଡିତ-ମଣ୍ଡଳରେ ଖେଳିଗଲା । ଚନ୍ଦ୍ରଶେଖର ଅବ୍ରାହ୍ମଣ ହେଲେହେଁ ବ୍ରିଟିଶ ସରକାର ତାଙ୍କୁ ମହାମହୋପାଧ୍ୟାୟ ଉପାଧି ଦାନ କଲେ ଏବଂ ତାଙ୍କର ଦାରିଦ୍ର୍ୟ ନିବାରଣ ପାଇଁ ମାସିକ ୫୦ ଟଙ୍କାର ବୃତ୍ତି ଖଞ୍ଜି ଦେଲେ ।

ଚନ୍ଦ୍ରଶେଖରଙ୍କର ଜନ୍ମ-ଶତବାର୍ଷିକୀ ଉତ୍ସବବେଳେ ଅଧ୍ୟାପକ ଯୋଗେଶଚନ୍ଦ୍ର ତାଙ୍କ ସମ୍ବନ୍ଧରେ ଲେଖିଥିଲେ 'ସେ ଖଣ୍ଡପଡ଼ା ରାଜାଙ୍କର ପିତୃବ୍ୟ ପୁତ୍ର' ଥିଲେ । 'କିଏ ଜାଣିଥିଲା ଯେ ସେ ଆଜୀବନ ଜ୍ୟୋତିଷଚର୍ଚ୍ଚା କରିବେ ଏବଂ ପରିଶ୍ରମ, ଅଧ୍ୟବସାୟ, ତୀକ୍ଷ୍ଣ ବୁଦ୍ଧି, ଗ୍ରହବେଧ ଓ ଗଣିତ-ନୈପୁଣ୍ୟଦ୍ୱାରା ଯଶସ୍ୱୀ ହେବେ ? ···ପରନ୍ତୁ ଜ୍ୟୋତିର୍ବିଦ୍ୟା ଆଲୋଚନା ହେତୁ ଖଣ୍ଡପଡ଼ା ରାଜ୍ୟରେ ସେ ଅବଜ୍ଞାର ପାତ୍ର ହୋଇଥିଲେ । ଲୋକେ ତାଙ୍କର କର୍ମର ମହତ୍ତ୍ୱ ବୁଝୁ ନ ଥିଲେ; ମନେ କରୁଥିଲେ ସେ ବାତୁଳ ହୋଇ ଦିନ ଦିନ ଓ ରାତି ରାତି ଗ୍ରହ-ନକ୍ଷତ୍ର-ଦର୍ଶନ କର୍ମରେ ବୃଥା କାଳକ୍ଷେପ କରୁଅଛନ୍ତି । ତାଙ୍କର ସେହି ଉଦଘାଟନୀତା ପାଇଁ ହିଁ ଆମେ ଆଜ ତାଙ୍କୁ ସ୍ମରଣ

Digitized by srujanika@gmail.com

କରୁଅଛୁଁ ।···ତାଙ୍କର କୃତିତ୍ୱ ଅସାଧାରଣ । ସେ ଯେ ପାଶ୍ଚାତ୍ୟ ଜ୍ୟୋତିଷର ସାହାଯ୍ୟ ନ ନେଇ ଗ୍ରହ-ଗତି ବିଷୟକ ସଂସ୍କାର ସ୍ୱୟଂ ଆବିଷ୍କାର କରିଛନ୍ତି ଏକଥା କେହି କେହି ବିଶ୍ୱାସ କରି ପାରୁ ନାହାନ୍ତି ।···ପାଶ୍ଚାତ୍ୟ-ଆଲୋକବର୍ଜିତ ଜାଙ୍ଗଲ ରାଜ୍ୟରେ ସେ ଜୀବନ ଯାପନ କରିଥିଲେ । ସତାବନ ବର୍ଷ ବୟସରେ ସେ ପ୍ରଥମେ କଟକ ନଗର ଦେଖିଥିଲେ । ତାଙ୍କର ଯନ୍ତ୍ର ମଧ୍ୟ ଦକ୍ଷ କର୍ମକାର ଦ୍ୱାରା ନିର୍ମିତ ନୁହେଁ । ସେ ଗୁରୁର ଉପଦେଶ ପାଇ ନାହାନ୍ତି ; ନିଜର ପ୍ରତିଭା ବୁଦ୍ଧିବଳରେ କଠିନ ଗଣିତ ଓ ବେଧକ୍ରମ ଶିଖିଥିଲେ । ସେ ତାଙ୍କର ଗନ୍ତବ୍ୟ ପଥର ଯାବତୀୟ ବିଘ୍ନ ଅତିକ୍ରମ କରି ସ୍ୱୟଂସିଦ୍ଧ ହୋଇଥିଲେ ଏବଂ ଆମର ଆଦର୍ଶ ହୋଇ ଚିରକାଳ ବରେଣ୍ୟ ରହିବେ··· । ଚର୍ମଚକ୍ଷୁ କେବେ ଯନ୍ତ୍ର-ଚକ୍ଷୁର ସମକକ୍ଷ ହୋଇ ପାରିବ ନାହିଁ । ଏହି କାରଣରୁ ତାଙ୍କର ଆବିଷ୍କାର ପାଶ୍ଚାତ୍ୟ ଜ୍ୟୋତିର୍ଗଣିତପରି ସୂକ୍ଷ୍ମ ହୋଇ ପାରି ନାହିଁ । କିନ୍ତୁ ଏହା ଯନ୍ତ୍ରର ପ୍ରଭେଦ, ଯନ୍ତ୍ରୀର ପ୍ରଭେଦ ନୁହେଁ । ଚର୍ମ ଚକ୍ଷୁ ଦ୍ୱାରା ତାଙ୍କର ଦେଶ ଓ କାଳରେ ସେ ଅସାଧ୍ୟ ସାଧନ କରିଯାଇ ଅଛନ୍ତି ।”

“୧୯୦୪ ସାଲର ଜୁନ୍ ୧୦ ତାରିଖରେ ଚନ୍ଦ୍ରଶେଖର ନୀଳା-ଚଳରେ ଇହଲୋକ ତ୍ୟାଗ କରିଅଛନ୍ତି । ···ତାଙ୍କର ବାଳକସୁଲଭ ସରଳତା, ଅହଂକାରହୀନତା, ଧୀରତା ଓ ନମ୍ରତା ସମସ୍ତଙ୍କୁ ମୁଗ୍ଧ କରୁଥିଲା । ସେ ନାନା ଶାସ୍ତ୍ରରେ ପଣ୍ଡିତ ଥିଲେ, କିନ୍ତୁ କଥାବାର୍ତ୍ତାରେ କିଛି ପ୍ରକାଶ ପାଉ ନଥିଲା । ସେ ଯେ ସରକାରଙ୍କଠାରୁ ‘ମହାମହୋ-ପାଧ୍ୟାୟ’ ଉପାଧି ପାଇବେ, ଏହା ତାଙ୍କର କଳ୍ପନାକୁ ମଧ୍ୟ ଆସି ନଥିଲା । ଷାଠିଏ ବର୍ଷ ବୟସରେ ମଧ୍ୟ ସେ ଜାଣି ନଥିଲେ ଯେ ତାଙ୍କର ଗ୍ରନ୍ଥ କେବେ ମୁଦ୍ରିତ ଓ ସୁଧୀସମାଜରେ ଆଦୃତ ହେବ ।

Digitized by srujanika@gmail.com

ସେ ତାଙ୍କର ଆଜୀବନ ପରିଶ୍ରମର ଫଳ ଶ୍ରୀକୃଷ୍ଣଙ୍କୁ ଅର୍ପଣ କରିଯାଇ-ଅଛନ୍ତି । ଏହି ନିଷ୍କାମକର୍ମଯୋଗୀ ଆମ୍ଭମାନଙ୍କର ଚିରଦିନ ନମସ୍ୟ ହୋଇ ରହିବେ ।”

—ପ୍ରଶ୍ନ—

(କ) ୧ । କବିବର ରାଧାନାଥ ଚନ୍ଦ୍ରଶେଖରଙ୍କ ସମ୍ବନ୍ଧରେ କ'ଣ ଲେଖିଯାଇଛନ୍ତି ?

୨ । ଚନ୍ଦ୍ରଶେଖରଙ୍କୁ ଜ୍ଞାନତପସ୍ୱୀ କାହିଁକି କୁହାଯାଏ ?

୩ । ସଂସ୍କୃତଶିକ୍ଷା ଚନ୍ଦ୍ରଶେଖରଙ୍କୁ ଜ୍ୟୋତିଷ ଆଲୋଚନାରେ କିପରି ସାହାଯ୍ୟ କରିଥିଲା ?

୪ । ଏକ ତିଥି ବା ପର୍ବ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଦିନରେ ପାଳିତ ହେଉଥିଲା କାହିଁକି ?

୫ । ଚନ୍ଦ୍ରଶେଖରଙ୍କୁ କି କି ପ୍ରତିକୂଳ ଅବସ୍ଥା ମଧ୍ୟରେ ଥାଇ ଜ୍ୟୋତିଷ ଆଲୋଚନା କରିବାକୁ ହୋଇଥିଲା ।

୬ । ଦେଶବାସୀ ଚନ୍ଦ୍ରଶେଖରଙ୍କୁ କାହିଁକି ଆଜୀବନ ସ୍ମରଣ କରୁଥିବେ ?

୭ । “ସେ ବର୍ତ୍ତମାନ ସାରା ଦେଶର ହୃଦୟ-ସିଂହାସନରେ ପୂଜା ପାଉଛନ୍ତି” ଏହାର ସରଳାର୍ଥ ଲେଖ ।

(ଖ) ୧ । ପାଶ୍ଚାତ୍ୟ ଆଲୋକବର୍ଜିତ, ତଦ୍‌ଗତଚିତ୍ତତା, ଚର୍ମଚକ୍ଷୁ, ମାନମନ୍ଦିର, ନିଷ୍କାମକର୍ମ, ମର୍ହଟି ଅମଳ—ପ୍ରତ୍ୟେକର ସୁସ୍ପଷ୍ଟ ଓ ସରଳ ବ୍ୟାଖ୍ୟା କର ।

୨ । ନିଷ୍କାମ, ଅସାଧ, ପଣ୍ଡିତ— ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ଦିଅ ।

Digitized by srujanika@gmail.com

୩ । ଜ୍ଞାନ, ସ୍ଥାନ—ଏ ପ୍ରତ୍ୟେକେ ଯେଉଁ ଧାତୁରୁ ନିଷ୍ପନ୍ନ ସେହି ସେହି ଧାତୁନିଷ୍ପନ୍ନ ଆଉ ୪ଟି ଲେଖାଁଏ ଶବ୍ଦ ଲେଖ ।

୪ । ଶେଷ ଅନୁଚ୍ଛେଦରେ ଥିବା—ନୀଳାଚଳରେ, ଇହଲୋକ, ସରକାରଙ୍କଠାରୁ, ଗ୍ରନ୍ଥ ଓ ଶ୍ରୀକୃଷ୍ଣଙ୍କୁ— ପଦଗୁଡ଼ିକର ଅନ୍ୱୟ କର ।

୫ । ଏକପଦରେ ପରିଣତ କର—ଯେ ଯୋଗ ସାଧନ କରନ୍ତି; ଭାଗ୍ୟ ଅଛି ଯାହାର, ଗୁଣ ଅଛି ଯାହାର, ବୁଦ୍ଧି ଅଛି ଯାହାର ।

ଆତଥେୟତା

(ଗ୍ରୀକ୍ ଗଳ୍ପ)

ଦେବରାଜ ଜୁପିଟର୍ ଓ ଦେବଦୂତ ମର୍କ୍ୟୁରି ମାନବମାନଙ୍କର ଗତିବିଧି ଲକ୍ଷ୍ୟ କରିବା ଲାଗି, ଦିନେ ପୃଥିବୀକୁ ଅବତରଣ କଲେ । ମନୁଷ୍ୟମାନଙ୍କ ସହିତ ଅବାଧରେ ମିଶି ପାରିବା ଲାଗି ସେମାନଙ୍କୁ ମନୁଷ୍ୟ ଶରୀର ଗ୍ରହଣ କରିବାକୁ ହେଲା । କିନ୍ତୁ ଜୁପିଟରଙ୍କ ବାଣୀରେ ବଜ୍ରର ଗମ୍ଭୀର ନିର୍ଘୋଷ ଓ ମର୍କ୍ୟୁରିଙ୍କ ପାଦପାତରେ ପବନର ଚପଳତା ରହିଯାଇଥିଲା ।

ସେମାନେ ଭ୍ରମଣ କରି କରି କ୍ଲାନ୍ତ ହେଲା ପରେ, ଗୋଟିଏ ଉପତ୍ୟକାର କ୍ଷୁଦ୍ର ଗ୍ରାମରେ ପ୍ରବେଶ କଲେ । ସେତେବେଳକୁ ସୂର୍ଯ୍ୟ ଅସ୍ତ ହୋଇଆସୁଥିଲେ ଏବଂ ଅପରିଚିତ ଯାତ୍ରୀଯୁଗଳ ରାତିବାସ ଓ ଭୋଜନ ଲାଗି ଅଧିବାସୀମାନଙ୍କର ଦ୍ୱାରେ ଦ୍ୱାରେ ଉପସ୍ଥିତ ହେବାକୁ ଲାଗିଲେ ।

Digitized by srujanika@gmail.com

କିନ୍ତୁ ଆଶ୍ରୟ ଦେବା ଦୂରେ ଥାଉ, ପ୍ରତ୍ୟେକ ଗୃହସ୍ଥ ସେମାନଙ୍କୁ ଚୌର-ତସ୍କର ପରି ଦ୍ୱାରଦେଶରୁ ବିତାଡ଼ିତ କରିବାକୁ ଲାଗିଲେ ଏବଂ ସେମାନଙ୍କର ବାଳକ ବାଳିକାମାନେ ଅଭ୍ୟାଗତମାନଙ୍କୁ ଧୂଳି-ପଥର ନିକ୍ଷେପ ଓ ଉତ୍ତେଜିତ ଶ୍ୱାନମାନଙ୍କଦ୍ୱାରା ବିପର୍ଯ୍ୟସ୍ତ କରି ଆତିଥେୟତାର ପରାକାଷ୍ଠା ଦେଖାଇଲେ ।

ଉପତ୍ୟକାର ଅଦୂରରେ ଗୋଟିଏ କୁଟୀର । ସେହି କୁଟୀରରେ ଦୁଇଟି ବୃଦ୍ଧ ଓ ବୃଦ୍ଧା, ଉପତ୍ୟକାର ହିଂସ୍ର ଜନତାଠାରୁ ଦୂରରେ ରହି ନିଃସମ୍ପର୍କଭାବରେ ବାସ କରୁଥାନ୍ତି । ସମଗ୍ର ଗ୍ରାମରେ ଏହି ବୃଦ୍ଧ ବୃଦ୍ଧାହିଁ ଦୂରାଗତ, ଅପରିଚିତ, ପାନ୍ଥ ଓ ଅତିଥିମାନଙ୍କର ଏକମାତ୍ର ଆଶ୍ରୟ ଥିଲେ । ଦରିଦ୍ର ହେଲେହେଁ ଅଭ୍ୟାଗତ ଲାଗି ସେମାନଙ୍କର ଅଦେୟ କିଛି ନ ଥିଲା । ସେହି ସନ୍ଧ୍ୟାରେ କୁଟୀରର ଅଳିନ୍ଦରେ ବୃଦ୍ଧ ଦମ୍ପତି ବିଶ୍ରାମ କରୁଥିଲେ । ଉପତ୍ୟକାର କୋଳାହଳ ଶୁଣି ବୃଦ୍ଧ ଫିଲୋମନ୍, ବୃଦ୍ଧା ବଶୀଶ୍‌କୁ ଡାକି କହିଲା, 'ଆସ ଦେଖିବା, କାହିଁକି ଏ କୋଳାହଳ ! ବୋଧହୁଏ, କୌଣସି ଅତିଥିକୁ ସେହି ଦୁଷ୍ଟ ଲୋକଗୁଡ଼ାକ ବିପନ୍ନ କରୁ ଅଛନ୍ତି ।' ଏହା କହି ସେମାନେ କୁଟୀର-ଠାରୁ କିଛିଦୂର ଯାଆନ୍ତେ, ସେହି ଦେବଅତିଥିମାନଙ୍କୁ ଉପତ୍ୟକାରୁ ବାହାରିବାର ଦେଖିଲେ । ସେମାନଙ୍କର ପଶ୍ଚାଦ୍ଦେଶରେ ଗ୍ରାମର ସକଳ ଅସଭ୍ୟ ବାଳକବାଳିକାମାନଙ୍କର କ୍ରୂର ପରିହାସ ଲାଗି ରହିଥିଲା ।

ବୃଦ୍ଧ ଦମ୍ପତିଙ୍କର ସମ୍ମୁଖୀନ ହୋଇ ଅତିଥିଯୁଗଳ ରାତ୍ରିବାସ ଓ ରାତ୍ରିଭୋଜନ ପାଇଁ ପ୍ରସ୍ତାବ କଲେ । ଫିଲୋମନ୍ ଓ ବଶୀଶ୍ ଆନନ୍ଦରେ ଅତିଥିମାନଙ୍କୁ ଅଭିନନ୍ଦିତ କରି କହିଲେ, 'ମହାଶୟଗଣ, ଏହି ଦରିଦ୍ର କୁଟୀରରେ ଆପଣଙ୍କ ଉପଯୋଗୀ ଅଭ୍ୟର୍ଥନା କାହିଁ ପାଇ ପାରିବେ ?

Digitized by srujanika@gmail.com

କିନ୍ତୁ ଯାହା ଅଛି, ସେଥିରେ ମହୋଦୟମାନଙ୍କର ପରିପୂର୍ଣ୍ଣ ଅଧିକାର । ଆସନ୍ତୁ ।' ଏହା କହି ସେମାନଙ୍କୁ କୁଟୀର ମଧ୍ୟକୁ ଘେନିଗଲେ ।

ସେତେବେଳକୁ ରାତ୍ରି ସମାଗତ ହୋଇ ଯାଇଥିଲା ଓ ଶୀତ ପଡ଼ିବାକୁ ଆରମ୍ଭ କରିଥିଲା । ଗୃହାଗ୍ନି ସମ୍ମୁଖରେ ଅତିଥିମାନଙ୍କ ଉପବେଶନ କରାଇ ଦେଇ ଫିଲୋମିନ ଗଳ୍ପ କରିବାରେ ଓ ବଶୀଶ୍ ରାତ୍ରିର ଭୋଜନ ପ୍ରସ୍ତୁତ କରିବାରେ ଲାଗିଲେ ।

ଭୋଜନ ସାମଗ୍ରୀ ପ୍ରସ୍ତୁତ ହୁଅନ୍ତେ ଗୃହସ୍ୱାମୀ ଓ ଅତିଥି ଉଭୟେ ଆସନ ଗ୍ରହଣ କଲେ । ମୋଟା ରୁଟୀ, ମଧୁ, ଦୁଗ୍ଧ ଇତ୍ୟାଦି ଗୃହଲବ୍ଧ ସାଧାରଣ ସାମଗ୍ରୀହିଁ ଭୋଜ୍ୟବସ୍ତୁରୂପେ ପରିବେଶିତ ହୋଇଥିଲା । ତଥାପି ଅତିଥିଯୁଗଳ ପରମ ପରିତୋଷ ସହକାରେ ତାହା ଭୋଜନ କରିବାକୁ ଲାଗିଲେ । ଫିଲୋମିନର ଅତ୍ୟନ୍ତ ସଙ୍କୋଚ ହେଉଥିଲା ଯେ, ସ୍ୱଳ୍ପ ପରିମିତ ଦୁଗ୍ଧ ସମସ୍ତଙ୍କୁ କୁଳାଇବ ନାହିଁ । ଯେତେବେଳେ ଅତିଥି ଦୁହେଁ ଥରେ ଦୁଗ୍ଧ ପାନକରି ଆଉ ଥରକ ଲାଗି ଦୁଗ୍ଧ ମାଗି ବସିଲେ, ଫିଲୋମିନର ସଙ୍କୋଚ ଘନୀଭୂତ ହେବାକୁ ଲାଗିଲା । କିନ୍ତୁ ଅତ୍ୟନ୍ତ ଆଶ୍ଚର୍ଯ୍ୟର ସହିତ ସେ ଦେଖିବାକୁ ପାଇଲା ଯେ, ପୂର୍ବେ ଯେଉଁ ପାତ୍ରରୁ ସମସ୍ତ ଦୁଗ୍ଧ ନିଗାଡ଼ି ସେ ଅତିଥିମାନଙ୍କ ପାତ୍ରରେ ଢାଳି ଦେଇଥିଲା, ଅନାଇଲା ବେଳକୁ ସେ ପାତ୍ର ପୁଣି ଦୁଗ୍ଧରେ ପରି-ପୂର୍ଣ୍ଣ ! ଅତିଥିବର୍ଗଙ୍କୁ ପୁଣି ଦୁଗ୍ଧତକ ଢାଳିଦେଇ, ସେ ଦେଖିଲା ଯେ, ପାତ୍ରରେ ଦୁଗ୍ଧ ସେହିପରି ପରିପୂର୍ଣ୍ଣ ରହିଛି । ଏଥିରେ ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇ ବଶୀଶ୍ ଆଡ଼କୁ ବିସ୍ମିତ ହୋଇ ଚାହିଁଲା । ବଶୀଶ୍ ମଧ୍ୟ ଅତ୍ୟନ୍ତ ବିସ୍ମିତ ହେଲା । କିନ୍ତୁ ଭୟରେ କେହି ଆଉ ସେକଥା ପ୍ରକାଶ କଲେ ନାହିଁ । ଆଉ ମଧ୍ୟ ସେମାନେ ଦେଖିଲେ ଯେ, ସେମାନଙ୍କର ଅତି ପରିଚିତ ରୁଟୀ ସେଦିନ ମିଷ୍ଟତର ଓ ମଧୁ ଅଧିକ ସୌରଭମୟ ବୋଧ ହେଲା ।

Digitized by srujanika@gmail.com

ଭୋଜନ ଶେଷରେ କୁଟୀରର ଏକମାତ୍ର ଶଯ୍ୟାଟିକୁ ଅତିଥିମାନଙ୍କୁ ଛାଡ଼ିଦେଇ, ବୃଦ୍ଧଦମ୍ପତି କଠିନ ଭୂତଳରେ ସେ ନିଶା ଯାପନ କଲେ ।

ପ୍ରାତଃକାଳରେ ବୃଦ୍ଧ ଓ ବୃଦ୍ଧା ଅତିଥିମାନଙ୍କର ପ୍ରାତର୍ଭୋଜନ ଲାଗି, ତାଙ୍କର ଏକମାତ୍ର ହଂସଟିକୁ ବଧ କରିବାକୁ ଯାଉଅଛନ୍ତି, ଏପରି ସମୟରେ ଅତିଥିଯୁଗଳ ଶଯ୍ୟା ତ୍ୟାଗ କରି ଦୁହିଁଙ୍କୁ ସେମାନଙ୍କର ପଥାନୁସରଣ କରିବାକୁ କହିଲେ । ଛଦ୍ମ ଜୁପିଟରଙ୍କ ଭାଷାରେ ଏପରି ଏକ ଶକ୍ତି ଥିଲା ଯେ, ବୃଦ୍ଧ ଦମ୍ପତି ମନ୍ତ୍ରମୁଗ୍ଧବତ୍ ସେମାନଙ୍କର ଅନୁସରଣ କଲେ । କିଛି ଦୂର ଯାଆନ୍ତେ ଗ୍ରାମର ସୀମାନ୍ତବର୍ତ୍ତୀ ଏକ ଉନ୍ନତ ଶିଳାପ୍ରଦେଶରେ ଦଣ୍ଡାୟମାନ ହୋଇ ଅତିଥିଯୁଗଳ ବୃଦ୍ଧଦମ୍ପତି ଆଡ଼କୁ ଚାହିଁ କହିଲେ 'ବୃଦ୍ଧଦମ୍ପତି ! ତୁମର ଗତରାତ୍ରିର ଅତିଥିଯୁଗଳ ଦେବପୁରୁଷ । ବର୍ତ୍ତମାନ ତୁମ ଗ୍ରାମ ଆଡ଼କୁ ଅନାଅ ।'

ଘୋର ବିସ୍ମୟରେ ବୃଦ୍ଧ ଓ ବୃଦ୍ଧା ଚକ୍ଷୁ ମଳିବାକୁ ଲାଗିଲେ । ସେମାନେ ଗ୍ରାମ ଆଡ଼କୁ ଚକ୍ଷୁ ଫେରାଇ ଦେଖିଲେ, ସେ ଜନବସତି ଆଉ ନାହିଁ—ତା ସ୍ଥାନରେ ଏକ ବିରାଟ ହ୍ରଦ ଏବଂ ଅଧିକ ବିସ୍ମୟର ବ୍ୟାପାର ଏହି ଯେ, ସେମାନଙ୍କର କ୍ଷୁଦ୍ର କୁଟୀରଟି ଯେଉଁ ସ୍ଥାନରେ ଥିଲା, ସେଠାରେ ଏକ ବିରାଟ ପ୍ରାସାଦ ଠିଆ ହୋଇଛି । ଜୁପିଟର ସେମାନଙ୍କ ଆଡ଼କୁ ଚାହିଁ କହିଲେ, 'ବୃଦ୍ଧଦମ୍ପତି ! ତୁମ ବ୍ୟତୀତ ତୁମ ଗ୍ରାମର ସମସ୍ତେ ବିନାଶପ୍ରାପ୍ତ ହୋଇ ଅଛନ୍ତି । ସେମାନେ ସେପ୍ରକାର ଶାସ୍ତିର ଉପଯୁକ୍ତ । ବର୍ତ୍ତମାନ ତୁମମାନଙ୍କର କି ଅଭିଳାଷ, ପ୍ରାର୍ଥନା କର ।'

ଫିଲେମନ୍ ଓ ବଶୀସ୍ କ୍ଷଣମାତ୍ର ଚିନ୍ତା କରି ଉତ୍ତର କଲେ, 'ଭଗବାନ୍ ଏହି ବର ଦିଅନ୍ତୁ ଯେ, ଜୀବିତ ଥିବାଯାଏ, ଆମ ଦୁହିଙ୍କର ଦେବପଦରେ ଚିତ୍ତ ଥିବ ଏବଂ ମରଣ ଯେପରି ଦୁହିଙ୍କୁ ଏକ ସମୟରେ

Digitized by srujanika@gmail.com

• ଗ୍ରହଣ କରିବ—ଯେପରି ଏକାର ବିରହଦୁଃଖ ଭୋଗ କରିବାକୁ ଅନ୍ୟ ଜଣକ ବଞ୍ଚି ନ ରହେ ।'

'ତଥାସ୍ତୁ' କହି ସ୍ୱର୍ଗୀୟ ଅତିଥିଦ୍ୱୟ ସହସା ଅନ୍ତର୍ହିତ ହୋଇ-ଗଲେ ।

ଫିଲେମନ୍ ଓ ବଶୀଶ୍ ବହୁକାଳ ବଞ୍ଚିରହିଲେ । ଏହାପରେ ବହୁ ସମ୍ପଦର ଅଧିକାରୀ ହେଲେହେଁ ସେମାନଙ୍କର ଜୀବନଯାପନ ପ୍ରଣାଳୀ ଆଦୌ ପରିବର୍ତ୍ତିତ ହୋଇନଥିଲା ଏବଂ ପୂର୍ବପରି ସେମାନଙ୍କର ଦ୍ୱାର ଅତିଥିମାନଙ୍କ ଲାଗି ଉନ୍ମୁକ୍ତ ଥିଲା ।

ବହୁବର୍ଷ ବଞ୍ଚିଲା ପରେ ଇହ ଜୀବନର ବିବିଧ ଭୋଗ ପ୍ରତି ସେମାନଙ୍କର କ୍ରମେ ବିତୃଷ୍ଣା ଆସିଲା । ଦିନେ ଦୀର୍ଘ ଜୀବନର ସୁଖ-ସ୍ମୃତି ସବୁ ସ୍ମରଣ କରି ଦୁହେଁ ହାତ ଧରାଧରି ହୋଇ ସେମାନଙ୍କ ଗୃହର ବହିର୍ଦେଶରେ ଦଣ୍ଡାୟମାନ ହୋଇ ଅଛନ୍ତି, ଏହିପରି ସମୟରେ ଦୁହିଙ୍କର ଜୀବନବାୟୁ ଏକାବେଳେକେ ବହିର୍ଗତ ହୋଇଗଲା ।

କିଛିଦିନପରେ ଦେଖାଗଲା, ସେମାନେ ଯେଉଁ ସ୍ଥାନରେ ଦଣ୍ଡାୟମାନ ରହିଥିଲେ, ସେଠାରେ ଦୁଇଟି ଛାୟାପ୍ରଦ ବୃକ୍ଷ ଜାତ ଓ ବିସ୍ତୃତ ହୋଇ ଉଠିଅଛନ୍ତି । ସେମାନଙ୍କର ଶାଖା ପ୍ରଶାଖା ପରସ୍ପର ସହ ଛନ୍ଦାଛନ୍ଦି ହୋଇ ପବନମର୍ମ୍ମର ଛଳରେ ଯେପରି ବିଶ୍ରମ୍ଭାଳାପ କରୁ-ଅଛନ୍ତି ।

—ପ୍ରଶ୍ନ—

(କ) ୧ । ଝୁପିଟର ଓ ମର୍କରି କିଏ ?

୨ । ଫିଲେମନ୍ ଓ ବଶୀଶ ସେମାନଙ୍କର କିପରି ଅତିଥିସେବା କଲେ ?

Digitized by srujanika@gmail.com

୩ । ଉପତ୍ୟକାବାସୀମାନେ କାହାଁକ ଓ କପର ଦଣ୍ଡିତ ହେଲେ ?

(ଖ) ୧ । ପ୍ରକୃତିପ୍ରତ୍ୟୟ ଲେଖ :—
ଅବତରଣ, ଗୃହସ୍ଥ, ବିପନ୍ନ ।

୨ । ପ୍ରଥମ ଅନୁଚ୍ଛେଦରେ ଥିବା ପ୍ରତ୍ୟେକ ବାକ୍ୟର କର୍ତ୍ତା ଓ କ୍ରିୟା ଚିହ୍ନାଅ ।

ଅନଙ୍ଗଭୀମଦେବଙ୍କ ଦରବାର

(ବାରବାଟୀ ଦୁର୍ଗରେ ସଭାଗୃହ । ମହାରାଜ ଅନଙ୍ଗଭୀମ ପାତ୍ରମନ୍ତ୍ରୀ ପରିବେଷ୍ଟିତ ହୋଇ ସମୁଚିତ ଦେଶରେ ସିଂହାସନୋପବିଷ୍ଟ । ପରିଚାରକଗଣ ଚାମର ଓ ବ୍ୟଜନ ଚାଳନରେ ରତ । ଧୂପଗନ୍ଧରେ ସଭାଗୃହ ପୂର୍ଣ୍ଣ । ସଭାର ଏକ ପାର୍ଶ୍ୱରେ ସ୍ୱର୍ଣ୍ଣଦଣ୍ଡଧାରୀ ଖୁଣ୍ଟିଆ ଓ ଅନ୍ୟ ପାର୍ଶ୍ୱରେ ଦୌବାରିକ)

ପ୍ରଧାନ ମନ୍ତ୍ରୀ— ଦୌବାରିକ, ପ୍ରଥମେ ଗୌଡ଼ରାଜାଙ୍କୁ ଆଣି, ପରେ ନିୟମାନୁଯାୟୀ ଅନ୍ୟ ସାମନ୍ତ ନୃପତିମାନଙ୍କୁ ପଥ ଦେଖାଇ ଆଣ ।

ଦୌବାରିକ— ଯେ ଆଜ୍ଞା । (ପ୍ରସ୍ଥାନ)

ଖୁଣ୍ଟିଆ— ଯା ଉର୍ବର ଦେଶମାଟି ସୁଜଳା ସୁଫଳା
ଗଙ୍ଗାବ୍ରହ୍ମପୁତ୍ର ଜଳେ ନିତ୍ୟ ଅଭିଷିକ୍ତା,
ଯା ମୁକୁଟ ହିମାଚଳ, ପଦ ମହୋଦଧି,
ବୀର ଶ୍ରୀ ଲକ୍ଷ୍ମଣସେନ ସେ-ଦେଶ ରାଜନ,
ଗଜପତି ଦର୍ଶନାଶେ ଉଭା ଶ୍ରୀ ଛାମୁରେ ।

Digitized by srujanika@gmail.com

(ରାଜା ଶ୍ରୀ ଲକ୍ଷ୍ମଣସେନଙ୍କର ପ୍ରବେଶ ଓ ଗଜପତିଙ୍କୁ ଅଭିବାଦନ)

ଅନଙ୍ଗ— (ଉଠି) ଆସନ୍ତୁ ଗଉଡ଼-ନୃପ, ସ୍ୱାଗତ ଆପଣ ।
ପବିତ୍ର ଉତ୍କଳ-ଧାମ,—ଦୁଆର ଏହାର
ଚିରମୁକ୍ତ ଅତିଥିଙ୍କ ସତ୍କାର ଲାଗି ।
ଦୀନଗୃହେ ମମ,
ଆପଣଙ୍କ ଯୋଗ୍ୟାତିଥ୍ୟ ପାରିବି ଯୋଗାଇ
ଏ ଦୁରାଶା ନାହିଁ ମୋର ; ଯାହା କିଛି ଅଛି
ସବୁ କିନ୍ତୁ ଆପଣଙ୍କ ।
ରହିବେ ଏ ଦୁର୍ଗେ,
ଅଥବା ଶ୍ରୀ ନୀଳାଚଳେ ; ଯହିଁ ଇଚ୍ଛା ତବ ;
କରିବି ନା' ଆୟୋଜନ ।
ପୁଣ୍ୟ ଆର୍ଶୀବାଦରି
ଶୁଣୁଛି ବିପନ୍ନ ଏବେ ନବ ଶତ୍ରୁ ହସ୍ତେ ।
ବାସନା ତାହାର, ରାଜ୍ୟ ସଙ୍ଗେ ଧର୍ମ ମଧ୍ୟ କରିଣ ନିପାତ
ପୋତିବ ତା ଧର୍ମ-ଧ୍ୱଜା ।
ଜଗନ୍ନାଥଙ୍କର
ସୁଦୀନ ସେବକ ରୂପେ କର୍ତ୍ତବ୍ୟ ଆମ୍ଭର
ରକ୍ଷିବୁ ବୈଦିକ ଧର୍ମେ । ତେଣୁ ଗୌଡ଼ରାଜ !
ତୁମ୍ଭ ଶତ୍ରୁ, ଆମ୍ଭ ଶତ୍ରୁ । ନିଶ୍ଚିନ୍ତରେ ରହି
ଶ୍ରୀ ସେବେ କରନ୍ତୁ ପୂଜା ନୀଳାଦ୍ରିନାଥର
ଗୌଡ଼-ଜୟ ପ୍ରତିହିଂସା ଦେବି ମୁଁ ଶତ୍ରୁରେ ।

ଲକ୍ଷ୍ମଣସେନ— ମହାରାଜ ଉତ୍କଳେଶ,
କେମନ୍ତେ ମୁଁ ଭାବ ମୋର ଭାଷେ ପ୍ରକାଶିବ
ନାହିଁ ଜାଣିପାରେ ଆଜ । ବିତାଡ଼ିତ ଦେଶୁ

Digitized by srujanika@gmail.com

ଅଗଣିତ ଅତ୍ୟାଗ୍ରହରେ ; ତଥାପି ମୋ ପ୍ରାଣେ
ଅସୀମ ଆନନ୍ଦ ଆସେ ଦେଖି ଏ ପବନ
ଉତ୍କଳ ସାମ୍ରାଜ୍ୟ ଦମ୍ଭେ ସ୍ୱାଧୀନ ଅଦ୍ୟାପି ।
ଭାଗୀରଥୀ କୂଳୁ ମୁହିଁ ଦେଖି ଯେ ଆସିଲି
ମହାନଦୀ କୂଳଯାଏଁ ମହା ଦୁର୍ଗମାଳା
ସୁଶିକ୍ଷିତ ସୈନ୍ୟସମ ଏକ ପରେ ଏକ
ଶତ୍ରୁଙ୍କୁ ଅପେକ୍ଷା କରି ସତର୍କ ସର୍ବଦା ;
ନୁହେଁ ତାହା ଅଗୋଚର ଅଗଣିତ ଶ୍ରବଣେ,
ତେଣୁ ସେ ଏ ଦୁର୍ଗାରଣ୍ୟେ ଭୀତ ପଶିବାକୁ ।
ମହାପ୍ରଭୁ ଜଗନ୍ନାଥ, ନାଥ ଏ ଦେଶର,
ତେଣୁ ଏ ଉତ୍କଳ,
ଧନେ, ମାନେ, କୀର୍ତ୍ତି ଯଶେ, ଅତୁଳ ଭାରତେ ।
ମନ୍ଦିର-ମୁକୁଟ ଦେଶ, ଦୁର୍ଗ-କଣ୍ଟକିତ,
ଦୁର୍ଦ୍ଧର୍ଷ କୃଷକ ସେନା, ତୁଷ୍ଟ ପ୍ରଜାକୁଳ
ଦେବେ ପ୍ରାଣ ଇଙ୍ଗିତରେ ଗଜପତି ପାଇଁ ।
ଜଗନ୍ନାଥ ଆଶୀଷରେ ଏ ମହା ବିଭବ
ରହୁ ଚିର ଏ ଉତ୍କଳେ । ତା'ହେଲେ ଅଗଣିତ
ନ ମାଡ଼ିବ କେବେ ହେଲେ ଏ ପାବନ ମାଟି ।
ବୃଦ୍ଧ ମୁହିଁ ଶୁକ୍ଳ କେଶ । ତୁମ୍ଭେ ଗଜପତି
ପୁତ୍ର ସମ ମୋ ଚକ୍ଷୁରେ । ଏହି ଆଶୀର୍ବାଦ
ଏ ପ୍ରାର୍ଥନା, ଏ କାମନା ପ୍ରେରେ ମୋ ଅନ୍ତରୁ
ହେଉନ୍ତୁ ତୁମ୍ଭର ତୁଙ୍ଗ ଆତିଥ୍ୟ ଏ ଭୂମେ ।
ଅନଙ୍ଗ— ପୂଜ୍ୟ ସମ ସେ ଆଶୀଷ କଲି ମୁଁ ଗ୍ରହଣ ।
ନିବସନ୍ତୁ ପାଖେ ମମ । (ବସାଇବା)

Digitized by srujanika@gmail.com

ସାମନ୍ତ ରାଜନେ
ଆସନ୍ତୁ ଏଥର ମନ୍ତ୍ରୀ ।
ଖୁଣ୍ଟିଆ— ଉତ୍ତର ଉତ୍କଳେ ରାଜ୍ୟ-ପ୍ରଧାନ-ସାମନ୍ତ,
ସାନ୍ତାଳ ସୈନ୍ୟଙ୍କେ ଯାର ସୁସଜ୍ଜିତ ସଦା
ଦୁର୍ଭେଦ୍ୟ ପ୍ରାଚୀର ରୂପେ ଉତ୍କଳ ରାଜ୍ୟର;
ମେଘାସନ-ମେଘାକୁଳ-ଅରଣ୍ୟେ ଯାହାର
ବ୍ୟାଘ୍ର-ହସ୍ତୀ-ବଦାରଣ ଚିତ୍ତ-ବିନୋଦନ,
ଯା' ପ୍ରତାପେ ତାମ୍ରଲିପ୍ତି ମହା ପୋତାଶ୍ରୟ
ଜଳଦସ୍ୟୁ ଅତ୍ୟାଚାରୁ ଚିର ରହି ମୁକ୍ତ,
ହୋଇଛନ୍ତି ସକଳ ଦେଶ ସାଧବଙ୍କ ପୀଠ;
ସେହି ସେ ମୟୂରଧ୍ୱଜ ହରିପୁର ରାଜା
ଦୂର ଭଞ୍ଜ ଭୂମି ଛାଡ଼ି ଆସିଛନ୍ତି ଆଜ
ରାଜଦ୍ୱାରେ ଗଜପତି ଦରଶନ ଆଶେ ।
(ହରିପୁର ରାଜାଙ୍କ ପ୍ରବେଶ)
ଅନଙ୍ଗ—ଆସନ୍ତୁ ସାମନ୍ତ-ମଣି ହରିପୁର ନୃପ ।
ଆପଣ-ପ୍ରେରିତ
ଦ୍ୱିରଦରଦ ପଲଙ୍କ, ମୟୂର ବ୍ୟଜନ
ପାଇଅଛନ୍ତି ସମ୍ବର୍ଦ୍ଧନା ମହାରାଣୀଙ୍କର ।
ଆଶାକରେ ସବୁ ଶୁଭ ରାଜ୍ୟେ ଆପଣଙ୍କ ।
ଶୁଣିବେଣି କନୁ ନଷ୍ଟେ ଭାଗୀରଥୀ-କୂଳେ
ଅରାତିର ସମାବେଶ । ସୀମାନ୍ତ-ସାମନ୍ତ
ଆପଣ ରହିବେ ଏବେ ଚିର ଜାଗରୂକ ।
ଅଥବା କୁଟିଳ-ଚିତ୍ତ ଅରାତି ଏ ଭୂମେ
କୌଶଳେ ପଶିବ, ଘରେ ପଶେ ଯେସନେ ମୂଷା ।

Digitized by srujanika@gmail.com

ହରିପୁର—ଜାଣିଥାନ୍ତୁ ମହାରାଜ, ଅବାଡ-ଜରତ
ଭକ୍ଷିବାକୁ ଉତ୍କଣ୍ଠ ମୋ ସହସ୍ର ମୟୂର ।
ଭଞ୍ଜରାଜ ଥାଉ ଥାଉ ଉତ୍କଳ ସୀମାନ୍ତେ
କିଏ ସେ କରିବ ଗଜପତି-ଗରବ-ଭଞ୍ଜନ ? (ଉପବେଶନ)

ସକଳେ— ସାଧୁ, ସାଧୁ ! (ତାଳିଦାନ)

ଖେମୁଣ୍ଡିଆ— ଋଷିକୁଲ୍ୟା-ଗୋଦାବରୀ-ନୀର-ବିଧୌତ,
ପାଶେ ସିନ୍ଧୁ, ପାଶେ ତୁଙ୍ଗ ମହେନ୍ଦ୍ର ଯାହାର
ପରିଖା, ପ୍ରାଚୀର ରୂପେ ସୃଜିଅଛି ବିଧି,
ଭୟହୀନ କନ୍ଧ ସେନା ରାଜ୍ୟରକ୍ଷୀ ଯାର,
ଉତ୍କଳ ଦକ୍ଷିଣ-ସୀମା-ଦ୍ୱାର-ରକ୍ଷୀ ସମ
ଗଜପତି-ଜ୍ଞାତି ରାଜା କଳିଙ୍ଗ ବିଶର
ଦକ୍ଷିଣୁଁ ଗଞ୍ଜାମ ଦୁର୍ଗୁଁ ଆସିଛନ୍ତି ଆଜ
ସମ୍ରାଟଙ୍କ ପଦତଳେ ନେବାକୁ ସମ୍ମାନ ।
(ଗଞ୍ଜାମ ରାଜାଙ୍କ ପ୍ରବେଶ)

ଅନଙ୍ଗ— କୁଶଳ ତ ସବୁ ରାଜ୍ୟେ ?

ଗଞ୍ଜାମ—ସମସ୍ତ କୁଶଳ । (ଉପବେଶନ)

ଖେମୁଣ୍ଡିଆ— ଯା ଭୂମି-କନ୍ଦର ସବୁ ହୁଏ ଆଲୋକିତ
ହୀରକ ଜ୍ୟୋତିରେ ; ମହାନଦୀ ଦୁର୍ନିବାର
ତରୁଣୀ ସମାନ, ଯହିଁ ଉପଳ-ସଂକୁଳ
ବିଷମ ଶଯ୍ୟାରେ ଆସେ କ୍ଷିପ୍ରସ୍ରୋତେ ଧାଇଁ,
ଅନେକ-ସାମନ୍ତ-ସମର୍ପିତ ଯା' ଆସନ,
ହୀରାଖଣ୍ଡ ଅଧିପତି, କୋଶଳ ବଂଶଜ
ଆସିଛନ୍ତି ଗଜପତି ଯୁମ୍ଭ ଦରଶନେ ।
(ହୀରାଖଣ୍ଡଙ୍କର ପ୍ରବେଶ)

Digitized by srujanika@gmail.com

ଅନଙ୍ଗ— ଆସନ୍ତୁ ସମ୍ବଲପତ, ବଳ ଓ ସମ୍ବଲ
ଉତ୍କଳର ପଶ୍ଚିମରେ । କୁଶଳତ ସବୁ ?

ହୀରାଖଣ୍ଡ— ସମସ୍ତ କୁଶଳ । (ଉପବେଶନ)

ଖୁଣ୍ଟିଆ— ଅନୁଗୋଳ, ଅନୁବ୍ରତେ ଅଶୁ ଯାହାଙ୍କର
ଧାମଇ ଦନ୍ତାଳ-ମୁଖେ ଶ୍ୱାପଦ ପଶ୍ଚାତେ ;
ଯୁବରାଜ ବନ୍ଧୁବର ; ମଧ୍ୟମ ଉତ୍କଳେ
ଯା ଉଜ୍ଜ୍ୱଳ ତରବାରୀ ରଖିଛି ଶଂକିତ
ପାର୍ବତ୍ୟ ତସ୍କର ଜନେ, କରି ନିରାପଦ
ପରଜାଙ୍କ ଧନ-ଜନ ; ମହାନଦୀ ଯାର
ଉଚିତ ପରିଖା ପାଇଁ ହୋଇ ସଙ୍କୁଚିତ
ହୋଇଅଛି ନନ୍ଦନକମର ଭ୍ରମ ଗଣ୍ଡ,
ଭୀଷଣ-ସୁନ୍ଦର ସାତକୋଶିଆ ପ୍ରସିଦ୍ଧ ;
ସେହି ଅନୁଗୋଳରାଜ ଆସିଛନ୍ତି ଆଜ
ଶ୍ରୀଗୁରୁଙ୍କ ଦରଶନ ଆଶେ ଏ ସଭାରେ ।

(ଅନୁଗୋଳଙ୍କର ପ୍ରବେଶ)

ଅନଙ୍ଗ—ଆସନ୍ତୁ ନା ଅନୁଗୋଳ !
ତବ ପିତା ସଙ୍ଗେ
ତରୁଣ ବୟସେ କରିବାର ନନ୍ଦାଧୃତା
ସାତକୋଶୀ ଗଣ୍ଡେ, ପୁଣି କୁଳର ପର୍ବତେ
କେତେ କେତେ ମାରିବାର ବ୍ୟାଘ୍ର, ଦନ୍ତାବଳ
ସବୁ ମୋର ମନେ ପଡେ । କୁଶଳ ତ ସବୁ ?

ଅନୁଗୋଳ—ସମସ୍ତ କୁଶଳ (ଉପବେଶନ)
(ସହସା ଦୌବାରିକର ପ୍ରବେଶ)

Digitized by srujanika@gmail.com

ଦୌବାରିକ— ମହାରାଜ,

ତୁରନ୍ତ ଉଦନ୍ତ ମୋର ଥିବାରୁ ଜଣାଣ
ସଭାକାର୍ଯ୍ୟେ ଶ୍ରୀମୁଖଙ୍କର ଦେଉଅଛି ବାଧା ।

ଅନଙ୍ଗ—କହିବାର ଅଛି ଯାହା କହ ନିର୍ଭୟରେ ।

ଦୌବାରିକ—ମାଳବ ଦେଶରୁ ଆମ୍ଭ ରାଜ ପୁରୋହିତ,

ଦକ୍ଷିଣରୁ ଯୁବରାଜ ଫେରିଛନ୍ତି ଏବେ ।

ଅନଙ୍ଗ—କି ଭାଗ୍ୟ, ଯାଅ ମନ୍ତ୍ରୀ, ·ଯୁବରାଜଙ୍କୁ କହ ପ୍ରଥମେ ମାଁଙ୍କ ସଙ୍ଗେ ଦେଖା କରିବେ । ଆଉ, ପୁରୋହିତଙ୍କୁ ଶୀଘ୍ର ଏଠାକୁ ଘେନିଆସ । ମାଳବ ଦେଶର ସମ୍ବାଦ ଜାଣିବାକୁ ମୁଁ ଅତ୍ୟନ୍ତ ଉତ୍କଣ୍ଠିତ ।

ଦୌବାରିକ—ଯେ ଆଜ୍ଞା ମହାରାଜ ! (ମନ୍ତ୍ରୀ ଓ ଦୌବାରିକର ପ୍ରସ୍ଥାନ)

ଅନଙ୍ଗ—(ଲକ୍ଷ୍ମଣ ସେନଙ୍କୁ ଅନାଇଁ) ଉତ୍କଳ ପରି ମାଳବ ମଧ୍ୟ ଏଯାବତ୍ ଶତ୍ରୁ-ମୁକ୍ତ । ମୋର ପିଲାଦିନେ ମାଳବରାଜା ନୀଳାଚଳ ଦର୍ଶନକୁ ଆସିଥିଲେ । ମାଳବ ରାଜଧାନୀ ଉଜ୍ଜୟିନୀ କାଳିଦାସଙ୍କ ପ୍ରିୟ ନଗରୀ । ରାଜବାଳାମାନଙ୍କର ରୂପଲାବଣ୍ୟ ଓ ରାଜପୁରୁଷମାନଙ୍କର ଗୌରବର୍ଣ୍ଣ ଓ ଶାଳପ୍ରାଂଶୁ ଆକୃତି ଦେଖି କାଳିଦାସଙ୍କ ନାୟକ ନାୟିକା ସବୁ ମନେ ପଡ଼ିଲେ । ସେହି ସ୍ଥାନର ଲୋକଙ୍କୁ ଦେଖି ମହାକାବ୍ୟ କାବ୍ୟ ରଚନା କରିଥିବା ଖୁବ୍ ସମ୍ଭବ । ଏଇ ଯେ ପଣ୍ଡିତେ ଆସିଲେ । (ପୁରୋହିତଙ୍କ ପ୍ରବେଶ) କି ସମ୍ବାଦ ପଣ୍ଡିତ ଆପଣେ ? ସବୁ ଶୁଭ ତ ?

ପୁରୋହିତ—(ଆଶୀର୍ବାଦାନ୍ତର) ସମସ୍ତ କୁଶଳ । ପରେ ପୁଙ୍ଖାନୁପୁଙ୍ଖ-ରୂପେ ମୋର ଯାତ୍ରା ବର୍ଣ୍ଣନା କରିବି । ବର୍ତ୍ତମାନ ଏ ସଭା-ସ୍ଥଳରେ ଏତିକିମାତ୍ର ପ୍ରକାଶ କରେଁ ଯେ ମାଳବରାଜ ଯୁବରାଜଙ୍କୁ

Digitized by srujanika@gmail.com

କନ୍ୟା-ପ୍ରଦାନ ପାଇଁ ମୋ ସଙ୍ଗରେ ତାଙ୍କର କୁଳପୁରୋହିତ ହସ୍ତରେ ଶ୍ରୀଫଳ ପ୍ରେରଣ କରି ଅଛନ୍ତି ।

ସମସ୍ତେ—ସାଧୁ, ସାଧୁ ।

ସଦସ୍ୟ—(ଉଠିପଡ଼ି) ବାଃ ବାଃ ବଣିଆ ଭାଇନା, ଚୋଟାଏ କାମ କଲ୍ ଜାଣି ଏତେଦିନେ । କାଲିକାର ବଣିଆ ଭାଇନା, ଆମ ସାଥିରେ କେଉଣ୍ଟି ମାରୁଥିଲ, ତୁ ପୁଣି ଇଭିତରେ କାହିଁ ମାଳବ ଯାଇ, ଯୁବରାଜଙ୍କ ପାଇଁ ଜେମା ଠିକ୍ କରି ଆସିଲଣି । କୁଣ୍ଡଳ, କଙ୍କଣ, ପାଟପଥାଡ ଢେର୍ ପାଇଥିବୁ । କାଢ଼୍ କାଢ଼୍ ଭାଇନା ସମସ୍ତେ ଦେଖିବା ! !

ଅନଙ୍ଗ— ଥାଉ ଥାଉ ସଦସ୍ୟେ ; ଯେ କାମପାଇଁ କ'ଣ ଏ ସ୍ଥାନ ? ଏତେକ ଯା ଜ୍ଞାନ ହେଲାନ । ବସିପଡ଼ ନିଜ ଜାଗାରେ । (ସଦସ୍ୟ ଓ ପୁରୋହିତଙ୍କର ଉପବେଶନ)

ଶୁଣହେ ସାମନ୍ତ ନୃପେ,
ଜାଣିଛତ , ସର୍ବେ
ଉତ୍ତର ସୀମାନ୍ତେ ନବ ଅରାତି ବିପଦ ?
ସଜ୍ଜିତ ରହିବ ଅଜଠାରୁ ଅହୋରାତ୍ର
ଧର୍ମାତ୍ମାଙ୍କର ରକ୍ଷା ଲାଗି ;
ପାଳୁଥିବ ଏଣେ,
ନିଜ ନିଜ ରାଜ୍ୟଖଣ୍ଡ, ପିତା ଯେମନ୍ତେ ପାଳେ
ନିଜ ସନ୍ତତିରେ, ହୃଦୟର ରସ ଦେଇ ।
ବିରାଟ ଉତ୍କଳ ରାଜ୍ୟ ନିଲି ମୁଁ ଯତନେ,
ଭିନ୍ନ ଭିନ୍ନ କରିଅଛୁ ଦେଶର ସମ୍ପଦ ।

Digitized by srujanika@gmail.com

ଧର୍ମ ଲାଗି, ପ୍ରଜାଲାଗି ଉତ୍ସୃଷ୍ଟ ଯେ ବିତ୍ତ
କେବେହେଲେ ନିଜ ସୁଖେ ନାହିଁ ଲଗାଇବ ।
ପ୍ରଜାସୁଖ-କଣ୍ଟା ଯଦି ହୁଏ କେ ସାମନ୍ତ
ଜାଣିଲାକ୍ଷଣି ମୁଁ ତାଙ୍କୁ କରିବି ବିଚ୍ୟୁତ
ପଇତୃକ ସିଂହାସନୁ ।

କାଳି ପ୍ରଭାତରୁ
କରିବା ଏଠାରୁ ଯାତ୍ରା ପବିତ୍ର ଶ୍ରୀକ୍ଷେତ୍ରେ,
ବିଶ୍ୱକର୍ମା ବାଜପେୟୀ ରଚିଛନ୍ତି ଯହିଁ
ଉତ୍ତୁଙ୍ଗ ମନ୍ଦିର ପ୍ରଭୁପାଇଁ ମୋ ଆଦେଶେ ।
ହୋଇବ ପ୍ରତିଷ୍ଠା ତାର ।
ଧର୍ମଦୁର୍ଗ ସେହୁ,
କର୍ମଦୁର୍ଗ ବାରବାଟୀ,
ଦୁଇ ଏହୁ ଦୁର୍ଗେ
ଯେତେଦିନ ଉତ୍କଳୀଏ ଥିବେ ରକ୍ଷି ମନେ,
ସାମଞ୍ଜସ୍ୟ ରକ୍ଷି ଉଭୟରେ,
ସେତେଦିନ ଏ ସାମ୍ରାଜ୍ୟ ରହିବ ଅକ୍ଷୁର୍ଣ୍ଣ ।
ଯବନ ବା ଅନ୍ୟ ଶତ୍ରୁ ନପାରିବେ ପଶି
ପବିତ୍ର ଉତ୍କଳ-ଭୂମେ
ସଭା ହେଉ ଭଙ୍ଗ,
ଯାଅ ଦେବଦର୍ଶେ, କର ସଭିଙ୍କର ଚର୍ଚ୍ଚା ।

(ପଠିପଢନ)

—ପ୍ରଶ୍ନ—

(କ) ୧ । ଲକ୍ଷ୍ମଣ ସେନ କାହିଁକି ଅନଙ୍ଗଭୀମଦେବଙ୍କ ନିକଟକୁ ଆସିଥିଲେ ? ସେ ତାଙ୍କର କିପରି ଅତିଥି ସତ୍କାର କଲେ ?

Digitized by srujanika@gmail.com

୨ । ରାଜଦରବାରକୁ ଯେଉଁ ସାମନ୍ତ ରାଜାମାନେ ଆସିଥିଲେ ସେମାନଙ୍କ ସଂକ୍ଷିପ୍ତ ପରିଚୟ ଦିଅ ।

୩ । ଦରବାରରେ ରାଜା ସାମନ୍ତମାନଙ୍କୁ ଯେଉଁ ଆଦେଶ ଓ ଉପଦେଶ ଦେଇଥିଲେ ତାହା ବର୍ଣ୍ଣନ କର ।

(ଖ) ୧ । ଶୁକ୍ଳ-କେଶ, ମୟୂରଧ୍ୱଜ, ଉପଳ-ସଙ୍କୁଳ, ଶଙ୍ଖ-ମୁକ୍ତ, —ଏଗୁଡ଼ିକର କପର ସମାସ ହୋଇଅଛି ଦେଖାଅ ।

୨ । ଦୁର୍ଦ୍ଧର୍ଷ, ଅବିରତ, ସମ୍ବର୍ଦ୍ଧନା, ସମାବେଶ, ଉରଗ, ଦ୍ୱିରଦ, ଉପଳ, ଶ୍ୱାପଦ, ତସ୍କର, ଶାଳପ୍ରାଂଶୁ— ଏଗୁଡ଼ିକର ଅର୍ଥ ଲେଖ ।

ମୁଦ୍ରାକର—ରାମକୃଷ୍ଣ ନନ୍ଦ, ବି.ଏ., ବି.ଇଡ
ସତ୍ୟନାରାୟଣ ପ୍ରେସ, ତେଲେଙ୍ଗାବଜାର, କଟକ-୧

Digitized by srujanika@gmail.com